All Right Reserved

ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ

ଛୟାଳିଶ ପଟଳ

ପ୍ରଥମଖଣ୍ଡ



ପ୍ରକାଶକ:—
ଶ୍ରୀ ନାରାୟଣ ଚନ୍ଦ୍ର ଦାସ

ମୂଲ୍ୟ ଦଶଅଣା ମାତ୍ର ।

GPNanda Colln., Digitized by srujanika@gmail.com

ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ

ଛୟାଳିଶ ପଟଳ

ପ୍ର ଥ ମ ଖ ଣ୍ଡ

୰ ମହାତ୍ମା ବୃନ୍ଦାବନ ଦାସ ବାବାଙ୍କ ଶିଷ୍ୟ

ଶ୍ରୀ ଫକୀର ମହାନ୍ତଙ୍କ ଦ୍ୱାରା

ସରଳ ଓଡ଼ିଆ ଭାଷାରେ ଲିଖିତ ।

ପ୍ର କା ଶ କ

ଶ୍ରୀ ନାରାୟଣଚନ୍ଦ୍ର ଦାସ

ପଞ୍ଚମ ମୁଦ୍ରଣ ।

ମୂଲ୍ୟ ଠ ୦ ୵ ଦଶପଣା ମାତ୍ର ।

GPNanda Colln., Digitized by srujanika@gmail.com

ଭୂମିକା

ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଙ୍କପର ଭକ୍ତ ଓ ବ୍ରହ୍ମଜ୍ଞାନୀ ଥିଲେ ତାହା କାହାରିକି ବୁଝାଇବାକୁ ହେବ ନାହିଁ । ସେହି ମହାପୁରୁଷ ଛୟାଳିଶ ପଟଳ ନାମକ ଭକ୍ତିଗ୍ରନ୍ଥ କରି ଯାଇଥିଲେ । ସେଥିରେ ଯନ୍ତ୍ର ବିସାଣପଦ ମଧ୍ୟ ବୁଝାଇ ଯାଇଥିଲେ କିନ୍ତୁ ସାଧାରଣରେ ତାହା ବୁଝିବା ବଡ଼ କଷ୍ଟକର । ଏହି ଗ୍ରନ୍ଥକୁ ସାଧାରଣରେ ପ୍ରକାଶ କରି ଯନ୍ତ୍ର ସବୁ ଦେଇ ଛପାଇବାକୁ ଇଚ୍ଛା କରି ପ୍ରଥମେ ଦ୍ୱିତୀୟ ଖଣ୍ଡ ଛାପା କରାଇ ଥିଲି । ସେଥିରେ ଲୋକଙ୍କର ଆଦର ଦେଖି ପ୍ରଥମ ଖଣ୍ଡ ମଧ୍ୟ ବିସ୍ତୃତ ଯନ୍ତ୍ରସହ ଛାପା କରାଇ ସାଧାରଣରେ ପ୍ରକାଶ କଲି । ବିଶେଷ ଅନୁରୋଧ ଯେଉଁମାନେ ପରିଷ୍କାର ବୁଝି ନ ପାରିବେ ସେମାନେ କଟକ ଓଗରପଡ଼ା ନିବାସୀ ଶ୍ରୀ ଫକୀର ମହାନ୍ତିଙ୍କ ନିକଟକୁ ଆସିଲେ ସେ ମହାଶୟଙ୍କଠାରୁ ସମସ୍ତ ତତ୍ତ୍ୱ ଭଲ ରକମ ବୁଝି ପାରିବେ । ଇତି ।

ନାରାୟଣ ପୁସ୍ତକାଳୟ ଓଗରପଡ଼ା କଟକ	ପ୍ରକାଶକ ଶ୍ରୀ ନାରାୟଣଚନ୍ଦ୍ର ଦାସ

GPNanda Colln., Digitized by srujanika@gmail.com

ସୂଚୀ ପତ୍ର

ପଟଳ	ବିଷୟ	ପୃଷ୍ଠା
ପ୍ରଥମ ...	ନାମତତ୍ତ୍ୱ ...	୧
ଦ୍ୱିତୀୟ ...	ନାମ ମହିମା ...	୫
ତୃତୀୟ ...	ନାମ ବ୍ରହ୍ମବାଦ ...	୮
ଚତୁର୍ଥ ...	ଜୀବ ପରମ ବିବରଣ ...	୧୦
ପଞ୍ଚମ ...	ଯୁଗଳ ଅଙ୍ଗ ସଂକ୍ଷେପ ଭେଦ ...	୧୭
ଷଷ୍ଠ ...	ଯୁଗାନୁରୂପ ଅବତାର ...	୧୯
ସପ୍ତମ ...	ଗୁରୁବଦଗ ଲକ୍ଷଣ ନିରୂପଣ ...	୨୧
ଅଷ୍ଟମ ...	ଅସ୍ତ୍ର ଚରିତ ...	୨୩
ନବମ ...	ଅଗତ ଭବିଷ ...	୨୭
ଦଶମ ...	ପ୍ରସିଦ୍ଧ ପୀଠ ସ୍ଥାନ ନିର୍ଣ୍ଣୟ ...	୩୧
ଏକାଦଶ ...	ମହିମା ଧର୍ମ ...	୩୬
ଦ୍ୱାଦଶ ...	ଗୋଲହାଟ ନିରୂପଣ ...	୪୧
ତ୍ରୟୋଦଶ ...	ଗୋଲହାଟ ବିବରଣ ...	୪୩
ଚତୁର୍ଦ୍ଦଶ ...	ଭାଗବତ ଜନ୍ମ ...	୪୭
ପଞ୍ଚଦଶ ...	ସପ୍ତାଙ୍ଗଯୋଗ ବିବରଣ ...	୪୯
ଷୋଡ଼ଶ ...	ଚନ୍ଦ୍ରସୂର୍ଯ୍ୟ ନାଡ଼ୀ ...	୫୪
ସପ୍ତଦଶ ...	ଶବ୍ଦଭେଦ ନିରୂପଣ ...	୫୭
ଅଷ୍ଟାଦଶ ...	ଛକୃତ ମହିମା ...	୬୧
ଊନବିଂଶ ...	ମହାବିଶ୍ୱଠ ମନ୍ତ୍ରଭେଦ ...	୬୪
ବିଂଶ ...	ବ୍ରହ୍ମଭାବ ଭକ୍ତି ବିଷୟ ...	୬୯
ଏକବିଂଶ ...	ପିଣ୍ଡ ବ୍ରହ୍ମାଣ୍ଡ ...	୭୩
ଦ୍ୱାବିଂଶ ...	ଯୋଗସାଧନ	୭୨
ତ୍ରୟୋବିଂଶ ...	ପଞ୍ଚଭୂତ ବିବାଦ ...	୭୮
ଚତୁର୍ବିଂଶ ...	ପିଣ୍ଡବ୍ରହ୍ମାଣ୍ଡାଦି ନିରୂପଣ ...	୮୨

GPNanda Colln., Digitized by srujanika@gmail.com

ଛୟାଳିଶ ପଟଳ ।

ପ୍ରଥମ ପଟଳ ।

ଶ୍ଲୋକ ।

ଯଦ୍ଦେବ ଜ୍ୟୋତ୍ସ୍ନା ଜଗତଃ ପ୍ରସୂତଂ ।
ଯସ୍ମା ସ୍ଥିତଂ ନିର୍ଗୁଣ ନିର୍ବିକଳ୍ପଂ ।
ଯତ୍ସର୍ବ ଭୂତାତ୍ମକ ନିର୍ବିକାରଂ ।
ତସ୍ମୈ ଗୁରୁଭ୍ୟଃ ପ୍ରଣମାମି ନିତ୍ୟଂ । ୧ ।
ଯଦ୍ଦେବ ଖଂ ବ୍ୟାପ୍ତ ଚରାଚରଂଚ ।
ଯଦ୍ବୁଦ୍ଧି ରୂପେ ସ୍ଥିତ ଜନ୍ତୁଗାନାଂ ।
ଯତ୍ସର୍ବ ଶକ୍ତୀନ୍ଦ୍ରିୟ ସର୍ବଭୂତେ ।
ତସ୍ମୈ ଗୁରୁଭ୍ୟଃ ପ୍ରଣମାମି ନିତ୍ୟଂ । ୨ ।
ନ ଘ୍ରାଣ ଶ୍ରୋତ୍ରଂ ନ ଚ ପାଣି ପାଯୁ ।
ନ ତୃଷ୍ୟ ଦୃଷ୍ଟି ନ ଚ ନାଦବିନ୍ଦୁଃ ।
ନ ପଞ୍ଚଭୂତାତ୍ମକ ସର୍ବଦର୍ଶୀ ।
ତସ୍ମୈ ଗୁରୁଭ୍ୟଃ ପ୍ରଣମାମି ନିତ୍ୟଂ । ୩ ।
ସର୍ବାନ୍ତସ୍ଥା ରନୁଚର୍ମାର୍ଦ୍ଧ ମାଂସାଂ ।
ମୂର୍ଦ୍ଧ୍ନି ଦଳେ ପ୍ରଣବରୂପ ସହସ୍ରଂ ।
ନିତ୍ୟସ୍ଥିତେ ଜ୍ୟୋତିପୁରେ ପ୍ରଦୀପ୍ତଂ ।
ସ୍ୱସଦ୍ଭୂତଂ ଅବ୍ୟସ୍ତ ଶକ୍ତି ଯୁକ୍ତଂ । ୪ ।

GPNanda Colln., Digitized by srujanika@gmail.com

ନିର୍ବୀଚମାସ୍ୟଂ ଷର ମଣ୍ଡଳତ୍ତ୍ୱଂ ।
ବ୍ରହ୍ମା ଦୟୂତ୍ତ୍ୱଂ ସୁରମୁନି ପୂଜ୍ୟଂ ।
ତ୍ୱମାଦ୍ୟ ବୀଜଂ ସ୍ଥିତ ସୃଷ୍ଟି ପାଳନଂ ।
ସଂହାରକ ତ୍ୱଂ ପ୍ରଣମାମି ନିତ୍ୟଂ । ୪ ।

ଗୀତା

ଅଦ୍ୟେ ଗୁରୁଙ୍କ ଶ୍ରୀଚରଣ । ଧ୍ୟାଇଣ ଗଲଇଁ ଶରଣ ॥
ଶରଣ ପୋଦର ଅନାଦ । କାରଣ କର ଦୟାନିଧି ॥
ହେ ଅବିନାଶି ଦୟାମୟ । ଦୁଷ୍କୃତମାନ କର କ୍ଷୟ ॥
ତୁମ୍ଭେ ଅଖଣ୍ଡ ପୂର୍ଣ୍ଣବ୍ରହ୍ମ । ମହା ଶୂନ୍ୟରେ ତତ୍ୱାଶ୍ରମ ॥
ମହିମା ଚୂରଯୁଗେ ଠେକ । ମହିମା ଗୋସାଇଁ ଅଲେଖ ॥
ଏ ତ୍ରୈଣ ଭୁବନର ଗୁରୁ । ନମସ୍ତେ ବାଞ୍ଛା କଳ୍ପତରୁ ॥
ନମସ୍ତେ ଅଣାକାର ରୂପୀ । ସକଳ ଘଟେ, ଅଛ ବ୍ୟାପି ॥
ଲଭିଣ ଅଳକେ ରହିଛ । ସକଳ କର ଜଗଜ୍ଜଛ ॥
ଅରୂପ ରୂପବନ୍ତ ହୋଇ । ସଂସାରେ ଖେଳୁଛ ଗୋସାଇଁ ॥
ଅପେ ଖାତକ ଅପେ ସାକ୍ଷୁ । ଅପେ ମାଗି ନ ଅପେ ଦେଉ ॥
ଆପଣଙ୍କର ମହିମାକୁ । କେ ଅଛି ମର୍ତ୍ତ୍ୟେ ଜାଣିବାକୁ ॥
ଶେଷ ଦେବଙ୍କୁ ଅଗୋଚର । କାହୁଁ ଜାଣିବେ ନର ସ୍ଥିର ॥
ନମସ୍ତେ ଶ୍ରୀକୃଷ୍ଣ ଶ୍ରୀକୃଷ୍ଣ । ସକଳ ଜୀବଙ୍କର ଇଷ୍ଟ ॥
ଅରୂପ ରୂପବନ୍ତ ହୋଇ । ଭବ ନାଶନ ଭବଗ୍ରାହୀ ॥
ମହିମା ସାଗର ମହିମା । ମହୀରେ କେ ପାଇବ ସୀମା ॥
ଇନ୍ଦ୍ର ଯୋଗୀନ୍ଦ୍ର ବେଦ ବ୍ରହ୍ମା । ବର୍ଣ୍ଣି ନ ପାରନ୍ତି ମହିମା ॥
ମହିମା ଚୂରଯୁଗେ ଟେକ । ମହିମା ଗୋସାଇଁ ଅଲେଖ ॥
ପରମ ବ୍ରହ୍ମ ଅନ୍ତର୍ଯାମୀ । ନମସ୍ତେ ଗୁରୁଦେବ ସ୍ୱାମୀ ॥

GPNanda Colln., Digitized by srujanika@gmail.com

ହେ ଅବିନାଶୀ ଦୟାମୟ । ଦୂରକର ମୋର ଭବ ଭୟ ।
ଅରୂପ ସ୍ୱରୂପ ପ୍ରକାଶି । ଭ୍ରମର ନାଶ ବ୍ରହ୍ମରାଶି ।।୧୦।
ପଞ୍ଚଶାଖାଙ୍କୁ ଘେନି ସଙ୍ଗେ । ସଂସାରେ ଖେଳ ନାନା ରଙ୍ଗେ ।।
ଅଶେଷ ଭୁବନ କୋଷରେ । ଅନ୍ତେ ସେ ସାହା ମୋର ନାହିଁ ।।
ଅଜନ୍ମ କାଳରୁ ଭରସା । କରଛୁ ଶ୍ରୀଚରଣେ ଆଶା ।।
ଆପଣ ମୋର ମାତା ପିତା । ଏ ପିଣ୍ଡ ପରିତାଣ ଦାତା ।
ପଦ୍ମ ଚରଣେ ମନ ରହୁ । କରୁଣା କର ମହାବାହୁ ।
ମୁଁ ଛାର ଦୀନ ହୀନ ଜନ । କି ଅବା କରିବି ବର୍ଣ୍ଣନ ।।
ତଥାପି ଶ୍ରୀଗୁରୁ କୃପାରୁ । ମହତ ବାକ୍ୟ ମନେ ସ୍ଫୁରୁ ।।
ଯାହାଙ୍କ ଅନୁଭବେ ଦୃଶ୍ୟ । ହେବାରୁ କଲ୍ପି ପ୍ରକାଶ ।
ଶୁଣ ସୁଜନେ ଦେଇ ଚିତ୍ତ । ପ୍ରଥମ ପଟଳ ଚରିତ ।
ଶ୍ରୀ ନିରାକାର ସ୍ୱାମୀ ବକ୍ତା । ଜ୍ଞାନୀ ଅଚ୍ୟୁତାନନ୍ଦ ଶ୍ରୋତା ।୩।
ଦିନେ ଅଚ୍ୟୁତ ସାୟଂକାଳେ । ଆସନେ ବସିଣ ନିର୍ମଳେ ।।
ନିରାକାରଙ୍କୁ କଲେ ଜପେ । ପଞ୍ଚ ମନକୁ କରି ଥୟେ ।
ଧ୍ୟାନରେ ହୁଅନ୍ତେ ନିମଗ୍ନ । ପ୍ରଭୁ ଯେ ହୋଇଣ ପ୍ରସନ୍ନ ।।
ଅଦ୍ଭୁତ ରୂପ ପ୍ରକାଶିଲେ । ଦୃଷ୍ଟି ଅଗ୍ରତେ ଉଭା ହେଲେ ।।
ଅଚ୍ୟୁତ କରିଲେ ଦର୍ଶନ । ଜ୍ୟୋତି ସ୍ୱରୂପ ନିରଞ୍ଜନ ।
ସେ ମହାଜ୍ୟୋତି କାନ୍ତି ପୁଣି । ସହସ୍ର ଭାସ୍କରକୁ ଜିଣି ।।
ଅଚ୍ୟୁତ ବହୁ ସ୍ତୁତି କଲେ । ସାଷ୍ଟାଙ୍ଗେ ପଦେ ପ୍ରଣମିଲେ ।।
ଭକ୍ତର ଭକ୍ତି ଦେଖି ହରି । ଆନନ୍ଦେ କୋଳେ ତାଙ୍କୁ ଧରି ।
ବୋଇଲେ ଶୁଣରେ ନନ୍ଦନ । ତୋହର ଅଟେ ସଦାଜ୍ଞାନ ।
ତେଣୁ ଯେ ଦେଲି ଦରଶନ । ତୋ ପ୍ରତି ହୋଇଣ ପ୍ରସନ୍ନ ।।
ଏବେ ତୋ ଇଚ୍ଛା ହୁଏ ଯାହା । ପ୍ରକାଶ କରି କହୁ ତାହା ।
ପ୍ରଭୁଙ୍କ ବଚନ ଶ୍ରବଣେ । ଅଚ୍ୟୁତ କରଯୋଡ଼ି ଭଣେ ।
ହେ ଦେବ ଗୁରୁ ନିରାକାର । ମୋତେ ଯେ କରିବା ନିସ୍ତାର ।।

GPNanda Colln., Digitized by srujanika@gmail.com

କରୁଣା ବହୁ ଦୟାମୟ । ନାମ ଜାଣିପ୍ୟ ମୋତେ କହ ।
ଯାହାର ନାହିଁ ଚିହ୍ନବର୍ଣ୍ଣ । ଅରୂପାନନ୍ଦ ନାରାୟଣ ।
ଶୂନ୍ୟ ପୁରୁଷ ଶୂନ୍ୟ ଜ୍ୟୋତି । ମହା ଶୂନ୍ୟରେ ବିଶ୍ରାମନ୍ତି ॥
ମାତୃ ଗର୍ଭରେ ଥିଲ କାଳେ । ନାମ ନ କହିଲ ସେ ବେଳେ ।
ଅଦ୍ୟରେ ନାମତ ନ ଥିଲା । ପାନ୍ତରେ କେମନ୍ତ ହୋଇଲା ।
ମଧ୍ୟରେ କପଟ ହୋଇବ । ପ୍ରକାଶ କରନ୍ତୁ ହେ ଦେବ ।
ଭକ୍ତ ବଚନେ ନିରାକାର । ବୋଲନ୍ତି ଶୁଣରେ ଭ୍ରମର ॥
ଯାହା ପ୍ରସନ୍ନ କଲୁ ତୁହି । କହୁବା ସଂଶୟ ଫିଟାଇ ।
ଯେଣୁ ତୁ ଅଟୁ ମୋର ଭକ୍ତ । ତେଣୁ ଶୁଣିବୁ ନାମତତ୍ତ୍ୱ ।
ମୁଁ ଅଟେ ଅବିନାଶୀ ବ୍ରହ୍ମ । ମହାଶୂନ୍ୟରେ ମୋ ବିଶ୍ରାମ ॥
ପ୍ରକୃତ ମୋର ନାମ ନାହିଁ । ଅନାମ ବ୍ରହ୍ମ ମୁଁ ବୋଲାଇ ।
ଯାହାର ବାସନା ଯେମନ୍ତେ । ଭାବନା କରନ୍ତି ତେମନ୍ତେ ।
ସବୁରି ନିକଟେ ଉଦୟ । ଅଭାବେ ମୁହିଁ ଶୂନ୍ୟମୟ ॥
ଶୁଣ ଭ୍ରମର ସ୍ଥିର ମନେ । ଅନାମ ନାମ ହେଲା ଯେଣେ ।
ଯେକାଳେ ନଥିଲା ଧରଣୀ । ନଥିଲେ ଶଶୀ ଦିନମଣି ।
ନଥିଲେ ବାସବ ବରୁଣ । ନଥିଲେ ଗରୁଡ଼ ଅରୁଣ ।
ନ ଥିଲେ ପବନ ଯେ ଅଗ୍ନି । ନ ଥିଲା ଦିବସ ରଜନୀ ।
ନ ଥିଲେ ଦିଗପାଳ ଗଣ । ନ ଥିଲା ଅମର ଭୁବନ ॥
ନ ଥିଲା ଯଶୋବନ୍ତୀ ପୁର । ନ ଥିଲେ ବ୍ରହ୍ମା ବିଷ୍ଣୁ ହର ॥
ଶୂନ୍ୟରେ ନ ଥିଲେ ନକ୍ଷତ୍ରେ । ଗନ୍ଧର୍ବ କିନ୍ନର ସଙ୍ଗତେ ।
ସେ କାଳେ ମୋର ଶୂନ୍ୟରୂପ । ଏମନ୍ତେ ଗଲା କେତେ କଳ୍ପ ।
କେହି ନ ଥିଲେ ତ୍ରେ ନନ୍ଦନ । ସମସ୍ତ ହୋଇଥିଲା ଶୂନ୍ୟ ॥
ସୃଷ୍ଟି କରଣେ ଇଚ୍ଛା ହେଲି । ମୋଠାରୁ ବିନ୍ଦୁ ଜନ୍ମିଲା ।
ସେ ବିନ୍ଦୁ ଗଗନ ଖସିଲା । ଧୂମ୍ର ବର୍ଣ୍ଣ ଯେ ପ୍ରକାଶିଲା ।
ଧୂମ୍ର ବର୍ଣ୍ଣରୁ ହେଲା ଶକ୍ତି । ଶକ୍ତିରୁ ଓଁ କାର ଉତ୍ପତ୍ତି ॥

GPNanda Colln., Digitized by srujanika@gmail.com

ଓଁକାରୁ ନିର୍ବୀଜ ବୋଲାଇ । ନିର୍ବୀଜ ନାମ ଜାତ ହୋଇ ।
ନାମରୁ ବ୍ରହ୍ମା ବିଷ୍ଣୁ ଶିବ । ନାମରୁ ଜଗତ ସମ୍ଭବ ।୨୦।
ଅନାମୁଁ ନାମ ହେଲା ଜାତ । ଅଶେଷ ଭୁବନେ ବିଖ୍ୟାତ ॥
ନାମ ନ ଥିବା ସ୍ଥାନ ନାହିଁ । ଶୁଣ ଅଚ୍ୟୁତ ମନ ଦେଇ ॥
ପ୍ରେମେ ସେ ନାମ କରିଧ୍ୟାନ । ଅମର ହୋଇଲେ ଈଶାନ ।
ତେଣୁ ଜଗତେ ପ୍ରାଣୀମାନେ । ନାମ ସ୍ମରଣ ପ୍ରତିଦିନେ ।
କହଣ ତୁଅନ୍ତି ନିସ୍ତାର । ଅଚ୍ୟୁତ ନାମ ଅଶ୍ରେ କର ।
କହଇ ଫକୀର ଅଧମ । ଉଦ୍ଧର ଧର ଶୂନ୍ୟବ୍ରହ୍ମ ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିର୍ବିକାର ଅଚ୍ୟୁତ ସମ୍ବାଦେ ନାମତତ୍ତ୍ୱ ବର୍ଣ୍ଣନେ ସୃଷ୍ଟି ସର୍ଜନା ସଂକ୍ଷେପ ବିବରଣ କଥନେ ନାମ ପ୍ରଥମ ପଟଳ ।

ଦ୍ୱିତୀୟ ପଟଳ

ଅଚ୍ୟୁତ ଉବାଚ ।

ଅଚ୍ୟୁତ ସାଷ୍ଟାଙ୍ଗେ ପ୍ରଣମି । ବୋଇଲ ଅହେ ଗୁରୁସ୍ୱାମୀ ॥
କହିଲ ନାମ ଜନ୍ମଭାବ । ମୋତେ ତା ବୁଝାଇଣ ଦେବ
ନାମ ଯେ ଏକକ ଅନେକ । ପ୍ରକାଶ କର ପଦ୍ମମୁଖ ॥
ଗୋବିନ୍ଦ ଗୋପାଳ ମୁରାରି । ଶ୍ରୀ ବାସୁଦେବ ଦଇତାରି ॥
କୃଷ୍ଣ କେଶବ ଜନାର୍ଦ୍ଦନ । ବୋଲାଅ ପତିତପାବନ ।
ଶ୍ରୀ ଜଗନ୍ନାଥ କମ୍ବୁପାଣି । ସାରଙ୍ଗଧର ଚିନ୍ତାମଣି ।
ଭକତ ବନ୍ଧୁ ଅଦ୍ୱନ୍ଦ । ଶ୍ରୀ ନାରାୟଣ ପୂର୍ଣ୍ଣାନନ୍ଦ ।
ପଦ୍ମନୟନ ଅବିନାଶୀ । ବ୍ରହ୍ମା ବୋଲାଅ ଶୂନ୍ୟବାସୀ
ଶ୍ରୀନାଥ ଅରତ ଭଞ୍ଜନ । ନିରାକାର ଯୋନିରଞ୍ଜନ ।

GPNanda Colln., Digitized by srujanika@gmail.com

ଅନାଦି ବାଞ୍ଛା କଳ୍ପତରୁ । ପୁଣି ବୋଲାଅ ମହାମେରୁ ।୧୦
ଅରୂପାନନ୍ଦ ପୂର୍ଣ୍ଣବ୍ରହ୍ମ । କାହିଁକି ହେଲା ଏତେ ନାମ ॥
ସଂଶୟ ହୋଇଲା ମୋ ଚିତ୍ତେ । ପ୍ରକାଶ କରନ୍ତୁ ତା ମୋତେ
ଏମନ୍ତ ଶୁଣି ନିରାକାର । ବୋଲନ୍ତି ଶୁଣରେ କୁମର ॥
ବସ ତୁ ସ୍ଥିର କରି ଚିତ୍ତ । କହୁବା ନାମର ଚରିତ ।
ଯେଣୁ ତୁ ବିଶ୍ୱାସୀ ଭକତ । ତେଣୁ କହୁବା ନାମତତ୍ତ୍ୱ ।
ପ୍ରକୃତ ମୋର ନାମ ନାହିଁ । ଅରୂପ ବ୍ରହ୍ମ ମୁଁ ବୋଲାଇ ।
ଅରୂପୁ ରୂପବନ୍ତ ହୋଇ । ନାମ ସ୍ୱରୂପେ ଖେଳୁଥାଇ ।
ନାମଟି ସବୁଠାରେ ପୂର୍ଣ୍ଣ । ନାମ ନ ଥିବା ନାହିଁ ସ୍ଥାନ ।
ଗଜନ୍ଦ୍ରୁ ସଙ୍କଟେ ନାମ । ସ୍ରଅ ଜାନକୀ ମଅ ସ୍ରମ ।
ନାମ ଛାଡ଼ିଲେ ଦେହ ଗଲା । ମୃତକ ହୋଇଣ ରହିଲା ।୧୧।
ପିଣ୍ଡକୁ କେହି ନ ଛୁଅନ୍ତି । ମୁର୍ଦାର ବୋଲିଣ କହନ୍ତି ।
ମୋ ନାମ ଅଚ୍ୟୁତ ଅନନ୍ତ । ମୋହର ନାହିଁ ଆଦି ଅନ୍ତ ॥
ଅଶେଷ ପ୍ରକାରେ ମୋ ନାମ । ଧ୍ୟାଇଲେ ହୁଏ ପୂର୍ଣ୍ଣକାମ ।
ଯେ ମୋତେ ଭଜେ ଯେଉଁପରି । ତା ଭଜେ ପ୍ରାପ୍ତ ସେହିପରି ।
ଏ ମୋର ନାମମାନ ଯେତେ । ଭକତ ଦେଲେ ତୋଷଚିତ୍ତେ
ମାତା ପିତାଙ୍କ ମୃତ୍ୟୁକାଳେ । ଭାବ କରନ୍ତି ସୁଖ ହେଲେ ॥
ଭାବରୁ ଯହୁଁ ହେଲି ଜନ୍ମ । ଏଣୁ ମୋ ଭାବଗ୍ରାହୀ ନାମ ।
ମାତା ପଦ୍ମକୁ ସିନ୍ଧୁ କହୁ । ସେ ସିନ୍ଧୁ ବାସ ମୋ ଅଟଇ
କୃପାରେ ସିନ୍ଧୁ ଦେଲା ସ୍ଥାନ । ଏଣୁ ମୋ କୃପାସିନ୍ଧୁ ନାମ ।
ଯେଣୁ ମୁଁ ନରରୂପୀ ଜାଣ । ତେଣୁ ବୋଲାଏ ନାରାୟଣ ।
ତୁ ଯେଣୁ ଭକତ ବିଶ୍ୱାସ । ଗୁପତ କରିଲି ପ୍ରକାଶ ।
ଗଜେନ୍ଦ୍ରୁ ସଙ୍କଟରେ ନାମ । ତେଣୁ ମୋ ନାମଟି ଶ୍ରୀରାମ ।
ଭକ୍ତଙ୍କ ବାଞ୍ଛିତ ପୂରଣ । କରନ୍ତେ ଭକ୍ତବନ୍ଧୁ ନାମ ।
ଏ କାୟା ମଧ୍ୟେ ମୁହିଁ ରକ୍ଷ । ଏଣୁ ମୁଁ ବୋଲାଇ ଶ୍ରୀକୃଷ୍ଣ ।

GPNanda Colln., Digitized by srujanika@gmail.com

ଯେଣୁ ମୋ ପିତା ବସୁଦେବ । ତେଣୁ ବୋଲାଏ ବାସୁଦେବ
ମୋ ଶଙ୍ଖ ଶବ୍ଦର ଅନ୍ତର । ପାଳଣ କରଇଛି ମୁହିଁ ।
ତେଣୁଟି ଗୋବିନ୍ଦ ମୋ ନାମ । ଶୁଣ ହେ ଭକତ ଉତ୍ତମ ॥
ଦେବଙ୍କୁ ଜଗଉଛି ବନ୍ଧୁ । ମୁଁ ତହିଁ କବଟା ବୋଲାଇ ।
ତେଣୁ ମୋ ନାମ ଜଗନ୍ନାଥ । ଶୁଣରେ କୁମର ଅଚ୍ୟୁତ ।
ଶିଷ୍ୟ ଯେ ଲକ୍ଷ୍ମୀ ଠାକୁରାଣୀ । ଅଟନ୍ତି ଅମ୍ଭର ଘରଣୀ ॥
ଶ୍ରୀନାଥ ବୋଲନ୍ତି ଭକତେ । ଆବର ନମାନ ଯେତେ ।
ସନ୍ତୋଷେ ଦେଲେ ଭକ୍ତମନେ । ଶୁଣ ଅଚ୍ୟୁତ ସାବଧନେ ।
ମୋର ଚରଣ ମକରନ୍ଦ । ଅପ୍ୟାନେ ତୁଷ୍ଟ ଭକ୍ତବୃନ୍ଦ ।
ଦେବଙ୍କ ଅଧକନ୍ଦ ନାମ । ଧ୍ୟାଇଲେ ପୂର୍ଣ୍ଣ ହୁଏ କାମ ।
ଦଇତ ସର୍ବେ ମୋ ବଇରି । ମୋ ନାମ ହେଲା ଦଇତାରି
ପ୍ରାଣୀଙ୍କ ଅରତ ଭଞ୍ଜନ । ମୁଁ ଅଭିଧାଣ ନିରଞ୍ଜନ ।
ମହା ବ୍ରହ୍ମରୁ ମୋ ଉତ୍ପନ୍ନ । ତେଣୁ ମୁଁ ଏବି ନାଶୀ ବ୍ରହ୍ମ ॥
ମହା ଶୂନ୍ୟରେ ରହେ ମିଶି । ମୋ ନାମ ହେଲା ଶୂନ୍ୟବାସୀ
ମୋହର ଅନନ୍ତ ମହିମା । ଅନନ୍ତ ନାମ ନାହିଁ ସୀମା ।
ଅନନ୍ତ ରୂପ ନାହିଁ ଅନ୍ତ । ଅଣ ଅକ୍ଷରୁ ରୂପବନ୍ତ ।୧୦।
ଅନନ୍ତ ନାସା କର୍ଣ୍ଣ ମୋର । ଅନନ୍ତ ନୟନ ଯେ ଶିର ।
ଅନନ୍ତ କର ଯେ ପୟର । କେ ଅନ୍ତ ପାଇବ ତାହାର
ମୋହର ନାମ ନିରନ୍ତର । ସ୍ମରଣ କରରେ କୁମର ।
ଭବରେ ଭବଗ୍ରାହୀ ତୁଷ୍ଟ । ସର୍ବଦା କରନ୍ତି ନିକଟ ।
ଅଭାବେ ଅଦୃଶ୍ୟ ରହଇ । କେବେହେଁ ପ୍ରସନ୍ନ ମୁଁ ନ ହୋଇ
ଯାହାର ଭାବନା ଯେପରି । ସେ ଫଳ ପାଏ ସେହିପରି ।
ଶୁଣି ଅଚ୍ୟୁତ ହୋଇ ତୋଷ । ବୋଇଲେ ନମଃ ପୀତବାସ
ମୋତେ ଯେ କୃତାର୍ଥ କରିଲ । ନାମ ମହିମା ପ୍ରକାଶିଲ ।
ଦ୍ୱିତୀୟ ପଟଳ ପୂରଣ । ହୋଇଲା ଶୁଣ ଭକ୍ତଜନ ॥

GPNanda Colln., Digitized by srujanika@gmail.com

ଶ୍ରୀଗୁରୁ ପଦେ ଦେବ ଚିତ୍ତ । ବୋଲେ ଫଙ୍କୀର ଅରକ୍ଷିତ ॥

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ନାମ ମହିମା ବର୍ଣ୍ଣନେ
ନାମ ଦ୍ୱିତୀୟ ପଟଳ ।

ତୃତୀୟ ପଟଳ

ଅଚ୍ୟୁତାନନ୍ଦ କର ଯୋଡ଼ି । କହେ ପ୍ରଭୁଙ୍କ ପାଦେ ପଡ଼ି ॥
ହେ ଗୁରୁଦେବ ନାରାୟଣ । ଅଶେଷ ଭୁବନ କାରଣ ॥
ପରମାନନ୍ଦ ପୂର୍ଣ୍ଣ ଦେହୀ । ତୁମ୍ଭର ଆଦିଅନ୍ତ ନାହିଁ ॥
ବୋଇଲେ ନାମ ବ୍ରହ୍ମ ଧ୍ୟାନ । କଲେ ହୋଇବ ସଦଜ୍ଞାନ ॥
ସେ ବ୍ରହ୍ମଜ୍ଞାନ କାହିଁ ଥିଲେ । କେମନ୍ତେ କାହୁଁ ବିଶ୍ରାମିଲେ
ଏମନ୍ତ ରୂପ ବ୍ରହ୍ମଜ୍ଞାନ । କପର ତାଙ୍କ ବର୍ଣ୍ଣ ଚିହ୍ନ ॥
କେଉଁସ୍ଥାନରେ ସେ ବହନ୍ତି । କି କର୍ମ କଲେ ଭେଟପାନ୍ତି ॥
କଳା କି ଶ୍ୟାମଳ ଗଉର । କିବା ଲୋହିତ ବର୍ଣ୍ଣ ତାର ॥
ଦିବା ସ୍ୱନରେ କାହୁଁ ଥାନ୍ତି । ସ୍ତ୍ରୀ କି ପୁରୁଷ ବୋଲାନ୍ତି ॥
ଶ୍ରବଣେ ଅଚ୍ୟୁତ ବଚନ । ବୋଲନ୍ତି କମଳ ଲୋଚନ ॥
ତୁ ଯେ ପୁଚ୍ଛିଲୁ ଭଲ ମର୍ମ । କହୁବା ଶୁଣ ବ୍ରହ୍ମ ଧର୍ମ ॥
ବ୍ରହ୍ମ ପୁରୁଷ ଯେ ଅଟନ୍ତି । ଶୁକ୍ଳାମ୍ବର ଯେ ତାଙ୍କ ଜ୍ୟୋତି
ଅରୂପ ଶୂନ୍ୟ ବ୍ରହ୍ମ ଦେହୀ । ରୂପରେ ପଟାନ୍ତର ନାହିଁ ॥
ଅଶେଷ ପୁରେ ଯେତେ ସ୍ଥାନ । ବ୍ୟାପିଛି ଅଣାକାର ବ୍ରହ୍ମ ॥
ଅବ୍ୟକ୍ତ ଅଖଣ୍ଡ ମଣ୍ଡଳ । ଶ୍ରବଣେ ଝଲକେ କୁଣ୍ଡଳ ।୧୫
କୋଟିଏ ରବି ଛବି ନିନ୍ଦେ । ବିଜୟେ ସର୍ବଜୀବ ହୃଦେ ॥
ସ୍ତ୍ରିଘ ପୁରୁଷ ବୋଲି ଯାହା । ପୁଚ୍ଛିଲୁ କହେ ଶୁଣ ତାହା ॥
ସ୍ତ୍ରିଘ ଅଙ୍ଗଟି ସେହି ଜାଣ । ପୁରୁଷ ସେହିଟି ପ୍ରମାଣ ॥

GPNanda Colln., Digitized by srujanika@gmail.com

ଦେଖ ତୋହର ହୃଦେ ସେହୁ । ସକଳ ଶୁଣାଇ ଶୁଣଇ ॥
ସେ ପ୍ରଭୁ ମୋର ହୃଦେ ବସେ । କର କସ୍ତୁରିଛନ୍ତି ନିଜେ ।୨୦।
ମୋ ହୃଦେ ଥାଇଣ କହନ୍ତି । ତୋ ହୃଦେ ଥାଇଣ ଶୁଣନ୍ତି
ସେ ବ୍ରହ୍ମ ସକଳ ଘଟରେ । ବିଜୟ ତ୍ରିଗୁଣ ରୂପରେ ।
ପୁଣି ନିର୍ଗୁଣ ରୂପ ଧରି । ତ୍ରିଗୁଣ ତହିଁରୁ ଉଠାଇ ।
ମହାବ୍ରହ୍ମଙ୍କ ନିରୂପଣ । କହିବା ବଡ଼ଇ କଠିନ ।
ଅଚ୍ୟୁତ ଅମୃତଟି ସେହୁ । ତାଙ୍କର ଆଦିଅନ୍ତ ନାହିଁ ।
ଦେବେ ଅଗମ୍ୟ ମହାବ୍ରହ୍ମ । ତୁ ପୁଣି ପୁଛୁ ତାର ମର୍ମ ॥
ସେ ଶୂନ୍ୟବ୍ରହ୍ମ କଲେ ଦୟା । ତାଠାରୁ ତୁଟିଯାଏ ମାୟା ।
ବ୍ରହ୍ମରେ ପଶଇ ଶରଣ । କରଇ ବ୍ରହ୍ମ ନିରୂପଣ ॥
ତବ ଅଙ୍କରେ ଶୃଷ୍ଟି ତନ୍ତୁ । ପଲ୍ଲବି ଦୁବ ହୁଏ ଦାରୁ ॥
ପର୍ବତ ମେରୁ ପ୍ରାୟେ ହେବ । ପଥର ପାଣି ଯେ ହୋଇବ ।୩୦
କଳା କମଳ ଧଳା ହେବ । ମେଘ ନ ଥାଇ ବୃଷ୍ଟି ହେବ ।
ବୃଦ୍ଧ ଯୌବନ ଅଙ୍ଗ ହେବ । ପାଣ୍ଡୁଲି ବାଳ କଅଁଳିବ ।
ଢଙ୍ଗା ଯେ ବାକ୍ୟ ଉଚ୍ଚାରିବ । ପଙ୍ଗୁ ପର୍ବତ ଲଙ୍ଘିଯିବ ॥
ଗବ ଯେ ହୋଇବ ଚନ୍ଦନ । ପାପୀଙ୍କ ପ୍ରାପ୍ତ ସ୍ୱର୍ଗସ୍ଥାନ ॥
ଲୌହ ଯେ ହୋଇବ ସୁବର୍ଣ୍ଣ । ଖର୍ପର ହେବ ଅଷ୍ଟରତ୍ନ ॥
ମୃତ୍ତିକା ପିତୁଳା ଗର୍ଜିବ । ସେ ପୁଣି ବଚନ କହିବ ॥
ଅସଙ୍ଗା ଗାଭି କ୍ଷୀର ଦେବ । ନିର୍ଝରୁ ଝର ଯେ ବହିବ ॥
ଫଟା ଅଶ୍ରମ ନୂଆ ହେବ । ଅନ୍ଧନେ ବସନ୍ତ ବହିବ ॥
ମହାବ୍ରହ୍ମଙ୍କ କରୁଣାରେ । ବ୍ରହ୍ମରେ ଲୀନହୋଇପାରେ
ଯୋଗୀଏ ଯୋଗମାର୍ଗେ ବଣା । ହୁଅନ୍ତୁ ନ ପାଇ ଠିକଣା ॥
ଯୋଗାଙ୍ଗୀ ବୈରାଗୀ ଯେ ପୁଣି । ନିର୍ବାଣ ଅଭ୍ୟାସ ଯେ ଜ୍ଞାନୀ
ଦେହୁ ଯୁଗଳ ମୂର୍ତ୍ତି ଧ୍ୟାନେ । ରହନ୍ତି ଗର୍ବ କରିମନେ ॥
ଯେ କଲେ ଉମତ ସାଧକ । ମାଳା ଜପଇ ଠକ ଠକ ॥

GPNanda Colln., Digitized by srujanika@gmail.com

ଭେଦର ସପ୍ତ ପଞ୍ଚାଶ୍ତିକ । ବର୍ଣ୍ଣ ବସାଏ ଅନେକ ॥
ସେ ପୂର୍ଣ୍ଣ ସପ୍ତାଙ୍ଗରେ ଥାଇ । ଗୁପ୍ତ ଅବାଡ ସେ ସାଧଇ ॥
ଅଷ୍ଟାଙ୍ଗ ଯୋଗ କରି କରି । ମନ ଯେ ତହୁଁ ଅସେ ଫେରି
ବ୍ରହ୍ମର ନୋହିଲେ କରୁଣା । ବ୍ରହ୍ମାଦି ସୁରେ ହୋନ୍ତି ବଣା
ବ୍ରହ୍ମ ଯେ ହୋଇଲେ ପ୍ରସନ୍ନ । ଅପେ ଦିଅନ୍ତି ଦରଶନ ॥
ମନ ଯାହାର ସରୁ ହୋଇ । ସେହି ବ୍ରହ୍ମଙ୍କୁ ଭେଟ ପାଇ ।
ନୋହିଲେ ନ ପାବନ୍ତି ଭେଟ । ଯାହାର ମନ ଘଟର୍ଭେ ମୋଟ ।
ବ୍ରହ୍ମର ନାହିଁ ସ୍ଥୂଳ କୂଳ । ବ୍ରହ୍ମହିଁ ଏକା ଆଦିମୂଳ ।
ବ୍ରହ୍ମରେ ଯେହୁ କରେ ଲୟେ । ତାର ନ ଥାଏ ଭବ ଭୟେ
ଜୀବତେ ପ୍ରେମେ ବ୍ରହ୍ମ ଧ୍ୟାଇ । ଅନ୍ତେ ବ୍ରହ୍ମେ ଲୀନ ହୋଇ
ଜନ୍ମ ମରଣୁ ନିସ୍ତରଇ । ଯେ ବ୍ରହ୍ମଦର୍ଶୀ ପ୍ରେମେ ଥାଇ
ସେ ଶୂନ୍ୟବ୍ରହ୍ମ ହୃଦେ ଧ୍ୟାଇ । ଫକୀର କହେ କର ଦେହି ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ନାମ ବ୍ରହ୍ମସାର ତତ୍ତ୍ୱ ନିରୂପଣ କଥନେ
ନାମ ତୃତୀୟ ପଟଳ ।

ଚତୁର୍ଥ ପଟଳ

ଶ୍ରୀଗୁରୁ ଚରଣେ ଲଗାଇ ଶିର ।
କହେ ଅଚ୍ୟୁତ ଯୋଡ଼ି ବେନି କର । ୧ ।
ସମସ୍ତ ସାର୍ବ ବ୍ରହ୍ମମୂର୍ତ୍ତି ଯେହୁ ।
ଏକ କି ଅନେକ ଅଟନ୍ତି ସେହୁ । ୨ ।
ମୋତେ ତା ବୁଝାଇ ଦିଅନ୍ତୁ ଗୁରୁ ।
ଆପଣ ଅଟ ବାଞ୍ଛା କଳ୍ପତରୁ । ୩ ।
ଅଚ୍ୟୁତ ବାକ୍ୟ ଶୁଣି ନିରାକାର ।
ବୋଲନ୍ତି ସେ ମର୍ମ ଶୁଣ କୁମର । ୪ ।

GPNanda Colln., Digitized by srujanika@gmail.com

ଅସ୍ପଟେ ନ କର ମନରେ ଭ୍ରମ ।
ପ୍ରଭେ ଯିବୁ ଯେତ୍କେ ଦେବା ବୃଂଦାର । ୫ ।
ଯେ କାଳେ ସର୍ବ ଶୂନ୍ୟମୟ ଥିଲା ।
ସେ ଶୂନ୍ୟ ବ୍ରହ୍ମେ ସମସ୍ତ ଲକ୍ଷଣ । ୬ ।
ସୃଷ୍ଟି ସର୍ଜନାରେ କଳ୍ପିଲେ ଯହୁଁ ।
କାରୁଣ୍ୟ ଜଳ ଉପୁଜିଲା ତହୁଁ । ୭ ।
ମନରୁ କଲ୍ୟାଣ ଉଦୟ ହୋଇ ।
ଶବ୍ଦ ସ୍ୱରୂପେ ସେ ଜଳେ ପଡ଼ିଲ । ୮ ।
ସେ ଶବ୍ଦ ସଙ୍ଗେ ଶୁକ୍ଳକଳା ମିଶି ।
କାରୁଣ୍ୟ ଜଳେ ବିନ୍ଦୁ ରୂପ ଦିଶି । ୯ ।
ଅଦ ପଞ୍ଚଭୂତ କାୟା ପ୍ରକାଶି ।
କାରୁଣ୍ୟ ଜଳେ ମୂର୍ତ୍ତି ଏକ ଭାସି । ୧୦ ।
ସେହୁ ନିର୍ମଳ ବେଦ ବହ୍ମ କାୟା ।
ଅଦ୍ୟଙ୍କ ଅଭଙ୍ଗ ସେ ଯୋଗମାୟା । ୧୧ ।
ପ୍ରଚଣ୍ଡ ଶବଦ କଲେକ ଯହୁଁ ।
ଅଧଚଣ୍ଡୀ ନାମ ହୋଇଲ ତହୁଁ । ୧୨ ।
ଅଦ୍ୟରେ ରୂପ ପ୍ରକାଶନ୍ତେ ଏକା ।
ତେଣୁ ତାଙ୍କ ନାମ ହେଲା ଅମ୍ବିକା । ୧୩ ।
ଦୁର୍ଗମ କାଳରୁ ହୋନ୍ତେ ଉପୃତ୍ତ ।
ଦୁର୍ଗତି ଖଣ୍ଡିନୀ ଦୁର୍ଗା ବୋଲନ୍ତି । ୧୪ ।
ଏକାର୍ଣ୍ଣବ କାଳେ ଘୋଟନ୍ତେ କାୟା ।
ତେଣୁ ବୋଲଇଲେ ସେ କାଳମାୟା । ୧୫ ।
ଅଣ୍ଡଗୋଟି ପ୍ରାପ୍ତେ ଅଦୃଶ୍ୟେ ଥାନ୍ତି ।
ନାମ ପ୍ରକାଶିଲେ ଅମୋଘ ଶକ୍ତି । ୧୬ ।

GPNanda Colln., Digitized by srujanika@gmail.com

ଭୁବନେ ଭାସ୍ୱା ହୁଅନ୍ତେ ଅଦୃଶ୍ୟ ।
ଭୂଶକ୍ତି ବୋଲିଣ ନାମ ପ୍ରକାଶ । ୧୭ ।
ଆଦ୍ୟ ଚିତ୍ରେମଣି ସେ ମହାମାଈ ।
ଶ୍ରୀଶକ୍ତି ନାମଟି ହୋଇଲା ତହିଁ । ୧୮ ।

ସୃଷ୍ଟିବ୍ରହ୍ମ ଶକ୍ତି ଶର୍ବେହୁଁ ବେଦ ।
ଅଶେଷ ମହିମା କେ ପାଏ ଭେଦ । ୧୯ ।
ବେଦ ବ୍ରହ୍ମ ବୋଲି ତାହାଙ୍କୁ କହି ।
ସାମ ଯଜୁ ଋକ ଅଥର୍ବ ସେହି । ୨୦ ।

ପୁଣି ବୋଲନ୍ତି ଦେବୀ ଆଦ୍ୟଶକ୍ତି ।
ଏକାର୍ଣ୍ଣବ ଜଳେ ମନେ ଭାବନ୍ତି । ୨୧ ।
ଜଳଶୂନ୍ୟ ଅଛି କୂଳତ ନାହିଁ ।
ଟଳ ଟଳ ଯେ ହେଉଅଛି ମୃହିଁ । ୨୨ ।

କେଉଁଠାରେ ମୁଁ କରିବି ବିଶ୍ରାମ ।
ରହିବାପାଇଁ କାହିଁ ନାହିଁ ସ୍ଥାନ । ୨୩ ।
ଏମନ୍ତ ଭାବି ହୁଂକାର ସେ କଲେ ।
କେମେଳ ନାଭ ମୁଖୁଁ ଉପାଡ଼ିଲେ । ୨୪ ।

ହୁଙ୍କାର ଶବ୍ଦୁଁ ମୂର୍ତ୍ତି ଏକ ଜାତ ।
ଓଁକାର ନାମ ହେଲେ ଅଦମାତ । ୨୫ ।
ଘୋର ନାଦ କରି ପୋଢଲେ ଜଳେ ।
ଭେଦଣି ଗଲା ସପତ ପାତାଳେ । ୨୬ ।

ତା ପରେ ବସନ୍ତେ ସେ ମହାମାଈ ।
ଟଳ ଟଳ ଅଙ୍ଗ ନୋହିଲା ସେହି । ୨୭ ।
ମହାପ୍ରାଣୀ ତହୁଁ କଲ୍ୟାଣ କଲେ ।
ବଜ୍ରାଙ୍ଗ ହୁଅ ବୋଲି ବର ଦେଲେ । ୨୮ ।

GPNanda Colln., Digitized by srujanika@gmail.com

ଦେବୀ ଅଙ୍କରେ ସେ ବଜ୍ର ହୋଇଲା ।
ଲିଙ୍ଗ ସ୍ୱରୂପେ ଶ୍ରୀଅଙ୍ଗେ ଭେଦିଲା । ୨୯ ।
ଦେଖି ମହାଦେବୀ ମନ ସନ୍ତୁଷ୍ଟ ।
ବର ମାଗ ବୋଲି ବୋଲନ୍ତି ହୃଷ୍ଟେ । ୩୦ ।
ଓଁ କାର ବୋଲେ ବର ଯେବେ ଦେବ ।
ବେଦ ମନ୍ତ୍ରେ ମୋତେ ଅଗ୍ରେ ବର୍ଣ୍ଣିବ । ୩୧ ।
ଓଁକାର ବୋଲି ବଢ଼ାଇବ ବେଦ ।
ମୋତେ ନ ବନ୍ଦିଲେ ନୁହେଁଟି ଶୁଦ୍ଧ । ୩୨ ।
ତୋ ପାଦପଦ୍ମେ ଧ୍ୟାନ ଥିବ ମୋର ।
ବସିଷ୍ଠ ନାମଟି ଦିଅ ମୋହର । ୩୩ ।
ଅଶେଷ ଭୁବନେ ଘୋଟିଛୁ ଦେବୀ ।
ଛଳ ଶ୍ରେ ପାଏ ମୁହିଁ ଧରିଥିବ । ୩୪ ।
ବଳେ ମୋତେ କେହୁ ନୋହିବେ ସମ ।
ବଳଭଦ୍ର ବୋଲି ଦିଅ ମୋ ନାମ । ୩୫ ।
ଶାସ୍ତ୍ର ପୁରାଣ ମୂଳ ହେବି ମୁହିଁ ।
ଶେଷଦେବ ନାମ ଦିଅ ମା ତୁହି । ୩୬ ।
ମୋ ମସ୍ତକେ ଅପେ ବସିଣ ଥିବୁ ।
ତୋ ପରେ ଲିଙ୍ଗ ସ୍ୱରୂପେ ରହିବୁ । ୩୭ ।
ସ୍ଥାବର ଜଙ୍ଗମ କୀଟ ପତଙ୍ଗ ।
ଲିଙ୍ଗ ରୂପରୁ ହସବରୁ ଜନ୍ମ । ୩୮ ।
ବସିଷ୍ଠ ବୋଲି ନାମଦେଲେ ମାତ ।
ମୋ ପାଶେ ଥିବ ତୋ ହୃଦୟ ଅସ୍ତ୍ର । ୩୯ ।
ଅସ୍ତୁ ଅସ୍ତୁ ବୋଲି କହିଣ ଦେବୀ ।
ଥପନେ ବସିଣ ମନରେ ଭାବି । ୪୦ ।

GPNanda Colln., Digitized by srujanika@gmail.com

ତାହୁଁ ଅଇଲ୍ ମୁଁ କେ କଳ୍ପ ଜନ୍ମ ।
ଗୃହିଁଲେ ଦଶେ ବଶଧଗ ଶୂନ୍ୟ । ୪୧ ।
ସେ ଶୂନ୍ୟ ମଣ୍ଡଳେ ବଖାନ୍ତେ ଲକ୍ଷ୍ୟ ।
ଅନାଦି ଅନାଦି ସେ ଜ୍ୟୋତିର୍ମୟେ । ୪୨ ।

କୋଟି ରବି ଛବି ନିତେ ମଣ୍ଡଳ ।
କୋଟି ଚନ୍ଦ୍ରକାନ୍ତି କଷି ମେଉଳ । ୪୩ ।
ସେହୁଟି ସୋମ ମଣ୍ଡଳ ଅଛଇ ।
ଅଗ୍ନି ମଣ୍ଡଳ ତା ପରେ ଦିଶଇ । ୪୪ ।

ତା ଉପରେ ଦିଶେ ହେମ ମଣ୍ଡଳ ।
ଶୂନ୍ୟ ମଣ୍ଡଳ ପରେ ଟଳ ଟଳ । ୪୫ ।
ସେ ଶୂନ୍ୟ ମଧ୍ୟେ ମହାଶୂନ୍ୟ ବାସୀ ।
ନିର୍ଗୁଣ ରୂପ ବନ୍ଦୁ ବ୍ରହ୍ମରଶ୍ମି । ୪୬ ।
ମହାବ୍ରହ୍ମ ମୂର୍ତ୍ତି କର ଦର୍ଶନ ।
ଦେବୀଙ୍କର ତହୁଁ ହଜିଲା ଜ୍ଞାନ । ୪୭ ।
ମହାବ୍ରହ୍ମେ ହଜି ମଜ୍ଜିଲେ ଯହୁଁ ।
କେତେ କଳ୍ପ ଗଲା ନ ଜାଣେ କେହୁ । ୪୮ ।

ମହାପ୍ରାଣୀ ମନ ଜାଣିଲେ ପ୍ରଭୁ ।
ଅରୂପ ଦେଖି ରୂପ ହେଲେ ବିଭୁ । ୪୯ ।
ପ୍ରେମ ଭକ୍ତିରେ ପ୍ରେମ ସିନ୍ଧୁ ବଢ଼ି ।
ସେ ପ୍ରେମ ଜଳ ଦେବୀ କରେ ପଡ଼ି । ୫୦ ।

ଚେତନା ପାଇଣ ଜଗତ ମାତ ।
ମନେ ବିଚାରନ୍ତି ଏ କି ଅଦ୍ଭୁତ । ୫୧ ।
ପଦ୍ମ ପତ୍ରେ ଜଳ ପକାନ୍ତେ ଯେସନ୍ତେ ।
ଟଳ ଟଳ ହୋଇ ଦିଶଇ ତେସନ୍ତେ । ୫୨ ।

GPNanda Colln., Digitized by srujanika@gmail.com

ସୁଗନ୍ଧରେ ଦେଖା ଶାନ୍ତ ହୋଇଲେ ।
ଶୂନ୍ୟ ଚନ୍ଦ୍ର ଧାଇ ଅପ୍ୟାନ କଲେ । ୫୩ ।
ବେଣୁ ହସ୍ତେ ଧରି ବସିଲେ ଯେଣୁ ।
ବେଣୁ ଭ୍ରଙ୍ଗେ ଗର୍ଭେ ପଡ଼େ ସେ ତେଣୁ । ୫୪ ।

ଏମନ୍ତେ କଳ୍ପ ଦନ ଗଲା ଯନ୍ତୁଁ ।
ମନେ ଯୋଗମାୟା ଭାବନ୍ତି ତନ୍ତୁଁ । ୫୫ ।
ଯେବେଁ ଚନ୍ଦ୍ରବିନ୍ଦୁ ଗର୍ଭେ ରହିଲା ।
ସ୍ୱରୂପ ହେଲା ଜଣା ନ ପଡ଼ିଲା । ୫୬ ।

ବିଶେଷ ଭାବ ହୁଏ ମୋ ଉଦର ।
ହେ ଶୂନ୍ୟ ଚନ୍ଦ୍ର ଉଦ୍ଧରଣେ ଧର । ୫୭ ।
ଚନ୍ଦ୍ର ସ୍ମରଣେ ପ୍ରସନ୍ନ ହୋଇଲେ ।
ଅଦ ଶକ୍ତିଙ୍କି ବୁଦ୍ଧି ବଢାଇଲେ । ୫୮ ।

ବେଣୁଭରେ ପଞ୍ଜରକୁ ଧରିଲେ ।
ନାଭିମଣ୍ଡଳଠାରୁ ଗୃପିଦେଲେ । ୫୯ ।
ତହୁଁ ବେଣୁ ମୂର୍ତ୍ତି ହେଲା ଉତ୍ପନ୍ନ ।
ବାଳକ ବାଳିକା ରୂପ ଶୋଭନ । ୬୦ ।

ଅକ୍ଷର ସ୍ୱରୂପୀ ସେ ରାମ ନାମ ।
ଅଦ୍ୟ ନାମ ବ୍ରହ୍ମ ହେଲେ ଜନମ । ୬୧ ।
ଅନନ୍ତ କୋଟି ନାମରୁ ସେ ସାର ।
ମହାବ୍ରହ୍ମ ଅନାମରୁ ବାହାର । ୬୨ ।

ସେହୁ ଅଟନ୍ତି ଯେ ଜୀବ ପରମ ।
ସେହୁ ପ୍ରକୃତି ପୁରୁଷ ଉତ୍ତମ । ୬୩ ।
ଏହି ରାମ ନାମ ଅଟେ ସିଦ୍ଧାନ୍ତ ।
ବେଦ ବେଦାନ୍ତରେ ନ ମିଳେ ଅନ୍ତ । ୬୪ ।

GPNanda Colln., Digitized by srujanika@gmail.com

ଚେତନାମୂର୍ତ୍ତି ନୀଳ ଚକ୍ରର ବର୍ଣ୍ଣ ।
ସର୍ବତ୍ର ବସନ୍ତେ ସେ ବ୍ରହ୍ମ ଚିହ୍ନ । ୬୫ ।
ଅଦ୍ୟରେ ସ୍ୱୟଂ ଏକ ବ୍ରହ୍ମ ଥିଲା ।
ତହିଁରୁ ପ୍ରକୃତି ଜାତ ହୋଇଲା । ୬୬ ।
ପ୍ରକୃତିରୁ ସବୁ ହୋଇଲା ଜାତ ।
ଏକୋଇଶ ପୁର ହୋଇଲା ଖ୍ୟାତ । ୬୭ ।
ଏକଇ ବ୍ରହ୍ମ ସର୍ବତ୍ର ବସନ୍ତେ ।
ବସ୍ତୁ ବକାରେ ଭିନ୍ନ ଭିନ୍ନ ରୂପେ । ୬୮ ।
ଏକଇ ବ୍ରହ୍ମରୁ ହୁଏ ଅନେକ ।
ଯେ ବ୍ରହ୍ମ ସେହୁ ଅନାମ ଅଲେଖ । ୬୯ ।
ସେହୁ ନିର୍ବିକଳ୍ପ ପୁରୁଷୋତ୍ତମ ।
ଶୂନ୍ୟ ଶୂନ୍ୟ ମହାଶୂନ୍ୟେ ବିଶ୍ରାମ । ୭୦ ।
ଅଦ୍ୱୈତ ନାମ ବ୍ରହ୍ମେ ଲେଖ ନାସ୍ତି ।
ବୃଥା ତୌର୍ଣ୍ଣିକି ନ କର ଭକ୍ତି । ୭୧ ।
ହେ ଭକ୍ତ ତୋତେ କହୁଅଛି ବୁଝାଇ ।
ବ୍ରହ୍ମ ଧ୍ୟାନେ ମନ ଥାଅ ମଜ୍ଜାଇ । ୭୨ ।
କହେ ଫକୀର ଧ୍ୟାଇ ଶୂନ୍ୟ ବ୍ରହ୍ମ ।
ଶ୍ରୀଚରଣ ତଳେ ରହୁ ମୋ ମନ । ୭୩ ।
ଏତମାତ୍ର ଭବେ ମୁହିଁ ଅରକ୍ଷ ।
ଅନ୍ତେମେ ନାହୁ କରିବେ ଅଲେଖ । ୭୪ ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଜୀବ ପରମ ନିରୂପଣ କଥନେ
ନାମ ଚତୁର୍ଥ ପଟଳ ।

GPNanda Colln., Digitized by srujanika@gmail.com

ପଞ୍ଚମ ପଟଳ

ଅଚ୍ୟୁତ ଉବାଚ ।

ପୁଣିହିଁ ଅଚ୍ୟୁତ ପ୍ରଣମି । ପୁଚ୍ଛିଲେ ଅହେ ଅନ୍ତର୍ଯାମି ॥
ବ୍ରହ୍ମର ମର୍ମ ବୁଝାଇଲେ । ଭେଦଭେଦ କଥା ନ କହିଲେ ॥
ଯେ କିଛି ରହିଲା ସଂଶୟ । ବୁଝାଇ ଦିଅ ଦୟାମୟ ।
ଆଦ୍ୟ ଅପର୍ଣ୍ଣା ଯେଉଁ ଦେବୀ । ଦୁର୍ଗତି ଖଣ୍ଡିନୀ ଭୈରବୀ ॥
ତାହାଙ୍କ ଗର୍ଭରୁ ଉତ୍ପତ୍ତି । କେମନ୍ତେ ହେଲେ ବେଦମୂର୍ତ୍ତି ।
ଯେ ଅଣ ଆକାରୁ ଆକାର । ନ ଥିଲା ତାଙ୍କ ଜନ୍ମ ଦ୍ୱାର ।
କେଉଁ ଦୁଆରେ ହେଲେ ଜନ୍ମ । ସେ ମର୍ମ କହ ଗୁରୁବ୍ରହ୍ମ ।
ବୋଲନ୍ତି ପ୍ରଭୁ ନିରାକାର । ଶୁଣ ଅଚ୍ୟୁତ ମର୍ମ ସାର ।

ଶ୍ରୀ ନିରାକାର ଉବାଚ

ସେ ଯୋଗମାୟା ଯୋଗବଳେ । କ୍ଷେମକୁ ଲୁଚାଉବା ବେଳେ ॥
ଶୂନ୍ୟର ରହିଥିଲା ତହିଁ । ଅଣ୍ଡବ୍ରହ୍ମାଣ୍ଡେ ମହାମାଈ ।
ସେହୁ ବିମ୍ବର ଦ୍ୱାର ଦେଇ । ଉତ୍ପନ୍ନ ହେଲେ ମୂର୍ତ୍ତି ଦୁଇ ।
ହେମ ମର୍କତ ପ୍ରାୟେ ଜ୍ୟୋତି । ବିସ୍ମିତ ଦିଶନ୍ତି ସେ ମୂର୍ତ୍ତି ।
ମୃତ୍ତ୍ୱ ପିଣ୍ଡରେ ଯେ ସମାନ । ନ ଥିଲା ତାଙ୍କର ଚେତନ ।
ଏମନ୍ତ ଦେଖି ଯଦୁମାତ । ବିକଳ ହୋଇଣ ବହୁତ ।
ମହାବ୍ରହ୍ମଙ୍କୁ ଲୟ କଲେ । ବ୍ରହ୍ମ ଯେ ପ୍ରସନ୍ନ ହୋଇଲେ ।
ଦଶ ଅକ୍ଷର ମନ୍ତ୍ର ତହିଁ । ଦର୍ଶନ ଦ୍ୟନ୍ତେ ମହାମାଈ ॥
ଭାବନ୍ତି ଏହୁ ବ୍ରହ୍ମ ମନ୍ତ୍ର । ଜଗତେ କେ ଜବ ସିଦ୍ଧାନ୍ତ ।
ବ ଳଭ ବାଳିକାଙ୍କୁ ଦେନି । କୋଳେ ଧରିଣ ଠାକୁରାଣୀ ॥
ସେ ଦଶାକ୍ଷର ବ୍ରହ୍ମ ମନ୍ତ୍ର । ଶ୍ରବଣେ ଫୁଙ୍କିଲେ ତୁରିତ ।
ପ୍ରାପତ ହୋଇଲା ଜୀବନ । ଚେତଣ ଖୋଲନ୍ତି ନୟନ ।
ସେ ବେନି ଅଙ୍ଗ ଜଡ଼ା ଜଡ଼ି । ଭେଦ ଯେ ତାହାକୁ ନ ଘଢ଼ି

GPNanda Colln., Digitized by srujanika@gmail.com

ଭେଦା ଭେଦ ଯେ କିଛି ନାହିଁ । ଯୁଗଳ ମୂରତି ସେ ଦୁଇ ।
ଯୁଗଳ ଅଙ୍ଗ ଯେ ଏକାଙ୍ଗ । ନମିଶେ ନ ସ୍ୱତନ୍ତ୍ର ସଙ୍ଗ ॥
ବାମାଙ୍ଗ ଅଟେ ରାଧା ରୂପ । ଡାହାଣ ଶ୍ରୀକୃଷ୍ଣ ସ୍ୱରୂପ ।
ଦୁର୍ଗା ଯେ ଆନନ୍ଦ ମନରେ । ତାହାଙ୍କୁ ଧରନ୍ତି କୋଳରେ
ସ୍ୱବା ସ୍ୱରୂପ ତାଙ୍କୁ କଲେ । ନିଜେ ତାହାଙ୍କୁ ସ୍ଥାନଦେଲେ
ଦେବୀ ହୋଇଲେ ସିଂହାସନ । ତହିଁ ବସିଲେ ଦେବନିଜନ ।
ତହୁଁ ଯୁଗଳ ଲୀଳା ହେଲା । ସଂସାରେ ପ୍ରଘଟ ହୋଇଲା ।
ଅରୂପ ବ୍ରହ୍ମରୁ ଯେ ରୂପ । ହୋଇଲା ଯୁଗଳ ସ୍ୱରୂପ ।
ଗୋଲକ ଭୁବନେ ରହିଲେ । ଯୁଗଳ ଲୀଳା ଅବସ୍ଥିଲେ ।
ସଖିମାନେ ଯେ ସେବା କଲେ । ଯେଯେଉଁ ସେବାରେ ରହିଲେ
ପଟଳ ଛୟାଳିଶ ସେହି । ବିଶେଷେ ବର୍ଣ୍ଣିତ ଅଛଇ ॥
ଯୁଗଳ ମୂରତିର ଲୀଳା । ଚାରି ଯୁଗରେ ପ୍ରକାଶିଲା ।
ଅରୂପ ବ୍ରହ୍ମରୂପ ହେଲେ । ଜଗତ ମଧ୍ୟେ ଗୋଲକରେ ॥
ସେହିଟି ଲକ୍ଷ୍ମୀ ନାରାୟଣ । ସେ ବ୍ରହ୍ମ ଶ୍ରୀରାମ ଲକ୍ଷ୍ମଣ ॥
ସେହି ଶ୍ରୀକୃଷ୍ଣ ହଳଧର । ସେହିଟି ନାନା ଅବତାର ।
ଲୀଳା କାରଣ ବ୍ରହ୍ମଅଂଶୀ । ମହାବ୍ରହ୍ମରେ ଯାନ୍ତି ମିଶି ।
ସେ ମହାବ୍ରହ୍ମ ପଦ ଧ୍ୟାଇ । ଫକୀର ମହାନ୍ତ କହଇ ।
ହେ ଶୂନ୍ୟବାସୀ ଶୂନ୍ୟଦେହୀ । ତବ ଆଶ୍ରେ ଅଛି ରହି ।
ପଦ୍ମ ଚରଣେ ରହୁ ମନ । ଏତିକି ମାଗେ ମୋ ଧିଆନ ।୮୦
କୃପାରେ ହୋଇ ସୁପ୍ରସନ୍ନ । ତାର ହେ ଅବିନାଶୀ ବ୍ରହ୍ମ ।
ଦର୍ଶନ ଦେଇଣ ଦୁଃଖ ହର । ଏତିକି ପ୍ରାର୍ଥନା ମୋହର ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ ସମ୍ବାଦେ ଯୁଗଳ ଅଙ୍ଗ ସଂକ୍ଷେପ ଭେଦ ବର୍ଣ୍ଣନେ ନାମ ପଞ୍ଚମ ପଟଳ ।

GPNanda Colln., Digitized by srujanika@gmail.com

ଷଷ୍ଠ ପଟଳ

ଅଚ୍ୟୁତ ଉବାଚ ।

ଅଚ୍ୟୁତ ଶିରେ ଯୋଡ଼କର । ବୋଲେ ହେ ଗୁରୁ ନିରାକାର ।
ନମସ୍ତେ ମହାଶୂନ୍ୟ ବ୍ରହ୍ମ । ନିଷ୍କାମ ନିର୍ମୋହ ନିର୍ଗୁଣ ।
ଜୟ ଅନାଦି ଯୋଗେଶ୍ୱର । ଅନନ୍ତ ମହିମା ସାଗର ।
ନମସ୍ତେ ମହାଶୂନ୍ୟ ବାସୀ । ଅରୂପାନନ୍ଦ ବ୍ରହ୍ମରାଶି ।
ଏକଇ ବ୍ରହ୍ମରୁ ଅନେକ । ପ୍ରକାଶ କଲ ପଦ୍ମମୁଖ ॥
କେଉଁ ଯୁଗରେ କେଉଁ ଖେଳ । କଲ ହେ ପ୍ରଭୁ ଆଦିମୂଳ ॥
ସତ୍ୟରେ କେଉଁ ଅବତାର । ହୋଇଲ ପ୍ରଭୁ ନିରାକାର ॥
ତ୍ରେତାରେ କେଉଁ ରୂପ ଧର । ଦ୍ୱାପରେ କି ରୂପ ତୁମ୍ଭର ।
କଳିରେ କେଵଣ ମୂରତି । ହୋଇବ ପ୍ରଭୁ ଦାଶରଥି ।
ଜଗତେ ପ୍ରାଣୀମାନେ ଯେତେ । ସତ୍ୟରେ ତରିବେ କେମନ୍ତେ ।
କି ମନ୍ତ୍ର କରିବେ ଭଜନ । ଯେଣେ କହିବା ନିରଞ୍ଜନ ।
ଶୁଣି ବୋଲନ୍ତି ଭଗବାନ । ଶୁଣ ଅଚ୍ୟୁତ ଦେଇ ମନ ।

ନିରାକାର ଉବାଚ ।

ସତ୍ୟ ଯୁଗର ପ୍ରାଣୀ ଯେତେ । ସତ ଯେ କହନ୍ତି ସମସ୍ତେ ।
ଶ୍ରୀ ନାରାୟଣ ମନ୍ତ୍ର ସ୍ମରି । ଭବ ସାଗରୁ ଯାନ୍ତି ତରି ।
ତ୍ରେତାରେ ଶ୍ରୀରାମ ତାରକ । ମନ୍ତ୍ର ଭଜନ୍ତେ ନରଲୋକ ॥
ଜୀବନ୍ତେ ଅନନ୍ଦରେ ଥାଇ । ଅନ୍ତରେ ବୈକୁଣ୍ଠେ ବସଇ ।
ଦ୍ୱାପର ଯୁଗରେ ଯେ ପୁଣି । ଗୋପାଳ ମନ୍ତ୍ର କରି ଧ୍ୟାନ ।
ଗୋଲୋକ ଭୁବନେ ବସନ୍ତି । ଏବେ ତୁ ଶୁଣ କଳି ସ୍ଥିତି ।
କଳିଯୁଗରେ ମହାମନ୍ତ୍ର । ଧ୍ୟାଇଣ ହୋଇବ ମୁକତ ।
ଏବେ ତୁ ଶୁଣ ସତ୍ୟ ମୁହିଁ । ନରକେଣସ୍ଥ ମୁଁ ହୋଇ ।
ମୁର ଦାରୁଣଙ୍କୁ ନାଶିଲି । ଧରଣୀ ଭାର କ୍ଷୟାଇଲି ॥

GPNanda Colln., Digitized by srujanika@gmail.com

ସେ ଦୁଷ୍ଟେ ପଡ଼ନ୍ତେ ହେଲେ ନଷ୍ଟ । ଦେବତା ହୋଇଲେ ସନ୍ତୁଷ୍ଟ ॥
ପୁଣିହିଁ ସେ ମୂର୍ଖ ଦାରୁଣ । ହେଲେ ରାବଣ କୁମ୍ଭକର୍ଣ୍ଣ ॥
ତ୍ରେତାଯୁଗରେ ଜନ୍ମ ହୋଇ । ଜନ୍ମମାନ ଯେ ହେଲ ମହୀ ॥
ତପେ ତୋଷିଣ ବେଦବର । ପାଇଲେ ଜଟକ୍ଷ୍ମୀ ବର ।
ସମସ୍ତ ଭୁବନ ଜିଣିଲେ । ସୁରଙ୍କୁ ପାଦେ ଖଟାଇଲେ ।
ଜାଣିଲ ଦେବଙ୍କ ବିପତ୍ତି । ସେସ ନାଶନେ କଲ ମତି ।
ଶ୍ରୀରାମ ସ୍ୱରୂପ ଧରିଣ । ବଧି ରାବଣ କୁମ୍ଭକର୍ଣ୍ଣ ।
ଭୂଭାର ନାଶି ଧର୍ମ ଧାମେ । ମିଶିଲ ଯାଇଁ ମହାବ୍ରହ୍ମେ ॥
ତ୍ରେତା ଯୁଗରେ ଖେଳ ସାରି । ପୁଣି ଦ୍ୱାପରେ ଅବତରି ।
ଗୋପୀଏ ମୋହର ବିଶ୍ୱାସ । କଂସ କେଶୀଙ୍କି କଲ ନାଶ ।
ଦ୍ୱାରକା ପୁରେ ଖେଳ କଲ । ଶେଷରେ ବ୍ରହ୍ମରେ ମିଶିଲ ।
କଳିରେ କଳିଙ୍ଗ ଦଇତ । ଉତ୍ପାତ କରନ୍ତେ ବହୁତ ।
କଳଙ୍କି ଅବତାର ହେବ । ସେ ଦୁଷ୍ଟଦୈତ୍ୟଙ୍କୁ ନାଶିବ ।
ବସୁଧା କରିବ ଉଦ୍ଧାର । ସନ୍ତୁଷ୍ଟ ହେବେ ସୁରନର ॥
ଭକ୍ତ କରିବେ ଜୟେ ଜୟେ । ମୋ ପାଦପଦ୍ମେ ଥିବ ଲୟେ ॥
କରିବେ ମୋର ଗୁଣଗାନ । ମୋ ନାମ କରିବେ କୀର୍ତ୍ତନ ।
ପାଇବେ ଦିବ୍ୟ ଭୋଗମାନ । ଅନ୍ତେ ପାଦେ ହେବେ ଲୀନ
ଶୁଣି ଅଚ୍ୟୁତ ତୋଷ ହେଲେ । କାକୁସ୍ଥ ହୋଇଣ ବୋଇଲେ ॥
ଫକୀର କହେ ପୂର୍ଣ୍ଣବ୍ରହ୍ମ । ପୂରିଣ କର ମନସ୍କାମ । ୮୦ ।
ତବ ଅଙ୍ଗରେ ସର୍ବସିଦ୍ଧି । କୂଳ ନ ଲଙ୍ଘଇ ଜଳଧି ॥
ତୁଷ୍ଟ ହୋଇଣ ପରସନ୍ନ । କୃପାରେ ଦିଅ ଦରଶନ ॥
ଏତେକ ମୋହର ବିନତି । ଅଶେଷ ଭୁବନର ପତି ।
ଏ ଜୀବ ଅଟେ ତବାଧୀନ । ତବ ଚରଣେ ବନ୍ଧୁ ମନ ।
ତୋ ନାମ ଗାଇ ଜୀବ ଯାଉ । ପ୍ରାଣ କରତା ମହାବାହୁ ॥

GPNanda Colln., Digitized by srujanika@gmail.com

ମୁଁ ଅଟେ ଅଜ୍ଞାନୀ ଅବଶ । ଉଦ୍ଧର ଶ୍ରୀଗୁରୁ ଅଲେଖ ।୪୭।

ଇତି ଶ୍ରୀ ଛତ୍ରିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଯୁଗାନୁରୂପ ଅବତାର ବର୍ଣ୍ଣନେ
ନାମ ଷଷ୍ଠ ପଟଳ ।

ସପ୍ତମ ପଟଳ

ଅଚ୍ୟୁତ ଉବାଚ ।

ଅଚ୍ୟୁତ ହୋଇଣ ବିନୟ । ବୋଲେ ଶୁଣ ହେ ବ୍ରହ୍ମାମୟ ॥
ଆପଣେ ସ୍ୱୟଂ ପରଂବ୍ରହ୍ମ । କର କରାଅ ସର୍ବ କର୍ମ ॥
ମର୍ମ ତା ନ ଜାଣନ୍ତି କେହି । ଭ୍ରମରେ ପଡ଼ି ଭ୍ରମୁଥାଇ ॥
କେବଳ ଶ୍ରମ ମାତ୍ର ସାର । ଅସ୍ତା ପରରେ ନୋହେ ପାର ॥
ହେ ପ୍ରଭୁ ଅନନ୍ତ ଶୟନେ । ଆପଣେ ଥିଲେ ଯୋଗଧ୍ୟାନେ ॥
ଅନନ୍ତ କଲେ ସେ ଅଟଳ । କାହୁଁ ଜନମ ହେଲେ ସେହୁ ॥
ଆପଣେ ପୂର୍ଣ୍ଣ ବ୍ରହ୍ମମୟ । କେଉଁ ବନ୍ଧୁକୁ କର ଲୟ ॥
ହେ ପ୍ରଭୁ ପ୍ରକାଶ ତା କର । ଶୁଣି ବୋଇଲେ ନିରାକାର ॥

ଶ୍ରୀ ନିରାକାର ଉବାଚ ।

ଶୁଣ ହେ ଭକତ ଉତ୍ତମ । ତୋତେ କହିବା ତାର ମର୍ମ ॥
ଯେ ପ୍ରଭୁ ଅଲେଖ ଅବ୍ୟକ୍ତ । ତାଙ୍କର ନାହିଁ ଆଦ୍ୟ ଅନ୍ତ ॥
ସେ ଅଣ ଆକାରୁ ଆକାର । ହୋଇଲ ମୁହିଁ ନିରାକାର ॥
ସେ କାଳେ ମନେ ଭାବିଲଇଁ । ସଙ୍ଗେ ମୋହର କେହି ନାହିଁ ॥
ସଖା ଯେ କରିବ ଗୋଟିଏ । ସେ ମୋତେ ହୋଇବ ଅଶ୍ରୟେ ॥
ଏମନ୍ତ ମନେ ବିଚାରିଲି । ମସ୍ତକ କେଶକୁ ଧରିଲି ॥
ସେ କେଶ ହସ୍ତରେ ସଜାଡ଼ି । ଗୋଟିଏ ତହିଁରୁ ଉପାଡ଼ି ॥
ପକାଇଲି କେଶ ନାଗବଳି । ଏ କେଶ ଜନ୍ମୁ ନାଗ ବଳି ॥

GPNanda Colln., Digitized by srujanika@gmail.com

ମନ୍ତ୍ରେ ଜୀବନ୍ୟାସ କଲ । ଉଦନ୍ତେ ତାର ନାମ ହେଲ ।
ଶୁଣ ଅଚ୍ୟୁତ ବୋଲେ ଗୁରୁ । କି ନାମ ଦେଲ କଳ୍ପତରୁ ।
ପ୍ରଭୁ ବୋଲନ୍ତି କହେ ଶୁଣ । ତା ନାମ ଅଟଇ ପ୍ରମାଣ ।
ସେ ନାଗ ବଡ଼ ବୁଦ୍ଧିମନ୍ତ । କହୁଛୁ ତହିଁର ବୃତ୍ତାନ୍ତ ।
ତା ଲକ୍ଷ ମୁଣ୍ଡ ଏକଠାରେ । କଲ ଯେ ମଣ୍ଡଳ ଆକାରେ ।
ଚନ୍ଦ୍ରକେଶର ପ୍ରାୟେ ହୋଇ । ସେହୁ ମଣ୍ଡଳ ଶୋଭା ପାଇ ॥
ତା ପରେ ମୁହିଁ ଯୋଗାସନେ । ରହିଲି ମହାବ୍ରହ୍ମ ଧ୍ୟାନେ ।
ଦୁଇ ଯୋଜନ ଲମ୍ବ ସେହୁ । ସେବେଳେ ମୋତେ ସେ କହଇ
ହେ ଦେବ ଦେବ ସର୍ବଗ୍ରାହୀ । ଦ୍ୱାର ରକ୍ଷଣେ କେହୁ ନାହିଁ ।
ମୋ ପରେ ଅଟେ ହୁଲ ପ୍ରଭୁ । ପ୍ରାନ୍ତରେ ଅଗୋଚର ସବୁ ।
ସୁର ଅସୁରେ ଯେ କପଟି । ଗ୍ରାମକୁ ଆସିବେ ସେ ଭେଟି ।
ତାଙ୍କର ଗତାଗତ ଭାବ । କିଛି ତ ଜଣା ନ ପଡ଼ିବ ।
ଏଥକୁ ଦ୍ୱାର ରକ୍ଷାକର । ଜଣାଇ ଦେଲ ଶ୍ରୀଗ୍ରାମର ॥
ସେ ନାଗ ବଚନ ଶୁଣିଲି । ମନରେ ଆନନ୍ଦ ହୋଇଲି ।
ଜାନୁରୁ ଲେମେକ ଉପାଡ଼ି । ଜୀବନ ଦେଲି ମନ୍ତ୍ର ପଢ଼ି ।
ବୋଇଲି ବୃକ୍ଷେକ ତୁ ହୁଅ । ପଶ୍ଚିମ ଦ୍ୱାର ଜାଗିଥାଅ ।
ପ୍ରବେଶ ହେଲେ ସୁରାସୁର । ତାହାଙ୍କୁ ନିରୋଧ ତୁ କର ।
ପଶ୍ଚିମ ଦ୍ୱାର ରକ୍ଷା ହେଲ । ଦକ୍ଷିଣ ରଖିବ କେ ଭଲ ।
ଏମନ୍ତ ମନରେ ଭାବିଲି । ଶ୍ରୀ ଭୁଜୁଁ ଲେମେକ କାଢ଼ିଲି ।
ଦକ୍ଷିଣ କର ଲୋମ ବୋଲି । ଦକ୍ଷିଣ ଦୁଆରେ ସ୍ଥାପିଲି ।
ବୋଇଲି ଏ ସ୍ଥାନେ ତୁ ଥିବୁ । କାହାକୁ ଗ୍ରାମେ ନ ଦେବୁ ।
କପଟ କରି ଯେ ଆସିବ । ତୋହର କରେ ନାଶ ଯିବ ।
ଦୈତ୍ୟ ଦଳନ ନାମ ଦେଇ । ଦକ୍ଷିଣ ଦୁଆରେ ରଖାଇ ।
ସେ ଲୋମ ଶ୍ୟାମ ମୂର୍ତ୍ତି ହେଲ । ଦକ୍ଷିଣ ଦ୍ୱାର ଅବୋରିଲ ।
ମୋତେ କହୁଛି ଯେଉଁ ନାଗ । ତାହାର ପୂର୍ବ ଦ୍ୱାର ଭାଗ ।

GPNanda Colln., Digitized by srujanika@gmail.com

ଶୁଣ ହେ ଭକ୍ତ ମନ ଦେଇ   ସୁଜାଣ ପୂର୍ବଦ୍ୱାର ଗୁହ୍ୟ ॥
ମୁହୂର୍ତ୍ତେ ନ ପଡ଼େ ପଲକ । ତା ଭେଜେ ଦଶଇ ଅଲେଖ
ପୂର୍ଣ୍ଣହିଁ ନିଜ ଭୂଲତାରୁ । ଲୋମେକ ଉପାଡ଼ିଲି ସରୁ ।
ମନ୍ତ୍ରରେ ଜୀବନ୍ୟାସ ଦେଇ । ମହାମନ୍ତ୍ର ଯେ ହେଲା ସେହି ॥
ତାହାଙ୍କୁ କହିଲି ଏମନ୍ତ । ଭୂଲତା ଲୋମୁଁ ହେଲ ଜାତ ॥
ଶ୍ରୀମନ୍ତ ନାମ ହେଉ ତୋର । ଜଗତୁ ଉତ୍ତର ଦୁଆର ।
ଏ ଦ୍ୱାର ବଟେ ତୋର ଭାଗେ । ଯା ଦାନବର ତୋତେ ସରେ
ଏଥେଁ ଅସିଲେ ସୁରସୁର । କେବେଁ ତୁ ନ ଛାଡ଼ିବୁ ଦ୍ୱାର
ମୋର ଶ୍ରୀ ଛାମୁରେ କହିବୁ । ଯା ଆଜ୍ଞା ହେବ ତା କରିବୁ
ଏମନ୍ତ ଗୁରୁଦ୍ୱାର ଦ୍ୱାରୀ । କରିଣ ରହିଲେ ମୋହର ॥
ସୁରଙ୍କୁ ପଢ଼ିଲେ ବୃପତି । ସଙ୍ଗତେ ଧେନ ବେଦପତି ।
ଭବ ବାସବ ଚନ୍ଦ୍ରାକର । ଅଦିତ୍ୟ ଚନ୍ଦ୍ର ନିଶାକର ॥
ମୋ ଥିବା ସ୍ଥାନରେ କଣାନ୍ତ । ଅଦ୍ୟାପି ତାଙ୍କୁ କରେ ଶାନ୍ତ ॥
ତାହାଙ୍କ ଯୋଗୁଁ ଅବତାର । ହୋଇଣ ନାଶଇ ଭୂଭାର ॥
ବୋଲଇ ଫକୀର ଅଧମ । ଧାଇଣ ଗୁରୁ ଶ୍ରୀଚରଣ ।୫୭।

ଇତି ଶ୍ରୀ ସପ୍ତଲିଣ ପଟଳ ମହାଗ୍ରନ୍ଥେ ନିର୍ବିକାର ଅଚ୍ୟୁତ
ସମ୍ବାଦେ ଗୁରୁଭଗ ରକ୍ଷଣ ନିରୂପଣ କଥନେ
ନାମ ସପ୍ତମ ପଟଳ ।

'ଅଷ୍ଟମ ପଟଳ'

ଅଚ୍ୟୁତ ଉବାଚ ।

ଅଚ୍ୟୁତ ଶିରେ କରଯୋଡ଼ି । ଶ୍ରୀଗୁରୁ ପାଦତଳେ ପଡ଼ି ॥
ହେ ଗୁରୁଦେବ ନିର୍ବିକାର । ଅଶେଷ ବ୍ରହ୍ମାଣ୍ଡ ଠାକୁର ॥
ମୋହର ପୂର୍ବ ଭାଗ୍ୟବନ୍ତ । ଦର୍ଶନ ଦେଲ ହେ ଦୟାନ୍ତ

GPNanda Colln., Digitized by srujanika@gmail.com

ତବ ଶ୍ରୀଚରଣେ ଶରଣ । ପିବାକୁ କରିଲି କାରଣ ॥
କାମିସ୍ୱା ପୁରୁଷ ଅପଣ । ଏଣେ ଅକ୍ଷରୁ ଯେଣୁ ଜନ୍ମ ॥
ଅଚ୍ୟୁତ ବାକ୍ୟ ଶୁଣି ତହୁଁ । ଶ୍ରୀ ନିରାକାର ମହାବାହୁ ।

ନିରାକାର ଉବାଚ ।

ବୋଲନ୍ତି ଶୁଣରେ ନନ୍ଦନ । କହୁବା ତହିଁର କାରଣ ।
ଏଣେ ଅକାରୁ ମୁଁ ସରିଲି । ନିରାକାର ଯେ ବୋଲାଇଲି ।
ଠୁଳ ଶୂନ୍ୟରେ ମୋ ବିହାର । ଜ୍ୟୋତି ସ୍ୱରୂପ ଅଟେ ମୋର
ସେ ଠୁଳ ଶୂନ୍ୟେ ଜ୍ଞାନ ନାହିଁ । ମୋ ଯୋଗୁ ସର୍ବ କର୍ମହୋଇ ।
ତିସପ୍ତ ବ୍ରହ୍ମାଣ୍ଡର ପତି । ମୋତେ ସକଳେ ମାନନ୍ତି ।
ଗୁରୁ ସ୍ୱଗରେ ରୂପ ମୋର । ଏକଇ ପ୍ରକାରେ ଭ୍ରମଇ ।
ଜ୍ୟୋତି ପୁରୁଷ ବୋଲାଇଲି । ଅରୂପେ ଗଣନା ନୋହିଲି ॥
ରଚନା ରୂପ ମୁଁ ଅଟଇ । ଅରୂପେ ଲକ୍ଷ କେହି କାହିଁ ॥
ଯେଣୁ ମୋହର ରୂପ ଅଛି । ପ୍ରକୃତି କଳ୍ପନା କରିଛି ।
ମୁଁ ନିରାକାର ବ୍ରହ୍ମ ହରି । ଅଙ୍ଗେ ପୁରୁଷ.ଅଙ୍ଗେ ସ୍ତିରି ।
ବାମାଙ୍ଗ ଅଟେ ସ୍ତିରୀ ରୂପ । ଡାହାଣ ପୁରୁଷ ସ୍ୱରୂପ ॥
ତହିଁରୁ କଳ୍ପଣା ସରିଲି । ନାଦ ବିନ୍ଦୁ ଯେ ଜନ୍ମ ହେଲି
ଯେଣୁ ସେ କଳ୍ପନା ଭୁବନ । ତେଣୁ ସେ ନୋହେ ବ୍ରହ୍ମଜ୍ଞାନ
ମୋହର ଜ୍ୟୋତି ରୂପ କାୟା । ତହୁଁ ଲଗିଛି ମୋହ ମାୟା ॥
ଅଦ ସସାରେ ମୋହ ଜାଲେ । ପ୍ରକୃତଛନ୍ଦ ମାନେ ମାଲେ ।
ସେ ରୂପ ବସ୍ତୁ ମାୟା ହୋଇ । ଜନ୍ମ ହୋଇଲେ ମୁକ୍ତି ନାହିଁ ॥
ବସ୍ତୁ ଯୋଗରେ ବସ୍ତୁ ମାୟା । ଭିଡ଼ାଇ ରଚିଲ ୯ କାୟା ।
ମାୟାକୁ ଆଦିଶକ୍ତି କହ । ଅନନ୍ତ ଗର୍ଭ ସେ ବୋଲାଇ ।
ତିସପ୍ତ ବ୍ରହ୍ମାଣ୍ଡରେ ଜାଣ । ଲାଗିଛି ଜନମ ମରଣ ।
ତହିଁର ଅଗେ କିଛି ନାହିଁ । ଅଭୟ ବ୍ରହ୍ମପୁର ସେହି ।
ଯେ ପ୍ରାଣୀ ବ୍ରହ୍ମଅଂଶୀ ଥିବେ । ମହା ବ୍ରହ୍ମରେ ହେତୁହେବେ

GPNanda Colln., Digitized by srujanika@gmail.com

ଅରୂପେ ଯିବେଟି ଶରଣ । ତେଣୁ ସେ ପାଇବେ ତାରଣ
ପୂର୍ଣ୍ଣାନନ୍ଦ ଯେ ପୂର୍ଣ୍ଣବ୍ରହ୍ମ । ନିଷ୍କାମ ନିର୍ଗୁଣ ସେ ଧର୍ମ ॥
ଏ ଜୀବ ସ୍ୱରୂପେ ଉତ୍ପତ୍ତି । ଅରୂପେ ଅନ୍ତେ ପାଇଗତି ।୩୦
ଶରୀରଧାରୀ ଯେତେ ହୋଇ । ରୂପ ଧ୍ୟାଇଲେ ଗତି ନାହିଁ ।
ରୂପ ବନ୍ଧନ ଜନ୍ମ ହେଲା । ଅରୂପ ବ୍ରହ୍ମ ନ ଚିହ୍ନିଲା ।
ଅଜ୍ଞାନୀ ଜୀବ ନ ଜାଣଇ । ରୂପରେ କାହିଁ ବ୍ରହ୍ମପାଇ ।
ବ୍ରହ୍ମ ଯୋନୀରେ ଯେ ଉତ୍ପନ୍ନ । ସେ ଯେ କରଇ ବ୍ରହ୍ମକର୍ମ ॥
ବସ୍ତୁ ଯୋନୀରେ ଯେତୁ ଜନ୍ମ । ବ୍ରହ୍ମଙ୍କୁ ନୁହେ ସେ ଭାଜନ ॥
ସେ ମହାବ୍ରହ୍ମ ଶୂନ୍ୟ ଦେହୀ । କଳ୍ପନା ବିକାର ଯେ ନାହିଁ
ସର୍ବଦା ଅଛନ୍ତି ସମାନ । ସେଠାରେ ନାହିଁ ପାପପୁଣ୍ୟ
ଜାତି ଅଜାତି ନ ମାନନ୍ତି । ସକଳ ଘଟେ ପୂରିଛନ୍ତି ।
ଘଡ଼ି ବେଳ ଯେ ତହିଁ ନାହିଁ । ସଦା ଆନନ୍ଦ ବ୍ରହ୍ମ ସେହି ।
ପୃଥ୍ୱୀ ପର୍ଯ୍ୟନ୍ତେ ସନ୍ଥପାରେ । ସର୍ବ ପ୍ରାଣୀଙ୍କ ମୋହ ପାରେ
ଅନାଏ ଚନ୍ଦ୍ର ରୂପ ଜଳେ । ଅଗ ପଛକୁ ଯେ ନ ଚଳେ ।
ଶ୍ରୀବତ୍ସେ ବଚନ କହଇ । ସାଧନେ ସମର୍ଥଟି ସେହି ॥
ସର୍ବ ଶରୀରେ ସମଭାବେ । ଫଳ ଦଅନ୍ତି ଯେଝା ଭାବେ ।
ଏମନ୍ତ ବ୍ରହ୍ମ ଯେତୁ ଅଛେ । ଅଶ୍ରୟେ ଭକ୍ତ ଭୟ ତୁଟେ ।
ଜନ୍ମ ମରଣୁ ସେ ନିସ୍ତରେ । ହେନ୍ତୁ ରହଇ ଯୁଗାନ୍ତରେ ॥
ସେ ମିଶେ ମହା ବ୍ରହ୍ମେ ଯାଇଁ । ସଂସାର ମାୟା ନ ଲାଗଇ ॥
ସେ ଭକ୍ତ କରେ ସର୍ବସିଦ୍ଧି । ବାକ୍ୟ କରୁଣା ବାରିନିଧି ।
ଯାହା କହଇ ତାହା ହୁଏ । ତା ବାକ୍ୟ ଅନ୍ୟଥା ନ ହୁଏ
ହେ ଭକ୍ତ ରଖିଥାଅ ହେତୁ । ଜନ୍ମ ମରଣେ ନ ଡର ତୁ ॥
ପୃଥିବୀ ଅପ ତେଜ ବାଇ । ପଞ୍ଚଭୂତ ଏ ଦେହ ହୋଇ ॥
ଧୂମ୍ର ଅକାଶ ଶୂନ୍ୟମଧ୍ୟେ । ଠାବଣି ଚକ୍ଷୁ ଏ ହୃଦୟେ ॥
ରବି ଶଶୀ ତା ଦୀପାବଳୀ । ସେ ଯେ ବ୍ରହ୍ମାଣ୍ଡ ପାରେ କଳି

GPNanda Colln., Digitized by srujanika@gmail.com

ନକ୍ଷତ୍ରମାନେ ଯେ ଶୂନ୍ୟରେ । ଦିଶନ୍ତି ଖଦ୍ୟୋତ ପ୍ରକାରେ ।
ତେତିଶକୋଟି ସୁରଗଣ । ଦିଶନ୍ତି କୁସୁମ ସମାନ ।
ଯୋଗୀଗଣ ଯେ ଅଷ୍ଟକୋଟି । ପ୍ରକୃତ ବୋଲି ଭାବନ୍ତି ।
ସପ୍ତ ସମୁଦ୍ର ଜଳ ଯେତେ । ବୁନ୍ଦେବୋଲି ସେ ଭାବନ୍ତିତେ
ପୃଥିବୀ ଏ ମହୀ ମଣ୍ଡଳେ । କୁଙ୍କୁମ ବଟା ଶିଳ ଭଳେ ॥
ଗୋ ଖୋଜ ସମାନ ଏ ପୃଥ୍ୱୀ । ଏହି ମଧ୍ୟରେ ଦିନ ରାତି ।
ସ୍ବରଘାଟ ଯେ ଗୃହରଠ । ଗୃହ ଦଗରେ ଗୃହ ବାଟ ।
ସ୍ୱା ମଧ୍ୟେ ବସେ ଶୂନ୍ୟବ୍ରହ୍ମ । କେହି ନ ଜାଣେ ତାର ମର୍ମ ।
ବ୍ରହ୍ମ ଧର୍ମକୁ ଯେ ଛାଡ଼ଇ । ଦେବୀ ଖର୍ପରେ ସେ ପଡ଼ଇ ।
ତାହାର କେବେ ଗତି ନାହିଁ । ମାୟାରେ ଭ୍ରମେ ପଡିଥାଇ ।
ସମସ୍ତେ ମୋହଠାରୁ ଜନ୍ମ । ମୁଁ ନିରାକାର ଅଦ ବ୍ରହ୍ମ ।
ଅମ୍ଭେ ଲଗାଇ ଛନ୍ଦମାୟା । ତେଣୁ ନ ବହନ୍ତି କାୟା ॥
ଶୁଣ ଅଚ୍ୟୁତ ହେତୁ କର । ଅଙ୍ଗେ ପୁରୁଷ ଅଙ୍ଗେ ସ୍ତ୍ରି ସ୍ୱ ॥
ଜନନୀ ରୂପେ ଜନ୍ମ କଲ । ମାୟା ସ୍ୱରୂପେ ହରି ନେଲ ॥
ପୂଜା ପାଉଛୁ ଦେବୀ ରୂପେ । ସଂହାରେ କାଳିକା ସ୍ୱରୂପେ ।
ସେହି ଦେବୀର ଦୟା ନାହିଁ । ଭକ୍ଷିବା ମୃତ୍ୟୁଟି ଅଟଇ ।
ରୂପ ଭଜନ ଯେ କରଇ । କେବେହେଁ ତରି ନପାରଇ ।
ଯେ ପ୍ରାଣୀ ଧ୍ୟାଏ ପୂର୍ଣ୍ଣବ୍ରହ୍ମ । ପୂର୍ଣ୍ଣ ହୁଅଇ ମନସ୍କାମ ॥
ରୂପ ରଚନା ମନ୍ତ୍ର ତେଜ । ଅରୂପ ବ୍ରହ୍ମ ମନେ ହେଜ ॥
ଅମ୍ଭେ ଯେ ମାୟା କଳେବର । ନମିସ୍ୱା ପ୍ରଭୁ ଅଣାକାର ॥
କଳିରେ ବଢ଼ିବ ଅଧର୍ମ । କୌଣସି ଯୁଗେ ନୋହେ ଜାଣ
କଳିର ଦେଖି ଅଗମନ । ମୋହର ମନ ଛନଛନ ॥
ଶ୍ରୀଗୁରୁ ମୁଖୁଁ ଏହା ଶୁଣି । ଅଚ୍ୟୁତ ବୋଲେ ଯୋଡ଼ପାଣି ।
ମୋ ମନେ ଲାଗଇ ସଂଶୟ । ଘୋର କଳିକି ହୁଅ ଭୟ ॥
ଅଶେଷ ଭୁବନ ମୋହନ । ଭକ୍ତଙ୍କୁ ଦିଅ ଦରଶନ ।

GPNanda Colln., Digitized by srujanika@gmail.com

କଳି କି କରିବ ତୁମ୍ଭର । ବଳି ହେ ନାହିଁ ଗଦାଧର ।
ସେ କଳି କପଟ ଅଟଇ । ଫେଡ଼ି କହିବ ନିସ୍ତାର ॥
ବୋଲେ ଫକୀର ଧାଇ ଗୁରୁ । ନାହି କରିବେ ଚିନ୍ତାଭରୁ ॥୮୦

ଇତି ଶ୍ରୀ ଛତ୍ରିଶ ପଟଳ ମହାଗ୍ରନ୍ଥେ ନିସ୍ତାର ଅଚ୍ୟୁତ ସମ୍ବାଦେ ଅସୁରଚରିତ ବର୍ଣ୍ଣନେ ନାମ ଅଷ୍ଟମ ପଟଳ ।

ନବମ ପଟଳ

ଗୁରୁ ପାଦ ଧରି ଅଚ୍ୟୁତ ପଚାରି ଅଟନ୍ତି ପତିତ ପାବନ ।
କଳିଯୁଗ ରୀତ କହ ଦାଶରଥି ସଂଶୟ ଫିଟୁ ବଚନ । ୧ ।
ଜନ୍ମେ ଜନ୍ମେ ମୁହିଁ ସେବକ ଅଟଇ ଅଟେ ଶାରଙ୍ଗ ଧାରଣ ।
ସକଳ ସନ୍ଦେହ ଫିଟାଇ କହିବ ଶୁଣି ହୋଇବି କାରଣ । ୨ ।
କରୁଣା ସାଗର କରୁଣା ବହିଣ ପ୍ରକାଶନ୍ତି କଳି କଥା ।
ଶ୍ରବଣେ ମୁକତ ହେବ ହେ ଶ୍ରୀନାଥ ଉହିବ ଯେପରି ଚେତା ।୩।
ସେ ପଦ୍ମଲୋଚନ ଅଚ୍ୟୁତ ବଚନ ଶୁଣିଣ ବୋଲନ୍ତି ବାଣୀ ।
ଧନ୍ୟ ଧନ୍ୟ ଭକ୍ତ କଳିର ଆଗତ ପୃଚ୍ଛା କଲୁ ମୋତେ ପୁଣି ।୪।
ଶୁଣ ଭକ୍ତମଣି ସ୍ଥାନେ ସ୍ଥାନେ ପୁଣି ହୋଇବଟି ନାନା ଖେଳ ।
ଭଲ ମନ୍ଦ କିଛି ବାଛିଣ ନ ଦେଖି ହେବେ ଏକକାର ମେଳ ।୫।
ବଡ଼ ବଡ଼ ଜନେ ଅକର୍ମ କରିବେ କୁସଙ୍ଗ ଗୋଷ୍ଠିରେ ପଡ଼ି ।
ଦମ୍ଭ ଗୁହାରି କେହି ନ ଶୁଣିବେ ମାୟା ପଟଳରେ ପଡ଼ି ।୬।
ଅଧର୍ମ ହେବାରୁ ଇନ୍ଦ୍ର ନ ପାଳିବ ବୃଷ୍ଟି ନ ହୋଇବ ଜଳ ।
ଶସ୍ୟ ନ ହୋଇବ ଦୁର୍ଭିକ୍ଷ ପଡ଼ିବ ପ୍ରାଣି ହେବ ଟଳବଳ ।୭।
ଧର୍ମ ଅଧର୍ମକୁ ବିଚାର ନ କରି ସର୍ବେ ହେବେ ଜ୍ଞାନହୀନ ।
ପରଦ୍ରବ୍ୟକୁ ସେ ବଳେ ଘେନିଯିବେ ଦେଖିଲେ ନେବେ ଜୀବନ ।୮।

GPNanda Colln., Digitized by srujanika@gmail.com

ମୁଁ ଭାର ପଣରେ ବଡ଼ ବୋଲାଇଣ ଦୁଷ୍ଟାମି ପଣ କରିବେ ।
ସାନ ବଡ଼ ସବୁ ଏକଜ ହୋଇଣ ଅନ୍ୟାୟକୁ ଆଚରିବେ ।୯।
ଯୁବା ସ୍ତ୍ରୀମାନେ ନିର୍ଲ୍ଲଜ ହୋଇବେ ଲଜ ଭୟ ଉପେକ୍ଷିଣ ।
ଧନ ଲୋଭରେ ସେ ଗୃଣ୍ଡାଳ ସଙ୍ଗେ ମେଳ ହୋଇବେ
ଯାଇଣ ।୧୦।

ବ୍ରାହ୍ମଣମାନେ ଯେ ବେପାର କରିବେ ନିଜଧର୍ମ ଛାଡ଼ିଦେଇ ।
ଘରେ ୨ କଳି ହୋଇବ ବହୁତ କାହାର ଅଯୁକ୍ତି ନାହିଁ ।୧୧।
ଅର୍ଥ ଲୋଭ କରି ଉତ୍ତମ ଜନ ଯେ ହୀନ ସଙ୍ଗେ ହେବେ ସଙ୍ଗୀ ।
ଗୁରୁ ବ୍ରାହ୍ମଣଙ୍କୁ ନିନ୍ଦା କରୁଥିବେ ମହନ୍ତ ବଚନ ଭାଙ୍ଗି ।୧୨।
ଉତ୍ତମମାନେ ହୋଇ ଭ୍ରମ ହେବେ ନ ଜାଣିଣ ମୂଳତତ୍ତ୍ୱ ।
ଦେବତା ପୂଜନ ନ କରି ବ୍ରାହ୍ମଣ ବେଶ୍ୟା ସଙ୍ଗେ ହେବେ
ରତ ।୧୩।

ନିଜ ପତ୍ନୀ ଛାଡ଼ି ପରସ୍ତ୍ରୀ ସଙ୍ଗତେ ଲୋଭାଏ ହୋଇବେ ବାଇ ।
ମହତ ଜନ ଯେ ଅମହତ ହେବେ ହୀନ ସଙ୍ଗେ ସଙ୍ଗ
ହୋଇ ।୧୪।

ଅଜ୍ଞାନୀମାନେ ଯେ ଆପଣା ମନକୁ ଜ୍ଞାନୀ ବୋଲି ଜାଣି ଥିବେ ।
ଅର୍ଥ ଲୋଭ କରି କୁକର୍ମ ଆଚରି ତାହାକୁ ବେ ନ ମାନିବେ ।୧୫।
ଏମନ୍ତ ପ୍ରକାରେ ପ୍ରାଣୀମାନେ ହେବେ ତୋତେ କହିଲି ବୁଝାଇ ।
କହୁଅଛୁ ଯାହା ହେତୁ ରଖିଥିବୁ କା ଆଗେ କହିବୁ ନାହିଁ ।୧୬।
ଏମନ୍ତ ବଚନ ଶୁଣିଣ ଅଚ୍ୟୁତ ପୁଣି ପ୍ରଣମି ପୁଚ୍ଛିଲେ ।
କଳିଯୁଗେ ତୁମ୍ଭ ଭକ୍ତମାନେ କେଉଁଠି ରକ୍ଷା ପାଇବେ
ଗୋସାଇଁ ।୧୭।

ଏମନ୍ତ ବଚନ ଶ୍ରବଣ କରିଣ ବୋଲନ୍ତି ଶ୍ରୀ ନିରାକାର ।
ଯାହା ପଚାରିଲୁ ସମସ୍ତ କହିବା ସୁମନେ ଶୁଣ କୁମର ।୧୮।

GPNanda Colln., Digitized by srujanika@gmail.com

କାହୁଁ ବ୍ରହ୍ମପାଏ ମୁହିଁ ପୂରଅଛୁ ସର୍ବପର ମୋର ନାହିଁ ।
ଛପନ କୋଟି ଜୀବଜନ୍ତୁମାନଙ୍କୁ ନିତ୍ୟେ ପଡ ଦେଉଥାଇ ॥
ଯେଉଁ ପ୍ରାଣୀମାନେ ଭକ୍ତି ଦେଖାଇଣ ଠାକପଣ ଅଚରନ୍ତି ।
ସୋହନ୍ତରେ ପଡ ବଣା ହୋଇ ସେ ଯେ ନାନା କଷ୍ଟ
ପାଉଥାନ୍ତି । ୧୦ ।

ପୁତ୍ର ହୋଇ ଯେବେ ପିତାଙ୍କୁ ନ ମାନେ ପିତା ତାଙ୍କୁ ଦଣ୍ଡଦେବ ॥
ପ୍ରଜା ହୋଇ ଯେବେ ଅନ୍ୟାୟ କରିବ ରାଜା ତାଙ୍କୁ ଦଣ୍ଡ ଥିବ ।୧୧।
ସତ୍ୟ ତ୍ରେତୟା ଦ୍ୱାପରଯୁଗରେ ମହା ମହା ବୀର ଥିଲେ ।
ବଳି ବେଣୁ ମାନଧାତା ଆଦି କରି ମୋ ପାଦପଦ୍ମେ
ସେବିଲେ । ୧୨ ।

ଧର୍ମରେ ଥିବାରୁ ମୋହର ଭୁବନେ ବାସ ଦେଲି ତାଙ୍କୁ ମୁହିଁ ।
ଅଧର୍ମରେ ନ ଶଗଲେ ସହସ୍ରାର୍ଜ୍ଜୁନ କଂସ ଜଗ ଲଙ୍କସାଇଁ । ୧୩ ।
ଏହୁପରି ଲୀଳା ଯୁଗେଯୁଗେ ହେଲା ସାନ ବଡ ମୋର ନାହିଁ ।
ମୋର ଭକ୍ତପରେ ଦୟା ଯେ ରଖଇ ମୋ ଦୟା ତାହାରେ
ଥାଇ । ୧୪ ।

କଳିଯୁଗ ପ୍ରାଣୀ ସୁଖ ନ ମିଳିବ ଅନ୍ୟାୟରେ ଦୁଃଖୀ ହେବେ ।
ଦେବାଳୟେ ଯାଇ କୁକର୍ମ କରଣ ଅପରାଧ ଅରଜିବେ । ୧୫ ।
ହୀନ ଦୁର୍ଜ୍ଜନ ଯେ ବଡ ବୋଲାଇବେ ତାଙ୍କୁ ଡରିବେ ସଜ୍ଜନ ।
ପରଦ୍ରବ୍ୟ ଖାଇ ମୂର୍ଖ ପାଷାଣ୍ଡ ଯେ ନିନ୍ଦୁଥିବେ ବ୍ରହ୍ମଜ୍ଞାନ ।୧୬।

ପ୍ରଜାଙ୍କ ଗୁହାରି ରାଜା ନ ଶୁଣିବେ ଅଳ୍ପ ଦିନେ ଯିବେ ନାଶ ।
ଧର୍ମବନ୍ତ ଲୋକ ଗୁପ୍ତରେ ଥିବେ ମୋ ନାମ କରି ଅଭ୍ୟାସ ॥
ଠାବେ ଠାବେ ପୂର୍ଣ୍ଣ କଳଳ ଲାଗିବ ହେତୁ ରଖିଥାଅ ବାରୁ ।
ବଶେଷେ ପାପରେ କେତେକ ମାତିବେ ଭୁଜଙ୍ଗ ବଦ୍ୟାଟି
ସରୁ । ୧୭ ।

GPNanda Colln., Digitized by srujanika@gmail.com

ଶ୍ରୀର ଖଣ୍ଡମାନେ ବିଶେଷ ମାଡିବେ ବନ୍ଧ ବିବନ୍ଧରେ ବୁଲି ।
ବ୍ରହ୍ମଜ୍ଞାନ କହି ତଣ୍ଡି ଚପିଦେବେ ଦୟା ନ ଥିବ ତାହାର ।୨୯
ମାଳା ଗଡ଼ାଇଣ ଦାସ ବୋଲାଇବେ ବଡ଼ିମା ପଣ ଦେଖାଇ ।
ପରଧନ ପର ରମଣୀ ଦେଖିଣ ହେଉଥିବେ ସୁଖେ ଭାଇ ।୩୦।
ହୀନ ଲୋକଙ୍କୁ ଯେ ଶିଷ୍ୟ କରିବେ ଅର୍ଥ ପାଇଁ ହେବ ପ୍ରାପ୍ତ ।
ନୀଚ ହେଉ ପଛେ କହନ୍ତେ ତା ଗୃହେ ଭୋଜନ କରିବେ
ଭକ୍ତ । ୩୧ ।

ପ୍ରକୃତ ଭକତ ନୁହନ୍ତି ସେମାନେ ଅଳସୁଅ ଖଣ୍ଡମାନେ ।
ବେଳ ପଡ଼ିଲେ ଯେ ତାହାଙ୍କୁ ନାଶିଣ ସମ୍ପଦ ନେବେ
ଅଜ୍ଞାନେ । ୩୨ ।

ଅଗ୍ରୁର ବିଗ୍ରୁର ନ ବର୍ଣ୍ଣି ବୈଷ୍ଣବେ ଲୋଭପଣ ପ୍ରକାଶିବେ ।
ନିନ୍ଦନୀ ଲୋକ ଯେ ସତ୍ୟ ପ୍ରକାଶିଲେ ତା କଥା କେ ନ
ମାନିବେ । ୩୩ ।

ହୀନ ନିର୍ବୁଦ୍ଧିଅ ତର୍କରେ ମାତିବେ ଦତ୍ତ ପଦାର୍ଥକୁ ହରି ।
କୁଷ୍ଠ ବ୍ୟାଧି ହେବ ଅଙ୍ଗ ନ ଚଳିବ ମାଗୁଥିବେ ଘରଘରି ।୩୪।
ନିଷ୍ଠୁର ହୃଦୟ ଯେଉଁମାନଙ୍କର ସେମାନେ ମହାପାତକୀ ।
ତିନିପୁରେ ତାଙ୍କୁ ଠାବ ନ ମିଳିବ ଯେହୁ ବିଶ୍ୱାସ ଘାତକୀ ।୩୫
ଧର୍ମ ଚକଗୁରେ ବିଘ୍ନ ଘଟାଇବେ ମନରେ ନ ଥିବ ଡର ।
ଅଗ୍ନିରେ ଅହୁତି ନଦେବାରୁ ପୃଥ୍ୱୀ ହୋଇବଟି ନାରଖାର ।୩୬।
ମୋର ପାଦପଦ୍ମେ ହେତୁ ଯାର ଥିବ ତାକୁ ନ ଚିହ୍ନିବେ କେହୁ
ନିର୍ଜନ ହୋଇ ସେ ଗୁପ୍ତରେ ରହିବ ପ୍ରକୃତ ଭକ୍ତ ମୋ
ସେହୁ । ୩୭ ।

ତୋହ ପ୍ରତି ଦୟା ନାହିଁ ମୋର ମାୟା ବୁଝାଇ କହୁଛୁ ତୋତେ
ଯେତେ ଯେତେ ସିଦ୍ଧ ପୀଠ ସ୍ଥାନମାନ ରହିଅଛି
ଗୁପତେ । ୩୮ ।

GPNanda Colln., Digitized by srujanika@gmail.com

ସମସ୍ତ ତୋ ଆଗେ ପ୍ରକାଶ କରିବ ଶୁଣି ସନ୍ତୋଷ ହୋଇବୁ ।
ଗୁରୁପାଦ ଧ୍ୟାଇ ଫକୀର କହିଲ ଭରସା ମୋ ଶୂନ୍ୟ ପ୍ରଭୁ ।୩୯।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଅଗତ ଭବିଷ ବର୍ଣ୍ଣନେ ନାମ
ନବମ ପଟଳ ।

ଦଶମ ପଟଳ

ନିରାକାର ଉବାଚ ।

ଶୁଣ ଅଚ୍ୟୁତ ଦେଇ ଚିତ୍ତ । କହୁଛି ଭକ୍ତଙ୍କ ଚରିତ ।
ଯେତେକ ସିଦ୍ଧ ପୀଠ ସ୍ଥାନ । ଗୁପ୍ତରେ ଅଛଇଟି ଜାଣ ॥
ସମସ୍ତ କହୁଛି ବୁଝାଇ । ତୋ ପ୍ରତି ମୋର ଦୟା ନାହିଁ ।
ଶ୍ରୀ କ୍ଷେତ୍ରଠାରୁ ଯାଜପୁର । ପର୍ଯ୍ୟନ୍ତେ ସ୍ଥାନ ଅଛି ସାର ।
ଠାବେ ଠାବେ ଯେ ସାଧୁ ବୃନ୍ଦେ । ମେଳା ଯେ କରନ୍ତି ଆନନ୍ଦେ ।
କେବଳ ଭକ୍ତ କେଉଁ ସ୍ଥାନେ । ବସିଅଛନ୍ତି ମୋର ଧ୍ୟାନେ ।
କେତେ ଯେ ଯୋଗାସନେ ବସି । କେ ରାମ ନାମ ମୁଖେ ଘୋଷି
କେ ମାତିଛନ୍ତି ସଂକୀର୍ତ୍ତନେ । କେ ବସି ଶୁଣନ୍ତି ଶ୍ରବଣେ ॥
କେ ରାମତାଳି ଧରି କରେ । ମୁଖେ ବୋଲଇ ହରେ ହରେ
ଯାଜପୁର ଯେ ଦିବ୍ୟସ୍ଥାନ । ବିରଜା ଦେବୀଙ୍କ ଅସ୍ଥାନ ॥
କଲୋଜା ପର୍ବତଟି ଯହିଁ । ସିଦ୍ଧମାନେ ଯେ ଛନ୍ତି ବହୁ ॥
ଗୁପ୍ତେ ଅଛନ୍ତି ଋଷିଗଣେ । ଏକ ଅକ୍ଷର ସ୍ମରି ମନେ ।
ଅମରାବତୀ ସିଦ୍ଧଗିରି । ତହିଁରେ ଭକ୍ତେ ଛନ୍ତି ପୂରି ।
ଅବର ହନୁ ମହେଶ୍ୱର । ପାହାଡ଼ ଦିଶଇ ସୁନ୍ଦର ॥
ସେ ସ୍ଥାନେ ଉତ୍ତରକୁ ଦେଇ । ନଦୀଏ ସଧୀରେ ବହଇ ।
ଭକ୍ତେକ ତହିଁଛନ୍ତି ଗୁପ୍ତେ । ମୋ ପ୍ରେମେ ଥାନ୍ତି ଅନୁବ୍ରତେ

GPNanda Colln., Digitized by srujanika@gmail.com

ନାମ ତାଙ୍କର ସିଦ୍ଧଦେବ । ମୋଠାରେ କରୁଥାନ୍ତି ଭାବ ।
ଯେତେବେଳେ ଅବତାର ମୋର । ସେ ଭକ୍ତ ଦେଖିଛୁ ନେତ୍ର ।
ଶ୍ରୀରାମ ଅବତାର ମୁହିଁ । ସେ ସିଦ୍ଧସ୍ଥାନେ ଥିଲି ରହି ।
ପୁଣି ହିଁ କୃଷ୍ଣ ଅବତାରେ । ଲୁଚିଲି ଜରାସନ୍ଧ ଡରେ ।୨୦।
ଅମରାବତୀ ସିଦ୍ଧଗିରି । ତହିଁରେ ଛନ୍ତି ଭକ୍ତେ ପୂରି ।
ଏ ଅଷ୍ଟାଦଶ ସିଦ୍ଧିମାନ । ସେଠାରେ କରନ୍ତି ସାଧନ ॥
ଚନ୍ଦ୍ରାମୂଳା ନଦୀର ପାଶେ । ଶାରଳା ବଟ ଶୋଭେ ଦଶେ ॥
ନେମ୍ପାଳ ବୋଲି ଯେଉଁ ଗ୍ରାମ । ଅଚ୍ୟୁତ ସେ ତୋର ଆଶ୍ରମ ।
ପଞ୍ଚ ସାଧୁ ଏ ତହିଁ ଛନ୍ତି । ବୃଦ୍ଧ ସେ ଏକାକ୍ଷର ଶନ୍ତ ॥
ଜାମ୍ବୁ ବୃକ୍ଷେକ ତହିଁ ଅଛି । ତାହାର ମହିମା କହୁଛି ॥
ସେ ବୃକ୍ଷ ବ୍ରହ୍ମା ନିର୍ବଚନ । ସମସ୍ତେ କର ଅନ୍ୱେଷଣ ।
ସଙ୍କେତେ ସୁରଗଣ ଧେନ । ଅବଶ୍ୟ ସର୍ବସିଦ୍ଧ ମୁନି ॥
ସ୍ୱପ୍ନରେ ଦେଖି ଭକତକୁ । ତପସ୍ୟା କରଣ ତାହାକୁ ।୩୦।
ପୁଣି ଜନ୍ମ ଯେଉଁ ସ୍ଥାନେ । ପ୍ରଶଂସା କରଣ ସେ ମନେ ॥
ମହାଳ ବନ ଅଛି ଯହିଁ । ସାଧୁଙ୍କ ମେଳ ହୁଏ ତହିଁ ॥
ବଟ ବୃକ୍ଷେକ ଶୋଭା ପାଇ । କୁମ୍ଭୀ କଟକ ସେ ବୋଲାଇ ।
ରୁକ୍ମଣୀ ହରଣ ସେ ସ୍ଥାନ । ଶୁଣ ଅଚ୍ୟୁତ ଦେଇ ମନ ।
ସେ ସ୍ଥାନେ ରହି ଭଗବତୀ । ହୋଇବେ ଯୋଗମାୟା ମୂର୍ତ୍ତି ।
ପରୀକ୍ଷା କରିବେ ସେ ମାତ । ପୁଚ୍ଛିବେ ଏକାକ୍ଷର ମନ୍ତ୍ର ॥
ଦଶଙ୍କ ମଧ୍ୟେ ଜ୍ଞାନୀଜନେ । ମେଳି ହୋଇବେ ସେହିସ୍ଥାନେ ।
ଦ୍ୱାଦଶ ଦିନ ଭାଗବତ । ସେଠାରେ ହୋଇବ ଅଚ୍ୟୁତ ।
ତହିଁ ଅନନ୍ତ ବେନି ଲିଙ୍ଗେ । ଯେବେଳେ ବାହାରଣ ବେଗେ ।
ମଧ୍ୟରେ ରହିଅଛି ବଟ । ସେ ବଟ ଅଟେ ମହାଶ୍ରେଷ୍ଠ ।
ଲିଙ୍ଗ ଯେ ମୂର୍ତ୍ତିବନ୍ତ ହୋଇ । ନୀଳକେଶରୀ ନାମ ବହି ॥
ମସ୍ତକେ ଫୁଲଥିବ ଜଟ । ବଟରେ ବାନ୍ଧିଦେବ ପାଟ ॥

GPNanda Colln., Digitized by srujanika@gmail.com

ସୁପଟେ କ୍ଷୀର ନଦୀ ଦହିଁ । ଧାଇବେକ ଯାଉଥିବ ବହି ॥
ଅମୃତ ଯୋଗେ କ୍ଷୀର ନଦୀ । ବହୁବ ବଞ୍ଚଯାଏ ଭେଦ ।
ସେ ଠାଏ ନିଗମ ଗୁପ୍ତଧାମ । ଭକ୍ତେ ଅନନ୍ତ ସ୍ୱର ନାମ ।
ହରିର ଦଶ୍ରୁଁ ଦ୍ରୋଣ ମେଘ । ଘୋଟିଯିବ ସେ ଅତି ବେଗ ।
ଫେର ଫିର ଯେ ବୃଷ୍ଟି ହେବ । ଦୁର୍ଗାଙ୍କ ଖପରେ ପଡ଼ିବ ।
ସୁକରେ ପାଞ୍ଚ ଘଡ଼ିଠାରେ । ପବନ ବହୁବ ସେ କାଳେ ।
ହୋଇବ ଘୋର ଅନ୍ଧକାର । ଭୁଇଁ ପଡିବ ଘରଦ୍ୱାର ।
ଛପନ ହରରୁ ସେ ପୁଣି । ଓଲଟି ବହୁବ ପବନ ॥
ଓଜନପଶ୍ଚାତ ମୂର୍ତ୍ତି ପ୍ରାଚ୍ୟୁ । ଦକ୍ଷିଣ ଦିଗରୁ ଉଦୟେ ॥
ବୃଷ୍ଟି ଯେ ହୋଇ ତତକାଳ । ମୂଷଳଧାରେ ପ୍ରାୟେ ଜଳ ॥
ତା ସଙ୍ଗେ ହୋଇବ ବତାସ । ପ୍ରାଣୀଏ ହୋଇବେ ହତାଶ ।
ଅଭୟ ପଦ୍ମପାଦ ଧ୍ୟାନେ । ନିର୍ଭୟେ ଥିବେ ଭକ୍ତମାନେ ।
ତା ପରବନ କଥା ଶୁଣ । ବଡ଼ ବଡ଼ ଯେ ତରୁଗଣ ।
ଉପୁଡ଼ି ପଡିବ କେତେକ । ଭକ୍ତେ ଡାକିବେ ପ୍ରଭୁ ରଖ ॥
ପ୍ରାଣୀଏ ହୋଇବେ କାତର । ଉଡ଼ି ଯିବଟି ଘରଦ୍ୱାର ।
କୂଳ ଲଙ୍ଘିଣ ଅନ୍ତ ଦୂର । ମାଡ଼ିଣ ଆସିବ ସାଗର ।
କୃଷି ଯେ ଅଳ୍ପକେ ହୋଇବ । ସଂସାରେ ଦୁର୍ଭିକ୍ଷ ପଡ଼ିବ ॥
ଠାବେ ଠାବେ ଯେ ଖ୍ରୀଷ୍ଟବାନ । ପଠନେ ଜନେ ଦେବ ମତ ।
ଝିଙ୍କାରି ବୋଲି ଏବକଣ୍ଠେ । କାଠହୁଁ ଅସଣ ବସ୍ତ୍ରୀଣ୍ଟେ ।
ଉଡ଼ିବେ ଗଗନ ମଣ୍ଡଳେ । ମାୟାଧରଙ୍କ ମାୟାବଳେ ।
ଗୃହ୍ଣ ଗୃହ୍ଣ ସେ ଗଛ ପତ୍ର । ଗଛ ଭରିବେ ଝୁଙ୍କାଇକ ॥
ଅତ ନିରନ୍ତ ପ୍ରାଣୀମାନେ । ଭ୍ରମୁଥିବେ ଯେ ଏଣେତେଣେ ।
କ୍ଷୁଧାରେ ମାଗିଲେ ଯେ କେହୁ । ନ ଦେବେ କାହାକୁ କଛୁହି ।
ପ୍ରାଣୀଏ ପାଇବେ କଷଣ । ଡାକିବେ ରଖ ନାରାୟଣ ॥
ସେ ପରମାଣ ଦାତା ହର । ଶୁଣିବେ ତାଙ୍କର ଗୁହାର ।

GPNanda Colln., Digitized by srujanika@gmail.com

ରକ୍ଷା କରିବେ କର୍ମୀଙ୍କି । ବାନ୍ଧିବେ ପଣ୍ଡିତ ଧର୍ମୀଙ୍କ ।
ଧନ ଅର୍ଥରି ନିଜ ଶତ୍ରୁ । ଧନ ଲୋଭରେ ଅପମୃତ୍ୟୁ ॥
ଧନ ଲୋଭରେ ହୋଇ ବଣା । ପାଇବେ କେତେ ଗଞ୍ଜଣା ॥
ବାସୁଦେବଙ୍କ ଧ୍ୟାନ ଛାଡ଼ି । ଧନ ଲୋଭରେ ଜନେ ପଡ଼ି ॥
ଦରବେ ନ ଦେବଟି ଦାନ । ଅକାଳ ହେବ ଛଗବର୍ଣ୍ଣ ॥
ପ୍ରାଣୀଏ ହୋଇବେ ଅରୁଣା । ଅକାଳେ ଉଠିବଟି ଧ୍ୱଜା ॥
ଧନକୁ ଧନ ଯେ କପଣ । ପାଞ୍ଚଣ ଧିବେ ନରଗଣ ।
ମାଡବେ ଚଣ୍ଡୀ ଯେ ଗୃଧ୍ରଣ୍ଡା । ଯୋଗୀଙ୍କ ହସ୍ତେ ଧିବ ଖଣ୍ଡା ।
ବରୁପା ବୋଲି ନଦୀ ଯହିଁ । ପ୍ରସିଦ୍ଧ ସ୍ଥାନ ଅଛି ତହିଁ ।
ପର୍ବତ ଏକ ଅଛି ତହିଁ । ତା ଶିଖେ ଜଳ ପୂର୍ଣ୍ଣ ଥାଇ ।
ତା ମଧ୍ୟେ ଏକଇ କମଳ । ଫୁଟିଣ ଦଶଇ ସୁଢ଼ଳ ।
ତାହାକୁ ନୁହଇ ସେ ତୃଣ । ଅମୋଦ କରଇ ଅଶେଷ ।
ବହୁତ ସିଦ୍ଧ ସାଧୁ ବୃନ୍ଦେ । ସେ ସ୍ଥାନେ ରହନ୍ତି ଅନନ୍ଦେ
ସେ ପଦ୍ମ ରହନ୍ତି ବେଢ଼ିଣ । କରନ୍ତି ନାମ ସଂକୀର୍ତ୍ତନ ।
ମହେଶ୍ୱର ଯେ ପର୍ବତେକ । ନଦୀଏ ବହଇ ତା ପାଶ ॥
କୁଣ୍ଡର ମୁଖ କରି ସେହୁ । ବନ୍ଧ ଯେ ଭାର୍ଗ୍ଗ ବଟି ତହୁଁ ।
ସେ ମହାନଦୀ ବଢ଼ିଯିବ । ତ୍ରିବେଣୀ ଧାରଟି ହୋଇବ ।
କୁଶଭଦ୍ରାରେ ହେବ ମେଳ । ସେଠାରେ ହେବ ବହୁଖେଳ
ଗରୁଡ଼ ଦେଖିବ ନରେନ୍ଦ୍ର । ତା ନାମ ତ୍ରୈଲିଙ୍ଗ ମୁକୁନ୍ଦ ।
ସେ ନୃପ କଳ୍କ ବାରବାଟୀ । ତୋଳାଇ ରଖିବ ଖୀରଡ ॥
ସେ ମହାନଦୀ କୂଳେ ପୁଣ । ଅଛନ୍ତି ମୋର ଭକ୍ତଗଣ ॥
ଗୁପତେ ବାନ୍ଧୁ ଛନ୍ତି ଧନ । ମୋ ନାମ କରଣ ଭଜନ ॥
କଳଙ୍କି ରୂପ ଧ୍ୟାନ କରି । ବସିଅଛନ୍ତି ଅନୁସରି ।୧୦।
ଯାହାକୁ ଚକ୍ରଦ୍ୱାର କହୁ । କେତେକ ଭକ୍ତେ ଛନ୍ତି ତହୁଁ
କଳଙ୍କ ରୂପ ଦର୍ଶନେ । ଗୁପ୍ତେ ଅଛନ୍ତି ମୋର ଧ୍ୟାନେ

GPNanda Colln., Digitized by srujanika@gmail.com

ସେଠାରୁ ହଂସନାଥ ଯାଏ । ମୋ ଭକ୍ତ ଅଛନ୍ତି ନିର୍ଭୟେ ।
ନନ୍ଦକେଶ୍ୱରୀ ସ୍ଥାନେ କେତେ । ଭକତ ଅଛନ୍ତି ଗୁପତେ ।
ଧବଳେଶ୍ୱର ସ୍ଥାନେ ରହି । ଭଜନ୍ତେ ମୋର ମନ୍ତ୍ର ଧ୍ୟାଇ ।
ଢାଲଅବୋଦା ସ୍ଥାନ ମାଡ଼ି । ମୋ ଭକ୍ତଅଛନ୍ତି କେତେ କୋଡ଼ି ।
ପଦ୍ମପୁର ଯେ ଗୁପ୍ତେଶ୍ୱର । ସେଠାରେ ଛନ୍ତି ଭକ୍ତ ମୋର ।
ଆବର କଳିଙ୍ଗରେ ପୁଣି । ଅଛନ୍ତି କେତେ ଭକ୍ତଶ୍ରେଣୀ ॥
କେତେ ଅଛନ୍ତି ଭକ୍ତଗଣ । କରନ୍ତି ଠାକୁର ଭଜନ ।
କେତେ ବୋଲନ୍ତି ହରି ହରି । କେ ମହାମନ୍ତ୍ର ଉଚ୍ଚାରି ॥
କେହୁ ବା କରନ୍ତି ଭଜନ । କେ କରେ ତୀର୍ଥ ପର୍ଯ୍ୟଟନ ॥
କେ କରୁଅଛନ୍ତି କୀର୍ତ୍ତନ । କେ ନାମ କରନ୍ତି ଶ୍ରବଣ ।
କେହୁ ବା ରାଧାକୃଷ୍ଣ ମୂର୍ତ୍ତି । ସ୍ଥାପନା କରଣି ପୂଜନ୍ତି ।
କେ ଅବା ଧ୍ୟାଇ ରାଧାକୃଷ୍ଣ । ମନରେ ହେଉଛନ୍ତି ହୃଷ୍ଟ ॥
କେହୁ ବା ସୀତାରାମ ଧ୍ୟାଇ । ବସିଅଛନ୍ତି ତୁଷ୍ଟ ହୋଇ ॥
କେତେକ ଅଷ୍ଟାଶ୍ରମ ଧ୍ୟାନେ । ବସିଣ ଅଛନ୍ତି ମଉନେ ॥
ଆବର ଗୃହୀମାନେ କେତେ । ଅଛନ୍ତି ତପସ୍ୟା ଆଶକ୍ତେ ।
ଅନାଦି ସ୍ୱଧର୍ମ କରନ୍ତି । ମୋ ପଦ୍ମପାଦେ ରଖି ମତି ॥
ମୋର ଚରଣ ତେଜାନଳ । ପାପକୁ ଦହିବ ସକଳ ॥
ଲୋକେ କରଣି ଦୁଷ୍ଟପଣ । ନିନ୍ଦିବେ ବେଦାନ୍ତ ପୁରାଣ ॥
ଦୟା ଧର୍ମକୁ ହିଁ ତେଜି । ଅପଥ କୁକର୍ମରେ ମଜ୍ଜି ।
ପ୍ରାଣୀଙ୍କି ଦେବେ ଯେ କୁଶିକ୍ଷା । କାପଟେ ନ କରିବେ ରକ୍ଷା ।
ତେଣୁ ଅଧର୍ମ ହେବ ଜୟ । ଏ ବାକ୍ୟ ଅଟଇ ନିଶ୍ଚୟ ।
ତାହାର ଜ୍ଞାନ ନ ରହିବ । ପାପର ଭାର ବୃଦ୍ଧି ହେବ ।
ମୋ ଭକ୍ତେ ହୋଇଣ ବିକଳ । ଡାକିବେ କଶ ଅଦମ୍ଭଳ ॥
ଭକ୍ତଙ୍କ କନସ୍ୱରେ ପୁଣି । ଧର୍ମ ଉଦୟ ମନେ ଗୁଣି ।
ହୋଇବି ବୁଦ୍ଧ ଅବତାର । ଧର୍ମ ଧାରଣା ହେବେ ନର ।

GPNanda Colln., Digitized by srujanika@gmail.com

ଶୁଣି ଅଚ୍ୟୁତ ହେଲେ ତୋଷ । ବୋଲନ୍ତି ନମଃ ହୃଷୀକେଶ ॥
ନମସ୍ତେ ଦେବ ନାରାୟଣ । ତୋ ପଦେ ସର୍ବଦା ଶରଣ ।
ତାରଣ କର ସନାତନ । ହରଣ କର ପାପମାନ ॥
କାରଣ ତାରଣ କରିଛ । ଅରତଜାଣ ବୋଲାଉଛ ।
ମୁଁ ଶରଣାର୍ଥି ପଦତଳେ । ଶରଣ ପଶି ରଖ ବଳେ ।
କହଇ ଫକୀର ଅଧମ । ଜଗତର ଗୁରୁ ଶୂନ୍ୟବ୍ରହ୍ମ ॥

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଭକ୍ତ ସଂଖ୍ୟା ଓ ପ୍ରସିଦ୍ଧ ପୀଠ ସ୍ଥାନ ନିର୍ଣ୍ଣୟ
କଥନେ ନାମ ଦଶମ ପଟଳ ।

ଏକାଦଶ ପଟଳ ।

ଅଚ୍ୟୁତ କର ଯୋଡ଼ଣ ବୋଲଇ ।
ହେ ଅବିନାଶୀ ବ୍ରହ୍ମାଣ୍ଡ ଗୋସାଇଁ । ୧ ।
ମତିଭଜନଙ୍କୁ ଅଟପ ତାରୁଛ ।
ପତିତପାବନ ନାମ ବହୁଛ । ୨ ।
କଳ୍ପ କଳ୍ପାନ୍ତେ ଯୁଗ ଯାଏ ବହି ।
ତୁମ୍ଭ ମହିମାକୁ ନ ଜାଣେ କେହି । ୩ ।
ଯେ ପ୍ରାଣୀଙ୍କି କୃପାଦୃଷ୍ଟି ହୋଇଛି ।
ସେ ପ୍ରାଣୀ ବ୍ରହ୍ମ ତତ୍ତ୍ୱ ଜାଣେ କିଛି । ୪ ।
ପାପ କଳିଯୁଗ ହୋଇ ପ୍ରବେଶ ।
ପାପେ ବ୍ରହ୍ମାଣ୍ଡକୁ କରିବ ଧ୍ୱଂସ । ୫ ।
ଆପଣେ କହିଲ ବୁଦ୍ଧାବତାର ।
ହୋଇଣ ନ ଶିବ ଅବନୀ ଭାର । ୬ ।
କପଟ କାହିଁ ହୋଇବ ପ୍ରକାଶ ।
ସଙ୍କ୍ଷେପି ମୋତେ କହ ପୀଠବାସ । ୭ ।

GPNanda Colln., Digitized by srujanika@gmail.com

ଭକ୍ତ ବଚନ ଶୁଣି ନିରାକାର ।
ବୋଲନ୍ତି ଶୁଣ ସେ ପଣ୍ଡିତ ସାର ।୮।
ଅଶେଷ ଭୁବନ କଳା ହରଣ ।
ଧରା ଉପରେ ମୁହିଁ ବିହରିବି ।୯।

ବ୍ରହ୍ମ ମଣ୍ଡଳରୁ ପ୍ରକାଶ ହେବି ।
ବୃଦ୍ଧ ରୂପ ଧରି ଖେଳ ଖେଳିବି ।୧୦।
କରେ ଶୋଭିବ ଦଣ୍ଡ କମଣ୍ଡଳ ।
ଗଳେ ବିରାଜିଥିବ ବନମାଳ ।୧୧।

ମସ୍ତକେ ଜଟା ହୋଇବ ଶୋଭନ ।
ଯୋଗୀନ୍ଦ୍ର ବେଶେ କରିବି ଭ୍ରମଣ ।୧୨।
ପ୍ରବେଶିବି ଚନ୍ଦ୍ରକୂଟ କାନନେ ।
ଅଘୋର ଅଜ୍ଞାତ ଗହନ ବନେ ।୧୩।

ପାପ ନାଶିବା ତପ ପ୍ରଭାବରେ ।
ଅନ୍ୱେଷଣ କରି ବ୍ରହ୍ମ ଶିଳାରେ ।୧୪।
ସେଠାରେ ସାକ୍ଷାତ ହେବ ଗୋବିନ୍ଦ ।
ପ୍ରମାଣ କରିବ ସେ ପଦ୍ମପାଦ ।୧୫।

ତହୁଁ ଅମ୍ଭେ ବେନି ସଙ୍ଗ ହୋଇଣ ।
ସଂସାର ମଧ୍ୟେ କରିବୁଁ ଭ୍ରମଣ ।୧୬।
ପ୍ରାଣୀମାନଙ୍କର ତୁଟିବ ଭ୍ରମ ।
ଖ୍ୟାତ ହୋଇବ ଏକାକ୍ଷର ଧର୍ମ ।୧୭।

ମାତା ଗର୍ଭ ତନ୍ତୁ ବୃହିଁଣ ଜନେ ।
ଅନ୍ତିମେ ଚଳିବେ ଗୋଲକ ଧାମେ ।୧୮।
ଜ୍ୟୋତି ଛାୟା ପୁଣି ଅବାଡ଼ ବାସ ।
ଏ ଭକ୍ତବେ କାଳ ନ ଥିବ ଅଶ ।୧୯।

GPNanda Colln., Digitized by srujanika@gmail.com

ମହୀରେ ମହିମା ଧର୍ମ ଉଦୟ ।
ହୋଇଣ ନାଶିବ ଭବ ଭୟ । ୨୦ ।
ମହିମା ମହିମା ହୋଇବ ଡାକ ।
କୃପା କରିବେ ଅନାଦି ଅଲେଖ । ୨୧ ।

ମହିମା ଧର୍ମ ଯେ ପ୍ରଚୁର ହେବ ।
ମହିମା ପୂଜା କରିବେ ମାନବ । ୨୨
ଉଦୟ ଅସ୍ତ ସମୟରେ ଭକ୍ତେ ।
ସଂସ୍ଥାଙ୍କେ ପ୍ରଣାମ କରିବେ ନିତ୍ୟେ । ୨୩ ।

ମହାନିତ୍ୟର ଯେ ଭେକ ବଲ୍କଳ ।
କୌପୀନ ପିନ୍ଧିବେ ଭକତ କୁଳ । ୨୪ ।
ସଂସାର ଚିହ୍ନ ଗେରୁଆ ବସନ ।
ଶ୍ରୀଗୁରୁ ଅଲେଖ କରିବେ ଧ୍ୟାନ । ୨୫ ।

ବ୍ରହ୍ମ ଶବଦ ଯେ ହୋଇବ ଠେକ ।
ଅବଧାରେ ଯେଣୁ ହେବେ ଅଲେଖ । ୨୬ ।
ସେ ବେଳେ କ୍ରିୟାକର୍ମ ହେବ ଦୂର ।
ନିର୍ଗୁଣେ ରହିବେ ଭକତେ ମୋର । ୨୭ ।

ଭକତମାନଙ୍କ ହୃଦରେ ବାରୁ ।
ଅନାହତ ଧ୍ୱନି ମର୍ତ୍ତ୍ୟେ ସ୍ଥାପିବୁ । ୨୮ ।
ମୋର ଭକତ ଯେ ବ୍ରହ୍ମକୁ ଲକ୍ଷ୍ୟ ।
ରଖିଥିବେ ତାଙ୍କୁ ନ ଥିବ ଭୟ । ୨୯ ।

ମହା ଗୁପତ ଧର୍ମ ଅଟେ ସେହୁ ।
ତାହାର ଭେଦ ଶୁଣି ବାରୁ ତୁହୁ । ୩୦ ।
କୋଟି ବ୍ରହ୍ମାଣ୍ଡରେ ନୁହଇ ଦେଖା ।
କେହୁ ନ ଜାଣନ୍ତି ସେ ବ୍ରହ୍ମ ଦୀକ୍ଷା । ୩୧ ।

GPNanda Colln., Digitized by srujanika@gmail.com

ଅରୂପ ରୂପରେ ଅବାଣୀ ସେହୁ ।
ମୋର ନିଜ ତତ୍ତ୍ୱ ନ ଜାଣେ କେହୁ ।୩୨।
ସକଳ ଧର୍ମରୁ ଅଟଇ ସାର ।
ଓଁ କାର ମଧ୍ୟେ ଯେତେକ ଏକାକ୍ଷର ।୩୩।

ଅଲେଖ ଲେଖ ସଂଖ୍ୟା ନୋହେ କହୁ ।
ଅବାଇ ବାଇ ତମ ଷୟୁ ଯାଇ ।୩୪।
ଅଧ କଳ୍ପମାନ ଅଟେ ତାଙ୍କର ।
ଉଦୟ ସଦା ମହା ଶୂନ୍ୟପୁର ।୩୫।

ଅଗାଧ ଭେଦାଭେଦ ସଙ୍ଗ ନାହିଁ ।
ଅଘଟ ଘଟେ ଘଟେଛନ୍ତି ରହିଁ ।୩୬।
ଗୁରୁ ପାଦପଦ୍ମେ ଥାଏ ଯା ଭକ୍ତି ।
ସାରସ୍ୱତ ଧର୍ମ ହୁଏ ପ୍ରାପତ ।୩୭।

ବାହାରେ ଭ୍ରମିଣ ପାଇବ କାହିଁ ।
ଶ୍ରୀଗୁରୁ କୃପାରେ ସବୁ ଜାଣଇ ।୩୮।
ପ୍ରକାଶ ହୋଇ ବସିଛି ଅଙ୍ଗରେ ।
ସେ ବ୍ରହ୍ମ ଖେଳୁଥାନ୍ତି ନିରନ୍ତରେ ।୩୯।

ନିରତେ ଉଦୟ ଅସ୍ତ ହୁଅନ୍ତି ।
ଦକ୍ଷିଣ ବାମେ ଯା ଥସ କରନ୍ତି ।୪୦।
ଯେମାନେ ଅଲେଖ ପ୍ରେମେ ରହନ୍ତି ।
ସେମାନେ ବ୍ରହ୍ମ ଦର୍ଶନ କରନ୍ତି ।୪୧।

ଅଦ୍ୟ ବିଭୂତ ମୋକ୍ଷବଟି ସେହୁ ।
ଯେ ଜାଣେ ସେ ଭକ୍ତେ ଗଣନା ହୋଇ ।୪୨।
ନିର୍ଗୁଣ ଜନ୍ମ ଯାହାରଟି ଥିବ ।
ତ୍ରିତାପ ବାଧା ତାକୁ ନ ଲାଗିବ ।୪୩।

GPNanda Colln., Digitized by srujanika@gmail.com

ସକଳ କର୍ମକୁ ମନୁ ତେଜିବ ।
ଅକର୍ମେ ବାସୁଦେବଙ୍କୁ ଭଜିବ ।୪୪।
ଅନଳ ଦହୁଣ୍ଡ ଜଳାଇ ଦେବ ।
ଶିଶୁମ୍ନା ତ୍ରିକୁଟରେ ଜାଗିବ ।୪୫।

ଅଲେଖ ନାମ ସ୍ଥିର କର ଭଣ୍ଡେ ।
ସେ ଜ୍ଞାନ ଦହୁଡ ଯେଉଁଣ ଅଣ୍ଡେ ।୪୬।
ହଂସାଇ ପଶିଯିବ ନିଟୂଢ଼ରେ ।
ଶ୍ରୀହରିଙ୍କର ପାଟଣା ଉର୍ଦ୍ଧରେ ।୪୭।

ଅନୁଭବଟି ଅଟଇ ଯେ ମୂଳ ।
ଅନୁଭବରେ ପ୍ରାପ୍ତ ଅଦମୂଳ ।୪୮।
ଟୂଳ ଭୁବନେ ପ୍ରଭୁ ଯୋଗାଧିପ ।
ଦର୍ଶନେ ହରଇ ସର୍ବାଙ୍ଗ ପାପ ।୪୯।

ବ୍ରହ୍ମଅଂଶୀ ବ୍ରହ୍ମ ଅଟନ୍ତି ସେହୁ ।
ଲିଙ୍ଗ ପ୍ରତ୍ୟକ୍ଷେ ଯେ ଅଛନ୍ତି ଭଲେଁ ।୫୦।
ହାଟ ମଧ୍ୟେ ବ୍ରହ୍ମଦେବେହେ ଉଦୟ ।
ବ୍ରହ୍ମଟି ସତ ଅଟେ ମାୟାମୟ ।୫୧।

ତତସା ବୋଲି ନିର୍ବୀଜକୁ କହୁ ।
ଅନନ୍ତ ନିତ୍ୟଟି ଅଟନ୍ତି ସେହୁ ।୫୨।
ତହୁଁ ବସ୍ତୁଜଅଛୁ ଶ୍ୱେତ ମଣି ।
ଭବ ଉଦୟ ଭାନୁ ପ୍ରଭା ଜିଣି ।୫୩।

ସପ୍ତମ ବର୍ଣ୍ଣ ଅଟେ ତାହାଙ୍କର ।
ଅକ୍ଷୟ ଅବ୍ୟୟ ଅଜରାମର ।୫୪।
ସେହୁ ପ୍ରଭୁ ସ୍ୱୟଂ ଅଲେଖ ସ୍ୱାମୀ ।
ଏଣେ ଉଦଅ ନମୋ ଅନ୍ତର୍ଯାମୀ ।୫୫।

GPNanda Colln., Digitized by srujanika@gmail.com

ଅଣାକାର ସ୍ୱାମୀ ଅକାର ହୋଇ ।
କୃପାରେ ଦର୍ଶନ ଦେବଟି ସେହୁ । ୫୨ ।
ସେ ଶୂନ୍ୟବାସୀଙ୍କ ଚରଣ ଧ୍ୟାଇ ।
ଭଣେ ଫକୀର ପ୍ରଭୁ ଭବ ଜାନ୍ତୁ । ୫୩ ।

ଇତି ଶ୍ରୀ ଚତୁର୍ଲକ୍ଷ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ମହିମା ଧର୍ମ ବର୍ଣ୍ଣନେ
ନାମ ଏକାଦଶ ପଟଳ ।

ଦ୍ୱାଦଶ ପଟଳ

ପୂର୍ଣ୍ଣ ପ୍ରଭୁଙ୍କ ପାଦଧର । ଅଚ୍ୟୁତ ବିନୟେ ପଚାର ॥
ତାହାଙ୍କୁ ଗୋଲହାଟ କହି । ଯେଉଁଠି ସେ ହାଟ ବସଇ ।
କେଉଁ ଜିନିଷ ବିକାହୁଏ । ବିକନ୍ତା କିଣନ୍ତା ଯେ କିଏ ॥
ସେ ହାଟେ ଅଟେ କେ ପ୍ରଧାନ । ନୃପତି ଅଟେ କେଉଁ ଜନ ।
କେତେକ ପସରା ବସଇ । ମୋତେ ତା କହିବା ବୁଝାଇ ।
ଅଚ୍ୟୁତ ବାକ୍ୟେ ନିରାକାର । ବୋଲନ୍ତି ଶୁଣରେ କୁମର ।
ହାଟର ବିଷୟ କହିବା । ତୋ ମନୁ ସଂଶୟ ଦହିବା ।
ଅଟଇ ଅତ୍ୟନ୍ତ ଗହନ । କେହି ନ ଯାନ୍ତି ହେ ନନ୍ଦନ
ତାଙ୍କରି ମଣ୍ଡଳ ଅସ୍ଥାନ । ତା ପରେ ଗୋଲହାଟ ସ୍ଥାନ
ଅମନ ମନ୍ଦିରଟି ସେହି । ମନ ବୁଦ୍ଧିର ଗମ୍ୟ ନାହିଁ ।୧୦
ହାଟର ଅଟେ ଚାରି ଦ୍ୱାର । କହିବା ତାର ସମାଚାର ॥
ଋକ ବେଦ ଯେ ପୂର୍ବଦ୍ୱାରେ । ଅଥର୍ବ ପଶ୍ଚିମେ ବହର ।
ଉତ୍ତର ଦ୍ୱାର ଯଜୁର୍ବେଦ । ରଖନ୍ତି କରିଣ ନିରୋଧ ।
ଦକ୍ଷିଣେ ସାମବେଦ ଥାନ୍ତି । ଦ୍ୱାର ଯେ ରକ୍ଷଣ କରନ୍ତି ।
ପାଞ୍ଚ ପଧାନ ପାଞ୍ଚ ମନ । ହାଟରେ ଅଟନ୍ତି ପ୍ରଧାନ ॥

GPNanda Colln., Digitized by srujanika@gmail.com

ଯେମାନେ ପଚଶ ପ୍ରକୃତ । ସେମାନେ ପ୍ରଜାଏ ଅଟନ୍ତି ॥
ପଞ୍ଚାଶ ସହସ୍ର ପସର । ସେହି ହାଟରେ ଦଣେ ତୋର
ହାଟର ଦଣ୍ଡିଆ ଯେ ଜାଣ । ତୋଳା ଯେ କରଇ ସାଧନ
ଖଣ୍ଡ ବୁଦ୍ଧି ଯେ ଲୋଭ ଭାବ । ନାମ ଯେ ଅନେକ ପ୍ରକାର ॥
ଯେ ଦ୍ରବ୍ୟ କିଣଇ ପଣକୁ । ବିକି କରଇ କାହାଣକୁ ।
କ୍ରୋଧ ହିଂସା ଯେ ଲୁଚମେଳେ । ତା ସଙ୍ଗେ ଖଟନ୍ତି ସକଳେ ।
ମଧୁର ଅଦ ପିଚା ଫଳ । କେ କୃଷ୍ଣବର୍ଣ୍ଣ କେ ଶୁକଳ ॥
ଯେ ପ୍ରେମ ଭକ୍ତି କରଥାଇ । ସେ ଶୁକ୍ଳବର୍ଣ୍ଣ ଫଳ ପାଇ ॥
ସେ ତାକୁ ଅହାର କରଇ । କ୍ଷୁଧା ତୃଷା ଯେ ନ ଲାଗଇ ॥
ଅସତ୍ୟବାଦୀ ଯେଉଁମାନେ । କାମ କ୍ରୋଧୀ ଯେ ହିଂସ୍ରଗଣେ
ସେମାନେ କୃଷ୍ଣବର୍ଣ୍ଣ ଫଳ । ପାଇଣ ହୁଅନ୍ତି ବିକଳ ॥
ଅହାର ମଣ ସେ ନ ପାନ୍ତି । ଶମନ ଭୁବନେ ବସନ୍ତି ॥
ହାଟର ଯେତେକ ବ୍ୟବସ୍ଥା । ହାନିଲଭ ଯେ ଦ୍ୱଇକଥା ।
ନୃପତି ଅଟନ୍ତି ପରମ । ବୁଝନ୍ତି ସବୁ ହାଟ ମର୍ମ ॥
ପସର ସତ ମିଛ ଦୁଇ । ବିକା କିଣା ଯେ ନିତ୍ୟହୋଇ
ଯେମାନେ ସାଧୁ ସନ୍ଥ ହୋନ୍ତି । କ୍ଷମା ବିବେକ ଶୁଦ୍ଧ ମତି ।
ସେହି ତ ଅଟନ୍ତି ସୁମନ । ହାଟରେ ଅଟନ୍ତି ପ୍ରଧାନ ।
ପରମ ଦେଖଥାନ୍ତି ଠଣା । ଗୁରୁ ସେବିଲେ ହୁଏ ଜଣା
ଧଣଇ ତାହାଙ୍କୁ ଯେ ବାଟ । ଦେଖି ପାରନ୍ତି ଗୋଲହାଟ
ଅଣ ଗୁରୁଅଙ୍କୁ ଅଜଣା । ବାଟକେ ଦେଖଥାନ୍ତି ବଣା ।
ହାଟ ମଲିକ ଯେ ଅଛଇ । ତାହାଙ୍କୁ ନ ଜାଣନ୍ତି କେହି
କୋଟିଏ ରବି ତେଜ ଜିଣି । ସେ ତେଜ ଦଣଇ ଅଗ୍ରଣୀ ॥
ତାହାଙ୍କ ସଙ୍ଗ ଯାର ଭାବ । ସେ ହାଟ ବାଟ ପାଉଥିବ ॥
ତାହାର ବାଧା କେ ନ ଥାଇ । ଯିବା ଅସିବା ସେ କରଇ ॥
ନିଷ୍କାମ ଭକ୍ତି ଯାର ଥିବ । ସେ ଲୋକ ଊର୍ଦ୍ଧ୍ୱରେ ପଶିବ

GPNanda Colln., Digitized by srujanika@gmail.com

ବସିଣ ବିଚା କଣା କର । ତା ଭେଦ କହିଲେ ନ ସର
ସେ ସ୍ଥାନେ ପଶିବାକୁ ବାଟ । ଅଛଇ ଶଙ୍ଖମୁନା ଘାଟ ॥
ବଜ୍ର କିଳଣୀସମ ଛନ୍ତି । ସେଠାରେ ପଡ଼ିଛି କବାଟ ।
ନାମ ବ୍ରହ୍ମ ଯେ ଅବିନାଶୀ । ସେଠାରେ ଅଛନ୍ତି ପ୍ରକାଶି ।
କର ପାଇଲେ ତାଙ୍କୁ ବଶ । କବାଟ ଫେଡ଼ିବେ ଅବଶ୍ୟ ।
ତେବେ ସେ ଭିତରେ ପଶିବ । ଆପଣେ ମନ ପ୍ରବେଶିବ ॥
ନାଦ ଉପରେ ବିନ୍ଦୁ ବ୍ରହ୍ମ । ବର୍ଣ୍ଣନେ ତୁଟି ଯାଏ ଭ୍ରମ ।
ଉଦୟ ହୋଇଛନ୍ତି ତହିଁ । ପ୍ରେମ ଭକ୍ତିରେ ଦେଖାଯାଇ
କୋଟି କୋଟିଏ ଯୁଗ ଗଲେ । ପଲକ ନ ପଡ଼ଇ ଭଲେ ॥
ଅଚଳ ପୁରୁଷ ଯେ ତହିଁ । ନିଶ୍ଚଳ ଭାବେଛନ୍ତି ରହି ।
ସେ ସ୍ଥାନେ ନାହିଁ ରାତ୍ରିଦିନ । ଦିଶଇ ଏକଇ ସମାନ ।
ସୁଷୁପ୍ତି ନିଷୁପ୍ତି ଯେ ତହୁଁ । ସ୍ୱପ୍ନ ଜାଗ୍ରତ ଆଦି ନାହୁଁ ॥
ଯେ ପ୍ରେମଧନ ପାରେ ଦେଇ । ସେ ପ୍ରେମବିନ୍ଦୁ କିଣେ ତହିଁ ।
ବିହରନ୍ତି ବିବେକ ମଣ୍ଡିତ । କିଣନ୍ତି ଜ୍ଞାନୀ ସାଧୁ ସନ୍ଥ ।
ପ୍ରେମେ ସେ ହାଟ ଶବ୍ଦ ବିର । କଲ୍ୟାନ୍ତେ ଗୋଲ୍ଟେକ ବହର
ଅସତ୍ୟବାଦୀ ଯେ ହିଂସକ । ରଗୀ ଯେ କାମୀ କ୍ରୋଧୀଲୋକ
ହାଟକୁ ନ ପାରନ୍ତି ଗମି । ବାହାର ହାଟେ ହୋନ୍ତି ଭ୍ରମି ।
ବିଅର୍ଥେ ପଥ ଭ୍ରମିହୋନ୍ତି । ଅସ୍ଥାର ଚଳ ନ ଜାଣନ୍ତି ।
ଅନନ୍ତ ଲୋକ ହାଟେ ଥାନ୍ତି । ପରମ ତ ବ ସେ ଡାକନ୍ତି ।
ଗହ୍ୱ ଗହ୍ୱ ଯେ ଶବ୍ଦ ହୁଏ । ସମୁଦ୍ର ଝଙ୍କୁଳିଲ ପ୍ରାୟେ ।
ସେ ଶବ୍ଦ ବ୍ରହ୍ମ ସାରସ୍ୱତ । ଶୂନ୍ୟ ଶଖରେ ବିରାଜିତ ॥
ଏକାଗ୍ର ଚିତ୍ତ ଯାର ଥିବ । ସେ ଶବ୍ଦବ୍ରହ୍ମକୁ ଭେଦିବ ।
ଜାଣିବ ସମସ୍ତ ବିଷୟ । କଳୁଷ ମାନ ହେବ କ୍ଷୟ ।
କୃପା କରିବେ ଅବିନାଶୀ । ଅନାହେ ଡେଉଁଥିବେ ଭୁଷି ॥
ଅନାମ ନାମ ଅଟେ ଏକ । ସାଂଶ୍ଳୁ ଅନୀଦ ଅଲେଖ ॥

GPNanda Colln., Digitized by srujanika@gmail.com

ଏ ଭବ ଭୟୁ ପରହାଣ । କର ହେ ଦେବ ନାରାୟଣ ।
ଚହଇ ଫକୀର ଅଧମ । ଧାଇଣ ପ୍ରଭୁ ଶୂନ୍ୟବ୍ରହ୍ମ ।୭୭

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଗୋଲହାଟ ନିରୂପଣ କଥନେ
ନାମ ଦ୍ୱାଦଶ ପଟଳ ।

ତ୍ରୟୋଦଶ ପଟଳ

ଅଚ୍ୟୁତ ପ୍ରଣମି ବୋଲେ ହେ ଗୁରୁ ।
ଆପଣ ଅଟ ବାଞ୍ଛା କଳ୍ପତରୁ ।୧।
ପ୍ରକାଶିଲ ଯାହା ହାଟ ବ୍ୟବସ୍ଥା ।
ପୁଣି ରହୁ ଅଛି ଚହିଁବ କଥା ।୨।
ହାଟକୁ ଅବୃତ କରନ୍ତି କଏ ।
ମୋତେ ତା କହିବା ଦେବାଧିରାଏ ।୩।
ହାଟ ସମ୍ପଦ ରହିଥାଏ କାହିଁ ।
ସମସ୍ତ ପ୍ରଭୁ ଦିଅନ୍ତୁ ବୁଝାଇ ।୪।
ଭକ୍ତ ବାଣୀ ଶୁଣି ସେ କୃପାମୟ ।
ବୋଲନ୍ତି ଶୁଣ ମନ କର ଥୟ ।୫।
କ୍ଷିତି ଅପ ତେଜ ବାୟୁ ଆକାଶ ।
ପଞ୍ଚଭୂତେ ସୃଷ୍ଟି ହୁଏ ପ୍ରକାଶ ।୬।
ଏମାନେ ହାଟ ଅବୃତ କରନ୍ତି ।
ହିଂସା ଅହଙ୍କାର ଛନ୍ଦ ପ୍ରକୃତି ।୭।
ଲୋଭ କୋପ ମିଥ୍ୟା ଦମ୍ଭ କପଟ ।
ହାଟର ସମ୍ପଦ କରନ୍ତି ଲୁଟ ।୮।
ଶ୍ରୀଗୁରୁ ଅଙ୍କୁଶ କର କୁଠାର ।
ଶାନ୍ତି ପ୍ରେମକୁ କର ଧନୁଶର ।୯।

GPNanda Colln., Digitized by srujanika@gmail.com

ମହ ଥି ପଣେ ପଶି ସ୍ୱପନେ ।
ତାକୁ ନାଶେ ଯଶ ରଖି ହସାରେ । ୧୦ ।
ହାଟରେ ପଶ ତୁ ନିଶ୍ଚିନ୍ତ ହୋଇ ।
ଦର୍ଶନ ଦେବେ ଶବ୍ଦ ବ୍ରହ୍ମ ତହିଁ ।୧୧।
ସର୍ବଦା ଜଙ୍ଗଲ ପ୍ରକୃତି ସେହି ।
ଯେତେବେଳେ ଯାହା ଖୋଜିଲେ ପାଇ ।୧୨।

ହାଟ ଅଟଇ ଅଣାକାର ମୟ ।
ଭକ୍ତ କଲେ ଶବ୍ଦ ବ୍ରହ୍ମ ଉଦୟ । ୧୩ ।
ଅଭକ୍ତ କଲେ ନୁହଇ ପ୍ରାପତ ।
ସେ ଶବ୍ଦବ୍ରହ୍ମ କରନ୍ତି ଜାଗ୍ରତ ।୧୪।

ହାଟର ମହିମା ଅଟେ ଅଶେଷ ।
ନିର୍ଗୁଣେ ପଡ଼ି ଯାଉଛନ୍ତି ନାଶ ।୧୫।
ଅରୂପାନନ୍ଦଙ୍କ ହାଟଟି ସେହି ।
ଅଲେଖ ପାଟଣାଠାରେ ବସଇ ।୧୬।

ଭବସାଗର ଯେ ବାର ନୋହୁଛନ୍ତି ।
ଗହ ଗହ ତହିଁ ଶବ୍ଦ ଶୁଭୁଛି ।୧୭।
ଅଲଗେ ରହି ଅଣାକାର ମୂର୍ତ୍ତି ।
ବାଙ୍କ ଅସୁଲ ସବୁ ଦେଖୁଥାନ୍ତି ।୧୮।

ମନ ଚଇତନ କରଣ ଦୂର ।
ଲେଖାପଢ଼ା କାମ ତାଙ୍କର ତହିଁ ।୧୯।
ନିର୍ଗୁଣ ଧ୍ୟାନେ ସେ ନିର୍ଭୟେ ଥାନ୍ତି ।
ଲେଖିଲା ବେଳେ ସେ ଭୁଲଇ ଦ୍ୟନ୍ତି ।୨୦।

ଜୀବନ୍ ସମ୍ପଦ ଅଟଇ ହାଟ ।
ହାଟେ ପଶିବାକୁ ବଡ଼ ଅକଟ । ୨୧ ।

GPNanda Colln., Digitized by srujanika@gmail.com

ପ୍ରକୃତଗଣେ ଯେ ନଗୋଡ଼ାବ ଥାନ୍ତି ।
ଭିତରକୁ ଗଲେ ଟାଣି ନିଅନ୍ତି । ୨୨ ।
ଷଡ଼ ଅରିସ୍ୱୀ ଏ ଜୀବର ବାଧୀ ।
ସାଧୁ ନ ଦେଇ ଯେ ରଖନ୍ତି ଯିଦ୍ଧ । ୨୩ ।
ନିର୍ମଳ ମନେ ବ୍ରହ୍ମେ କରେ ଲୟ ।
ପାପ ଛିକୃତିକି ନ କର ଭୟ । ୨୪ ।
ନାମ ଖଣ୍ଡା ଧର ରିପୁଙ୍କ କାଟ ।
ତେବେ ସେ ହାଟକୁ ମିଳିବ ବାଟ । ୨୫ ।
ଗୋଲହାଟ ନ୍ୟାୟୁ ଅତି ଦୁର୍ଗମ ।
ସନ୍ଥ ଯେ ଜାଣନ୍ତି ସେ ହାଟ ମର୍ମ । ୨୬ ।
ବହୁତ ଅଛୁ ତହିଁ ଭଟକଣା ।
ଯାହାର ନାମ ଅଲେଖ ପାଟଣା ।୨୭।
ଯୋଗୀଏ ଯୋଗ କର ଭ୍ରମି ଭ୍ରମି ।
ଗୋଲାହାଟକୁ ନ ପାରନ୍ତି ଗମି । ୨୮ ।
ସଦଗୁରୁ କୃପା ଯାହାକୁ ଥିବ ।
ସେ ପ୍ରାଣୀ ହାଟ ଭିତରକୁ ଯିବ । ୨୯ ।
ଯୋଗୀନ୍ଦ୍ର ନଗେନ୍ଦ୍ର ଖଗେନ୍ଦ୍ର ହନୁ ।
ସ୍ୱୟଂ ବ୍ରହ୍ମା ପୁଣି କଶ୍ୟପ ସ୍ୱନୁ । ୩୦ ।
ଏମାନେ ହାଟ କରଣ ଦର୍ଶନ ।
ନିସ୍ପରେ ହୋଇଲେ ସେ ମହାଜନ । ୩୧ ।
ହାଟ ରଚନ ଏ ବ୍ରହ୍ମାଙ୍କ ଖେଳ ।
ଶବ୍ଦବାର ଯେଣୁ ହୋଇବ ମେଳ । ୩୨ ।
ସେହୁ ଦେଖଇ ଅଲେଖ ପାଟଣା ।
ମହା ବ୍ରହ୍ମଙ୍କୁ ହୁଅଇ ଭେଟଣା । ୩୩ ।

GPNanda Colln., Digitized by srujanika@gmail.com

ଯେ ଏହା ପଢ଼ଇ ଶୁଣି ଶୁଣାଇ ।
ନାନାଦି ପାପୁ ନିସ୍ତାର ସେ ହୋଇ ।୩୦।
ଭଣଇ ଦୀନ ଫକୀର ଅଧମ ।
ମୋର ଭରସା ଗୁରୁ ଶୂନ୍ୟବ୍ରହ୍ମ ।୩୧।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିର୍ଦ୍ଧାର ଅଚ୍ୟୁତ ସମ୍ବାଦେ ଗୋଲହାଟ ବିବରଣ ବିଶେଷ ବର୍ଣ୍ଣନେ ନାମ ତ୍ରୟୋଦଶ ପଟଳ

ଚତୁର୍ଦ୍ଦଶ ପଟଳ

ଅଚ୍ୟୁତ ଶିରେ ଦେଇ କର । ବୋଲେ ହେ ବ୍ରହ୍ମାଣ୍ଡଠାକୁର
ଆପଣି ସ୍ୱୟଂ ନାରାୟଣ । ମୋତେ କରିବା ପରିତ୍ରାଣ ।
ଶ୍ରୀ ଭାଗବତ ଅର୍ଥଭେଦ । କହ ମାଧବ ସମ୍ବାଦ ।
କହିବ ଭାଗବତ ଦ୍ଧ । ଫେ କହିବା ଦେବରାୟେ ।
ସେ ଶାସ୍ତ୍ର ପୂର୍ବେ କାହିଁଥିଲେ । କିପରି ସଂସାରେ ଷରିଲେ ।
ସମସ୍ତ ନିର୍ଣ୍ଣୟ କହିବା । ମୋ ମନୁ ସଂଶୟ ଦହିବା ।
କିଏ ଅଟନ୍ତି ବାରସ୍କନ୍ଧ । ବୁଝାଇ ଦିଅ ପୂର୍ଣ୍ଣାନନ୍ଦ ।
ଶୁଣ ଅଚ୍ୟୁତ ଦେଇ ମନ । ଶ୍ରୀଭାଗବତଙ୍କ ଜନ୍ମ ।
ପୂର୍ବେ ଯେ ଥିଲେ ମହାଶୂନ୍ୟ । ତହିଁରୁ ବର୍ଣ୍ଣ ଉତ୍ପନ୍ନ ।
ପ୍ରଣବ ଅଟନ୍ତି ଓଁକାର । ସେହି ଅଟନ୍ତି ଏକାକ୍ଷର ।
ଓଁକାର ନାମ ଯେ ହୋଇଲେ । ସେ ନାମ ଦେବ ଉପୁଜିଲେ ।
ଦେହ ଯେ ବୋଲାଏ ସାହାସ । ନାମ କରନ୍ତି ତାହିଁ ବାସ ।
ଦିବାରବରେ ଭଜୁଥାନ୍ତି । ତିଳେହେଁ ନାମ ନ ଛାଡ଼ନ୍ତି ।
ଏବେ କହୁଛୁ ଶୁଣ ବାରୁ । ଷଡ଼ ସମ୍ବାଦ କଥା ସବୁ ॥
ପୂର୍ବେ ଯେ ସେହି ଏକାକ୍ଷର । ଅନନ୍ତ ମୁଖରୁ ବାହାର ॥

GPNanda Colln., Digitized by srujanika@gmail.com

ଅନନ୍ତ ବାସୁକୀ କି କହ । ବାସୁକୀ କହନ୍ତାକୁଁ ବୁଝାଅ ।
ବ୍ରହ୍ମା କହିଲେ ନାରଦଙ୍କୁ । ନାରଦ କହିଲେ ବ୍ୟାସଙ୍କୁ ।
ବ୍ୟାସ ତା ଶୁକଙ୍କୁ କହନ୍ତେ । ଶୁକ କହନ୍ତେ ପରୀକ୍ଷିତେ ।
ପରୀକ୍ଷିଠାରୁ ସୁତ ଶୁଣି । ସନକ ଅଗରେ ବଖାଣି ॥
ସନକ ମୈତ୍ରେୟଙ୍କୁ ଭାଷି । ମୈତ୍ରେୟ ବିଦୁରେ ପ୍ରକାଶି ॥
ଏହି ସମ୍ବାଦ ଅଟେ ସେହି । କହିଲି ସେ ମର୍ମ ବୁଝାଇ ।
ପୁଣି ଅଚ୍ୟୁତ କର ଯୋଡ଼ି । ପୁଚ୍ଛଇ ପ୍ରଭୁ ପାଦେ ପଡ଼ି ।
ପୂର୍ବେ ଯେ ଏକାକ୍ଷର ଥିଲେ । କପର ମୁଖରୁ କ୍ଷରିଲେ ।
ପୂର୍ବେ ଯେ ତାହାକୁଟି କହ । ଏକାକ୍ଷରଟି କେ ଅଟଇ ।
କପର ଅଟନ୍ତି ଅନନ୍ତ । ମୁଖରୁ କ୍ଷରିଲା କେମନ୍ତ ।
କିଏ ସେ ବାସୁକୀ ମହାତ୍ମା । କିଏ ଅଟଇ ବେଦବ୍ରହ୍ମା ॥
ନାରଦ ବ୍ୟାସକେ ହୋଇଲେ । ଶୁକମୁନି କେ ବୋଲାଇଲେ ॥
କିଏ ପରୀକ୍ଷ ନୃପମଣି । ସୁତ ଋଷିଟି କେହୁପୁଣି ॥
ସନକ କିଏ ବା ହୋଇଲେ । ମଇତ୍ର କିଏ ବୋଲାଇଲେ ॥
କିଏ ଯେ ଅଟନ୍ତି ବିଦୁର । ମୋତେ ତା କହ ଗଦାଧର ।
ଶୁଣି ବୋଲନ୍ତି ନିରାକାର । ଶୁଣ ଅଚ୍ୟୁତ ମର୍ମ ତାର ।
ପୂର୍ବେ ଯେ ମହା ଶୂନ୍ୟମଧ୍ୟ । ଅନନ୍ତ ଜ୍ୟୋତି ଯେ ଉଦୟ ।
ଏକା ଅକ୍ଷର ଯେ ଓଁ କାର । ଜ୍ୟୋତିରୁ ପ୍ରକାଶ ଚକର ।
ବାସୁକୀ ପବନ ବୋଲାଇ । ଚକାରୁ ଯେଣୁ ସେ କ୍ଷରଇ ।
ଓଁ କାରୁ ଉଦ୍ଭବ ହୋଇଲେ । ନାମ ବ୍ରହ୍ମ ଯେ ବୋଲାଇଲେ ।
ନାରଦ ଅଟନ୍ତି ନିର୍ଗୁଣ । ଚକାରୁ ହୋଇଲେ ଉତ୍ପନ୍ନ ॥
ଚଇତନ୍ୟଟି ବେଦବ୍ୟାସ । ଓଁ କାରୁ ହୋଇଲେ ପ୍ରକାଶ ।
ସୁଷୁମ୍ନା ଦ୍ୱାର ଶୁକମୁନି । ଚକାରୁ ବାହାର ସେ ପୁଣି ।
ନାମ ପରୀକ୍ଷ ନରପତି । ଓଁ କାର ଶବଦ ଉତ୍ପତ୍ତି ॥
ସ୍ୱରଟି ସୁତମୁନି ହେଲେ । ସକଳ ଶବ୍ଦ ବୋଲାଇଲେ ।

GPNanda Colln., Digitized by srujanika@gmail.com

ବନ୍ଧୁ ହୋଇଲେ ମଇବେୟ । ବଦୁର ଜ୍ଞାନଟି ଉଦୟ ।
ଶୂନ୍ୟରୁ ବ୍ରହ୍ମ ଯେ ଖସଇ । ଷଡ଼ପ୍ରକାରେ ଯେ ଅସଇ ।
ଷଡ଼ ସମ୍ବାଦ ବୋଲଇଲ । ମାତାଙ୍କ ଉଦରେ ମିଶିଲ ।
ଭାବରୁ ତୁଅନ୍ତେ ଜନମ । ଏଣୁ ସେ ଭାଗବତ ନାମ ॥
ବାରସ୍କନ୍ଧର ଅର୍ଥ ଶୁଣ । କହୁବା ତହିଁର ପ୍ରମାଣ ।
ପ୍ରଥମସ୍କନ୍ଧ ତାଳୁ ହୋଇ । ଦ୍ୱିତୀୟ ଲଲାଟ ଅଟଇ ।
ତୃତୀୟସ୍କନ୍ଧ ଅଟେ କର୍ଣ୍ଣ । ଚତୁର୍ଥ ଅଟଇ ନୟନ ।
ପଞ୍ଚମ ନାସିକା ପ୍ରମାଣ । ଷଷ୍ଠସ୍କନ୍ଧ ବଦନ ଜାଣ ।
ସପ୍ତମସ୍କନ୍ଧ କଣ୍ଠ ହେଲା । ଅଷ୍ଟମ ହୃଦ ବୋଲାଇଲା ।
ନବମସ୍କନ୍ଧ ନାଭି ଅଟେ । ଦଶମ ପଞ୍ଚ ପ୍ରାଣ ଘଟେ ।
ଏକାଦଶ ଇନ୍ଦ୍ରିୟ ଯେହୁ । ଏକାଦଶସ୍କନ୍ଧ ବୋଲଇ ।
ଦ୍ୱାଦଶେ ବାୟୁ ସୂନ୍ୟ କଲା । ଦ୍ୱାଦଶସ୍କନ୍ଧ ବୋଲାଇଲା ॥
ଶୁଣି ଅଚ୍ୟୁତ ହେଲେ ତୋଷ । ପ୍ରମାଣ କରିଲେ ଅଶେଷ ॥
ବୋଲଇ ଫକୀର ଅଧମ । ଉଦ୍ଧର ଗୁରୁ ଶୂନ୍ୟ ବ୍ରହ୍ମ ।

ଇତି ଶ୍ରୀ ଛପ୍ପଲକ୍ଷ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ ସମ୍ବାଦେ ଭାଗବତ ଜନ୍ମ ପଚ୍ଛିଲ ପରଚୟ ବର୍ଣ୍ଣନେ ନାମ ଚତୁର୍ଦ୍ଦଶ ପଟଳ ।

ପଞ୍ଚଦଶ ପଟଳ

ଜୟ ଶୂନ୍ୟ ବ୍ରହ୍ମ ଗୁରୁ ଅଲେଖ ।
ଅଶେଷ ଭୁବନେ ମହିମା ଟେକ । ୧ ।
ଅପେ ନିରାକାର ଅପେ ସାକାର ।
ଅରୂପରୁ ରୂପ ନାନା ପ୍ରକାର । ୨ ।
ଏପରି ଅଚ୍ୟୁତ ଗୁରୁଙ୍କୁ କହୁ ।
ପୁଣି ସାଷ୍ଟାଙ୍ଗେ ପ୍ରଣିପାତ ହୋଇ । ୩ ।

GPNanda Colln., Digitized by srujanika@gmail.com

ଝଟ ବଳସୁତର ବୋଲେ ଚନ୍ଦ୍ର ଦେବ ।
ହସ୍ତାଙ୍ଗ ଯୋଗ ମୋତେ ବୁଝାଇବ । ୪ ।
ପରମ ଯୋଗ ଯେ କାହାକୁ କହୁ ।
କରୁଣା କର କହନ୍ତୁ ଗୋସାଇଁ । ୫ ।

ଷଡାଙ୍ଗ ଧର କପର ରହନ୍ତି ।
କାଳ କବଳୁ କେପରି ବଞ୍ଚିନ୍ତି । ୬ ।
ସେ ଜ୍ଞାନ ମୋତେ କହ ନିସ୍ତାର ।
କପର ସାଧି କେ ହେଲେ ଅମର । ୭ ।

ଅଚ୍ୟୁତ ବଚନେ ବୋଲନ୍ତି ପ୍ରଭୁ ।
ଯାହା ପୃଚ୍ଛା କଲ ଶୁଣ କହୁରୁ । ୮ ।
ଦେହ ପିଣ୍ଡରୁ ନ ଯିବଟି ପ୍ରାଣ ।
ଶୁଣ କହୁବା ତହିଁର ପ୍ରମାଣ । ୯ ।
ଏ ପିଣ୍ଡେ ଅସ୍ଥା ଯେଉଁ କେବେ ରହୁ ।
ଯମ ରାଜା ତ୍ରାସ ଲାଗିବ ନାହିଁ । ୧୦ ।
କେଉଁଠାରେ ଥାଇ କାହାକୁ ଧର ।
କି କାର୍ଯ୍ୟ କଲେ ମୃତ୍ୟୁକୁ ନ ଡର । ୧୧ ।

ଅଚେତନ ପିଣ୍ଡ ହୁଏ ଚେତନ ।
ଚିହ୍ନି ପାରିଲ ପ୍ରଭୁ ନିରଞ୍ଜନ । ୧୨ ।

ଷଟ ଯୋଗ ତୋତେ ବୁଝାଇ ଦେବୁ ।
ଏ ଦେହ ଘେନି ଯୁଗେ ଯୁଗେ ଥିବୁ । ୧୩ ।

ହଂସ ସୁହଂସ ଯେ ପରମହଂସ ।
ତିନି ତତ୍ତ୍ୱରୂପୀ ଦେହେ ପ୍ରକାଶ । ୧୪ ।
ସ୍ୱୟଂ ନିରଞ୍ଜନ ମୂରତି ସେହୁ ।
ବଜୀସ୍ତୁ ଭେଦେ ସବ ଦେହେ ଥାଇ ।୧୫।

GPNanda Colln., Digitized by srujanika@gmail.com

ବୀଜ ପ୍ରକୃତ ଯେ କଳେକ ଏଥୁ ।
ତନାହେଁ ନିସ୍ପୃତତ୍ତ୍ୱ ଯେ ବୋଲଇ ।୧୬।
ଏ ମର୍ମ ତୋତେ କହୁବା ବୁଝାଇ ।
ମନ ପବନକୁ ଥିବୁ ମଞ୍ଜାଇ ।। ୭ ।

ପରମହଂସର ମହିମା ଶୁଣ ।
ନିସ୍ପୃତତ୍ତ୍ୱ ଭେଦ ଅଟେ ନିର୍ଗୁଣ ।୧୮।
ଅଦ୍ୱେୟ ଶୂନ୍ୟ ଜନ୍ମ ପରମହଂସ ।
ତାଙ୍କଠାରୁ ଜନ୍ମ ହଂସ ସୁହଂସ ।୧୯।

ତାହାଙ୍କୁ ଜନ୍ମେ ବୀଜରୂପେ ହଂସ ।
ବାମୁଁ ରଜରୂପେ ହେଲେ ସୁହଂସ ।୨୦।
ବୀଜ ଶକ୍ତି ଯେ କଳିକ ବୋଲାଇ ।
ଏତେକ ନାମ ଯେ ପ୍ରକାଶ ହୋଇ ।୨୧।

ସର୍ବ ଯନ୍ତ୍ର ମଧ୍ୟେ ଅଛନ୍ତି ହେଜ ।
ହଂସ ମୂର୍ତ୍ତି ବୀଜ ସୁହଂସ ରଜ ।୨୨।
ମଧ୍ୟରେ ପରମହଂସ ମୂରତି ।
କଳକ ସ୍ୱଭାବେ ବସିକୁ ଥାନ୍ତି ।୨୩।

ସୁଷୁପ୍ତି ଜାଗ୍ରତ ନିଦ୍ରାକୁ ଘେନି ।
ଅବୋଧ ରହିଲେ ଅବସ୍ଥା ତିନି ।୨୪।
ଜାଗ୍ରତେ ଜାଗିଣ ଧବଳ ହଂସ ।
ନିଦ୍ରାରେ ଧରିଥାଇ ସୁହଂସ ।୨୫।

ପରମହଂସ ଧରେ ସୁଷୁପ୍ତିରେ ।
ବୁଝାଇ ରହିଲି ଦେହ ଅସ୍ମାରେ ।୨୬।
ସ୍ୱପନେ ଜାଗ୍ରତ ନିଦ୍ରାରେ ତିନି ।
ଗତାଗତ ହୋନ୍ତି ପ୍ରକୃତ ଘେନି ।୨୭।

GPNanda Colln., Digitized by srujanika@gmail.com

ତହିଁହେଁ ପ୍ରଳୟେ ଯହୁଁ ବିଶ୍ରାମ ।
ଭବନ୍ତ ନାମ ନିରଞ୍ଜନ ଧାମ । ୨୮ ।
ଏଥିର ଭେଦ ଜାଣନ୍ତି ଶଙ୍କର ।
ସେ ସ୍ଥାନକୁ ଯାଇ ହେଲେ ଅମର । ୨୯ ।

ସେ ଭୋଳାନାଥ ଅଷ୍ଟାଙ୍ଗ ଧାରଣା ।
ଯୋଗ ସିଦ୍ଧିକଲେ ନ ହୋଇ ବଣା । ୩୦ ।
ମୋହଠାରୁ ସେ ପାଇ ଉପଦେଶ ।
କାଟିଲେ ସେହୁ କାଳଦଣ୍ଡ ପାଶ । ୩୧ ।

କାଳକୁ ଜିଣିଲେ ମୃତ୍ୟୁ କଲେ ଜୟ ।
ତେଣୁ ବୋଲାଇଲେ ସେ ମୃତ୍ୟୁଞ୍ଜୟ । ୩୨ ।
ଲୋମଶ ନାମେ ଥିଲେ ଏକ ଋଷି ।
ମହାଦେବଙ୍କ ଶିଷ୍ୟ ହେଲେ ଆସି । ୩୩ ।

ସଦୟେ ତାଙ୍କୁ ରୁଦ୍ରଶିକ୍ଷା ଦେଲେ ।
ସେ ଯୋଗ ଅଭ୍ୟାସି ଅମର ହେଲେ । ୩୪ ।
ଯୋଗମାୟା ଖର୍ପରକୁ ଜିଣିଲେ ।
ପ୍ରଳୟକୁ ସେ ମନେ ନ ଗଣିଲେ । ୩୫ ।
କୋଟି ବ୍ରହ୍ମାଣ୍ଡ ହୋଇଲେ ପ୍ରଳୟେ ।
ଲୋମ ଗୋଟିଏ ତାହାଙ୍କର ଯାଏ । ୩୬ ।

ତେଣୁ ଲୋମଶ ନାମ ବୋଲାଇଲେ ।
କାଳେ କାଳେ ସ୍ବଦେହରେ ରହିଲେ । ୩୭ ।
ଥିଲା ଏକ କାକ ନାମ ପ୍ରଚଣ୍ଡ ।
ତାହାର ପୁତ୍ର ଅଟଇ ଭୁଶଣ୍ଡ । ୩୮ ।

ସେ ଯାଇଁ ଲୋମଶ ଶିଷ୍ୟ ହୋଇଲେ ।
ଉପଦେଶ ପାଇ ଅମର ହେଲେ । ୩୯

GPNanda Colln., Digitized by srujanika@gmail.com

କୋଟି ଯୁଗ ଗଲେ ନ ଟଳେ କାଏ୍ ।
ଯୋଗ ସାଧନେ ନାହିଁ ମୁକ୍ତ ଭଏ୍ ।୪୦ ।
ଅମ୍ଭେ ହୋଇଲୁଁ ରାମ ଅବତାର ।
ସେ ବେଳେ ବଶିଷ୍ଠ ଗୁରୁ ଆମ୍ଭର । ୪୧ ।
ଭୁଷଣ୍ଡି ଙ୍କର ଅଟନ୍ତି ଶିଷ୍ୟ ।
ଆମଙ୍କୁ ଦେଇଥିଲେ ଉପଦେଶ । ୪୨ ।
ରାମ କହୁଥିଲେ ହନୁମାନଙ୍କୁ ।
ବୁଝାଇ ସପ୍ତାଙ୍ଗ ଯୋଗ ଜ୍ଞାନକୁ । ୪୩ ।
ସେହୁ ଯୋଗ ତୋତେ କହୁଛୁ ମୁହିଁ ।
କର ପାରିଲେ ଏହୁ ଦେହେ ଥାଇଁ । ୪୦ ।
ସବୁ ଯୋଗଠାରୁ ଏ ସାରସ୍ୱତ ।
ବାସନା ଥିଲେ ହୁଅଇ ପ୍ରାପତ । ୪୫ ।
ପୂର୍ବର ବାସନା ଯାହାର ଥାଇ ।
ଯେତେ ଶିକ୍ଷା ଦେଲେ ପାସୋର ଯାଇ । ୪୬ ।
କହେ ଫକୀର ହେ ଶୂନ୍ୟ ବିହାରୀ ।
ତବ ଧ୍ୟାନେ ରତ ରହୁ ମୋହର । ୪୭ ।
କରୁଣାସାଗର କରୁଣା କର ।
ଅନ୍ୟ କେ ଭରସା ନାହିଁଟି ମୋର । ୪୮ ।
ଅନନ୍ତଙ୍କ ଦାସ ଦାସକୁ ଜନ ।
ନୁହଇ ମୁହିଁ ପାଷାଣ୍ଡ ଅଧମ । ୪୯ ।

ଇତି ଶ୍ରୀ ଚିଦ୍‌ବ୍ରହ୍ମ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ସପ୍ତାଙ୍ଗଯୋଗ ବିବରଣ କଥନେ
ନାମ ପଞ୍ଚଦଶ ପଟଳ ।

GPNanda Colln., Digitized by srujanika@gmail.com

ଷୋଡ଼ଶ ପଟଳ

ପୁଣି ପ୍ରଭୁଙ୍କ ପାଦେ ପଡ଼ି । ଅଚ୍ୟୁତ କହେ କରଯୋଡ଼ି ।
ହେ ଦେବ ଦେବତାଙ୍କ ସୁତେ । ଶ୍ରୀରାମ ରୂପ ହେଲ ମର୍ତ୍ତ୍ୟେ ।
ଜାନକୀ ଛଳେ ଦଶମୁଖ । ନାଶି ସୁରଙ୍କୁ ଦେଲ ସୁଖ ।
ନରବେଶରେ ରାମ ଶ୍ରେଷ୍ଠ । ଗୁରୁ ଯେ ହୋଇଥିଲେ ବଶିଷ୍ଠ ।
ସେ ପୁଣି ଭୁଷଣ୍ଡିଙ୍କ ଶିକ୍ଷା । ପାଇଲେ ବ୍ରହ୍ମଜ୍ଞାନ ଦୀକ୍ଷା ॥
ତୁମ୍ଭେ ଅନାଦି ରାମଚନ୍ଦ୍ର । ସେବନ୍ତି ବିଧାତା ଯୋଗେନ୍ଦ୍ର ।
ଅରୁଣ ବରୁଣ ଭାସ୍କର । ଇନ୍ଦ୍ର ଚନ୍ଦ୍ର ଯେ ନାଶକର ॥
ସମସ୍ତେ ରାମଙ୍କ ସେବକ । ରାମ ତ ଶ୍ରୀଗୁରୁ ଅଲେଖ ।
ଅରୂପାନନ୍ଦ ରୂପବନ୍ତ । ଭୂଭାର ନାଶିବା ନିମିତ୍ତ ॥
ଯା ନାମ ଶ୍ରବଣ କୀର୍ତ୍ତନେ । ତରନ୍ତି ମୂଢ଼ ପ୍ରାଣୀମାନେ ।୧୦।
ସେ ହେଲେ ବଶିଷ୍ଠଙ୍କ ଶିଷ୍ୟ । ଜ୍ଞାନ ପାଇଲେ ଉପଦେଶ ॥
ମୋ ମନେ ହୋଇଲା ସଂଶୟ । ସଂଶୟ ଛେଦ ଦୟାମୟ ।
ଭକ୍ତ ବଚନ ଶୁଣି ହରି । ବୋଲନ୍ତି ଶୁଣ ଶ୍ରୁତ ଡେରି ॥
ତୁ ଯାହା କହିଲୁ ପ୍ରମାଣ । ଶ୍ରୀରାମ ବ୍ରହ୍ମ ପରିପୂର୍ଣ୍ଣ ॥
ଅରୂପାନନ୍ଦ ରୂପ ହେଲେ । ସଂସାରେ ନର ଲୀଳା କଲେ ।
ଭକ୍ତ ଯେ ତାଙ୍କର ବଶିଷ୍ଠ । ତେଣୁ ତାହାଙ୍କୁ କଲେ ଶ୍ରେଷ୍ଠ ।
ନରବପୁରେ ମାନ୍ୟ କଲେ । ତାଙ୍କଠୁ ଉପଦେଶ ନେଲେ ।
ରାମ କହିଲେ ହନୁମାନେ । ଏବେ କଥା ଶୁଣ ସାବଧାନେ ।
ବିନାଶ ହୋଇବ ସଂଶୟ । ମୁକ୍ତିକୁ ନ ଥିବଟି ଭୟ ।
ପ୍ରଣବ ଯୋଗେ ଏ ଅଟଇ । ଏ ଚନ୍ଦ୍ର ସୂର୍ଯ୍ୟ ନାଡ଼ୀ କହି ।
ସାତ ବାର ଯେ ଗଣି ହୋଇ । ପଢ଼ନ୍ତୁ ଦେଖ ବାବୁ ତୁହି ॥
ଇଅଁଳା ପିଅଁଳା ଯେ ପୁଣି । ସୁଷୁମ୍ନା ମିଶିଣ ଯେ ତିନି ।
ସାତ ବାରକୁ ସଙ୍ଗେ ନେଇ । ଉଦୟ ହୋଇଛନ୍ତି ସେହି ।
ପିଅଁଳା ଉଦୟେ ଦେଖିବୁ । ରବି ମଣ୍ଡଳେ ରହି ବାବୁ ।

GPNanda Colln., Digitized by srujanika@gmail.com

ହେତୁ ବଶିଲେ ଗୁରୁବାର । ବେଢିବୁ ଯାଇ ଦ୍ୱାରକର ॥
ଭର୍ଗ ଲା ଉଦୟେ ଦେଖିଲେ । ସୋମ ମଣ୍ଡଳ ଧ୍ୟାନ କଲେ ॥
ଦଶ ବାରକୁ ମାଗି ତୁହୁ । ନାଶାଗ୍ରକୁ ବେଢ ଯାଇଁ ॥
ସେ ସ୍ଥାନ ଅଛଇ ନିକୁଟ । ନିକୁଟ ଦ୍ୱାର ଯେ ଅକଟ ॥
ଜଳଗ୍ରେପାର ସ୍ଥାନେ ତହିଁ । କବାଟ ଲାଗିଣ ଅଛଇ ॥
ଡାକୁକା ନାସିକା ମଧ୍ୟରେ । ପ୍ରାଣ ଯେ ରହିଛୁ ସେଠାରେ ॥
ଷଷ୍ଠମ ଅର୍ଗଳ ଭେଦୁ । କାଳଟି ସେ ବାଟେ ପଶଇ ।
କାଳକୁ ବଳ କର ଦିଅ । ସେ ବଜ୍ର କବାଟ ଫିଟାଅ ॥
ବ୍ରହ୍ମରେ ଯାଉ ଥିବ ମନ । ଅଲେଖ ପାଇବ ଦର୍ଶନ ।
କାଳ ଭୟରୁ ତରୁବରୁ । ଅଲେଖ ଚରଣ ସେବରୁ ॥
କାଳ ଧରିବା ଯୋଗୀ ଜାଣେ । ତା ପିଣ୍ଡେ ଭୟ ନୁହେଁ କେବେଁ
ବାୟୁ ଶାଙ୍କୋଳ ଦେଲେ ଛନ୍ଦ । କାଳକୁ କରିପାରେ ବନ୍ଦ ।୩୬
ମାନ୍ଧାତ ବ୍ରହ୍ମ ଅଗ୍ନି ଜାଳ । ତରଣି ପଳାଇବ କାଳ ।
ସେ ମହାବ୍ରହ୍ମ ଅଗ୍ନି ତାପେ । କାଳ ଯେ ପଳାଇବ ଅପେ ।
ଜଜାଣି ଉଠିଲେ ପବନ । ତୋ ଘଟ ସିଦ୍ଧ ହେବ ଜାଣ ।
ସର୍ବଦା ଏ ପିଣ୍ଡରୁ କାଳ । ଯେଉଁଠିରୁ ବ୍ରହ୍ମଅଗ୍ନି ଜାଳ ।୪୦।
ସପ୍ତ ଦିବସ ମିଶିକରି । ସାତବାର ଯେ ଫେରିଫେରି ॥
ପୂର୍ଣ୍ଣ ଯେ ଦିବସ ସପ୍ତର । ମିଶାଇ ଅଷ୍ଟମ ପ୍ରହର ।
ଶନି ଗୁରୁ ରବି ମଙ୍ଗଳ । ଏ ଗୁରୁବାର ସୂର୍ଯ୍ୟଙ୍କର ॥
ବାରୁଣୀ ଯୋଗ ଏହା ନାମ । ଦକ୍ଷିଣେ ବହଇ ପବନ ॥
ଏ ଗୁରୁବାର ସୂର୍ଯ୍ୟଘରେ । ଜାଗି ରହିବ ନାଭିପୁରେ ।
ଦିବସ ଏହାକୁ ଟି କହି । ଶୁଣ ଅଚ୍ୟୁତ ମନ ଦେଇ ॥
ସୋମ ଶୁକ୍ର ଯେ ବୁଧବାର । ଏ ଚାରିବାର ଚନ୍ଦ୍ରଙ୍କର ।
ବାମାଙ୍ଗେ ପବନ ବହଇ । ସେ ଚାରିବାର ଶୁକ୍ର କହୁ ।
ଜାଗ୍ରତେ ଯେବେ ଜାଗି ପାରୁ । ତୋତେ ସେ ତୁହି ଚିହ୍ନିପାରୁ

GPNanda Colln., Digitized by srujanika@gmail.com

ସପ୍ତାଙ୍ଗ ଯୋଗ ଅଷ୍ଟାଭେଦ । କାଁଗେବ ଯୋଗୀ ହୁଏ ସିଦ୍ଧ ।୫୦
ଏ ଯୋଗ ଧ୍ୟାଇଲେବେ ବାବୁ । ଅକ୍ଷୟ ହୋଇ ବହୁଥିବୁ ।
ଏ ଅଟଣ ସିଦ୍ଧ ବ୍ରହ୍ମଜ୍ଞାନ । ସାଧ ଯେ ଭଲେବ ଈଶାନ ॥
ଯୋଗାଙ୍ଗେ କରୁଥିବ ଯୋଗ । ଭୋଗାଙ୍ଗେ କରୁଥିବ ଭୋଗ ॥
ଅଛନ୍ତି ଚଉଷଠୀ ରୋଗେ । ଶରୀରେ ପଶି ନ ପାରିବେ ॥
ରୋଗ ଯେ ନ ପଶିଲେ ଦେହେ । କାଳକୁ କରି ପାରୁ ଜୟେ ।
କହଇ ଫକୀର ଅଧମ । ଧ୍ୟାଇ ଶ୍ରୀଗୁରୁ ଶୂନ୍ୟବ୍ରହ୍ମ ॥
ମୋହର ଶକତ ଯେ ନାହିଁ । ପଣ୍ଡିତ ମଧ୍ୟ ମୁଁ ନୁହଇ ।
ପୂର୍ବରୁ ମହତଙ୍କ ବାକ୍ୟ । ଦେଖିଣ ଅନୁଭବେ ଲକ୍ଷ ॥
କରଣ ଲେଖଇ ମୁଁ ଧନ । ଅଲେଖ ନାମ କରି ଧ୍ୟାନ ॥
ମୋ ଦୋଷ ନ ଧରିବ କେହୁ । ନିତାନ୍ତ ଅଜ୍ଞାନଟି ମୁହିଁ ।୬୦।
ହୃଦୟ୍ୟା କଲେ ଦୟାନିଧି । କାମନା ମୋର ହେବ ସିଦ୍ଧି ।
ଅନ୍ୟ କାମନା ମୋର ନାହିଁ । କାମନା ପ୍ରଭୁ ନାମ ଧ୍ୟାଇ ॥
ଅନ୍ତିମେ ଏ ମୋର ଜୀବନ । ପଦ୍ମ ଚରଣେ ହେବ ଲୀନ ॥
ଏତକ ଦୀନର ପ୍ରାର୍ଥନା । ଶ୍ରୀଗୁରୁ କରିବେଟି ଘେନା ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିର୍ବାଣ ଅଚ୍ୟୁତ
ସମ୍ବାଦେ ଚନ୍ଦ୍ର ସୂର୍ଯ୍ୟ ନାଡୀ ବର୍ଣ୍ଣନେ ନାମ
ଷୋଡ଼ଶ ପଟଳ ।

ସପ୍ତଦଶ ପଟଳ ।

ଅଚ୍ୟୁତ ଶ୍ରୀଗୁରୁ ପାଦେ ପ୍ରଣମି ।
ପୁଚ୍ଛଇ ଅହେ ଗୁରୁଦେବ ସ୍ୱାମୀ ।୧।
କହିଲ ନାନାଦ ବକ୍ଷୟ ମୋତେ ।
ଯୋଗାଙ୍ଗ ଭୋଗାଙ୍ଗ ସିଦ୍ଧାଙ୍ଗ ଯେତେ । ୨ ।

GPNanda Colln., Digitized by srujanika@gmail.com

ପ୍ରକୃତି ପରେ ଯେ ଅଛନ୍ତି ବ୍ରହ୍ମ ।
ତାଙ୍କ ଦର୍ଶନରେ ତୁଟଇ ଭ୍ରମ । ୩ ।
ପ୍ରକୃତିରେ ଯେହୁ ହୁଅନ୍ତି ବସ ।
ଯାଇ ନ ପାରନ୍ତି ବ୍ରହ୍ମଙ୍କ ପାଶ । ୪ ।

ପ୍ରକୃତିକି ଯେହୁ ପାରନ୍ତି ମାରି ।
ଏ ଭବସାଗରୁ ଯାଅନ୍ତି ତରି । ୫ ।
କପରି ପ୍ରକୃତି ମାରିବା କଏ ।
ମୋତେ ତା କହିବା ଦେବାଧିରାଏ ।୬।

ଅଚ୍ୟୁତ ବାକ୍ୟ ନିସ୍ତାର ଶୁଣି ।
ବୋଲନ୍ତି ଅହେ ଶୁଣ ଭକ୍ତମଣି । ୭ ।
ପ୍ରକୃତିକି କେହୁ ଖଣ୍ଡଣ ନାହିଁ ।
ଉତ୍ପତ୍ତି ସ୍ଥିତି ସଂହାରଣୀ ସେହୁ ।୮।

ଶୁଣ କହୁଛି ପ୍ରକୃତି ଲକ୍ଷଣ ।
ପ୍ରକୃତି ଅଦ ଅନ୍ତ ନାହିଁ ଜାଣ ।୯।
ପ୍ରକୃତି ଜନନୀ ସ୍ୱରୂପ ଜାନ ।
କରି କାମ୍ୟାରୂପେ ଲଗାଏ ପ୍ରେମ ।୧୦।

ପୂଜାପାଏ ଦେବୀ ରୂପରେ ସେହୁ ।
କାଳ ସ୍ୱରୂପେ ସଂହାର କରଇ ।୧୧।
ଏପରି ପ୍ରକୃତିଙ୍କର ମହିମା ।
ଧାତା ବିଷ୍ଣୁ ଶିବ ନ ପାନ୍ତି ସୀମା ।୧୨।

ଶକ୍ତି ସ୍ୱରୂପା ଅଦ୍ୟା ସନାତନୀ ।
ନିଜଗତ ମାତା ଦେବୀ ଈଶାନୀ ।୧୩।
ବ୍ରହ୍ମା ବିଷ୍ଣୁ ଇନ୍ଦ୍ର ଯୋଗେନ୍ଦ୍ର ସୁରେ ।
ଅଧିକାର ନାହିଁ ପ୍ରକୃତିଠାରେ ।୧୪।

GPNanda Colln., Digitized by srujanika@gmail.com

ପ୍ରକୃତି ପାଶେ ଯେ କରନ୍ତି ଗର୍ବ ।
ତା ଗର୍ବ ଭାଙ୍ଗି ସେ କରନ୍ତି ଖର୍ବ ।୧୫।
ଅଚ୍ୟୁତ ପ୍ରକୃତି ଚରିତ ଶୁଣ ।
ଧନେ କୈଳାସେ ଦେବ ବିବେଚନ ।୧୬।

କଥା ପ୍ରସଙ୍ଗେ ପାର୍ବତୀଙ୍କି କହୁ ।
ମୋଠାରୁ ବଡ଼ ତ୍ରିପୁରେ କେ ନାହିଁ ।୧୭।
ମୁଁ ଜଗତକର୍ତ୍ତା ପାଳେ ସଂସାର ।
ମୁହୂର୍ତ୍ତିକେ କରି ପାରେ ସଂହାର ।୧୮।

ଯକ୍ଷ ରକ୍ଷାଦି ଗନ୍ଧର୍ବ କିନ୍ନର ।
ସୁର ନର ଭୂତ ପ୍ରେତ ଅମର ।୧୯।
ବ୍ରହ୍ମା ବିଷ୍ଣୁ, ଇନ୍ଦ୍ର, ଚନ୍ଦ୍ର ଭାସ୍କର ।
ବନ୍ଦୁଛନ୍ତି ସର୍ବେ ମୋର ପୟର ।୨୦।

ଭକ୍ତିରେ ମୋତେ ଯେ କରେ ପୂଜନ ।
ତାର ମନ ବାଞ୍ଛା କରଇ ପୂର୍ଣ୍ଣ ।୨୧।
ଦୈତ୍ୟମାନେ ଯେ ତପସ୍ୟା କରିଣ ।
ବାଞ୍ଛିତ ବର କରନ୍ତି ଗ୍ରହଣ ।୨୨।

ଇନ୍ଦ୍ରାଦି ଦେବଙ୍କୁ ଜିଣନ୍ତି ଯୁଦ୍ଧେ ।
ଏପରି ମହିମା ମୋର ପ୍ରସାଦେ ।୨୩।
ମୋହର ରୂପ ଏପରି ସୁନ୍ଦର ।
ସମ ନୋହିବେ ସୋମ ପୁରନ୍ଦର ।୨୪।

ଇଚ୍ଛାରେ ହୁଅଇ ଭୀଷଣ ରୂପ ।
ଇଚ୍ଛା କଲେ ହୁଏ ଦିବ୍ୟ ସ୍ୱରୂପ ।୨୫।
ଏକ ମୁଖ କେତେବେଳେ ଦିଶଇ ।
ପଞ୍ଚବଦନ କେବେ ପ୍ରକାଶଇ ।୨୬।

GPNanda Colln., Digitized by srujanika@gmail.com

କୁବେର ଭଣ୍ଡାରେ ଯେତେକ ଧନ ।
ତହିଁରେ ମୋର ଅଧିକାର ପୂର୍ଣ୍ଣ ।୨୭।
ଇଚ୍ଛା ସୁଖେ ଯୋଗୀ ରୂପେ ଭ୍ରମଇ ।
ଶାର୍ଦ୍ଦୂଳ ଚର୍ମର ଖଣ୍ଡ ପିନ୍ଧଇ । ୨୮ ।
ଅଙ୍ଗେ ଭସ୍ମ ମାଖି କର୍ଣ୍ଣେ କୁଣ୍ଡଳ ।
ଗଳାରେ ଲମ୍ବିଥାଇ ହାଡ଼ମାଳ । ୨୯ ।
ନାଗଙ୍କ ମାଳ ତା ତଳେ ସୁନ୍ଦର ।
ବିଷପାନେ କିଛୁ ନୋହିଲା ମୋର । ୩୦ ।
କନ୍ଦର୍ପ ବାଣେ ତ୍ରିପୁର ମୋହିତ ।
ସେ କନ୍ଦର୍ପେ କଲି ମୁଁ ଭସ୍ମସାତ । ୩୧ ।
ନିଜଗତ ରକ୍ଷା କରଇ ମୁହିଁ ।
ପୁଣି ଦିଗମ୍ବର ବେଶ ଧରଇ । ୩୨ ।
ଯାହା ବାଞ୍ଛିବି ତା ହୁଏ ପ୍ରାପତ ।
ମୋର ମହିମା ବ୍ରହ୍ମାଣ୍ଡେ ବିଖ୍ୟାତ । ୩୩ ।
ଏମନ୍ତ ଗର୍ବ କରନ୍ତେ ମହେଶ ।
ଦୁର୍ଗତିନାଶିନୀ ଜାଣି ମାନସ । ୩୪ ।
ଶ୍ରବନ୍ତ ଗର୍ବ କଲେ ନିବେଦନ ।
ନଷ୍ଟେ ତାଙ୍କ ଗର୍ବ କରିବି ଚୂର୍ଣ୍ଣ । ୩୫ ।
ଯୁଗେ ଯୁଗେ ମୁଁ ଜୀବତ ସ୍ଥାପିବି ।
ଏହା ବିଚାରି ମାୟା କଲେ ଦେବୀ । ୩୬ ।
କର ମାରି ମାଟିଗୁଡ଼ାଏ ଅଣି ।
ଦଳି ଦଳି ଗୁଳା ସଜାଇ ପୁଣି । ୩୭ ।
ଦଣ୍ଡିଲେ ସେହୁ ଅତି ମନୋହର ।
ହୀର ନୀଳାହୁଁ ଅତ୍ୟନ୍ତ ସୁନ୍ଦର । ୩୮ ।

GPNanda Colln., Digitized by srujanika@gmail.com

ମହେଶଙ୍କ ଭରେ ଦେଲେ ସତ୍ୱର ।
ଦେଖି ହରଷ ହେଲେ ଶୂଳଧର । ୩୯ ।
ଅପୂର୍ବ ଦ୍ରବ୍ୟ ପର୍ଯ୍ୟେ ମଣିଲେ ।
ସ୍ନେହେ ନିସ୍କାର ଭରଣ ଥିଲେ । ୪୦ ।

ଦେଖିଲେ ସେ ଗୃଳା ଏକ ପାର୍ଶ୍ୱେ ।
ଏଭଇ ଦୁଆର ସୁନ୍ଦର ଦିଶେ । ୪୧ ।
ସେ ଦ୍ୱାର କାଞ୍ଚନେ ହୋଇ ନିର୍ମାଣ ।
ରତ୍ନ କବାଟ ଦିଶଇ ଘଟଣ । ୪୨ ।

ତାହିଁ ଲମ୍ବିଛନ୍ତି ମୁକ୍ତା ଝରାମାନ ।
ତାହିଁ ଖଞ୍ଜାହୁଏ ଅମୂଲ୍ୟରତ୍ନ । ୪୩ ।
ହୀର ନୀଳା ବଇଡୂର୍ଯ୍ୟ ମାଣିକ୍ୟ ।
ଶୋଭା ଦିଶୁଅଛି ଏକକୁ ଏକ । ୪୪ ।

ପୁଣି ସୁନା ରୁପା ପୋହଳା ମଣି ।
ଦେଖି ଆଶ୍ଚର୍ଯ୍ୟ ହେଲେ ଶୂଳପାଣି । ୪୫ ।
ମନେ ଭାବନ୍ତି ଏ ପଦାର୍ଥ କାହିଁ ।
କେନ୍ଦରେ ମୁହିଁ କେବେ ଦେଖି ନାହିଁ ।୪୬।

ସେ ରତ୍ନମାନ ଦେଖି ଆନନ୍ଦରେ ।
କବାଟେ କର ମାରିଲେ ଶ୍ରଦ୍ଧାରେ । ୪୭ ।
ଠଡ଼କାଳେ କବାଟ ଫିଟିଣ ଗଲା ।
ଗୃହୁଁ ଗୃହୁଁ ସେହୁ ଦ୍ୱାର ଖୋଲିଲା । ୪୮ ।

ଏକ ପଟଅ ଦେଖି ସେ ଶଙ୍କର ।
ଭାବନ୍ତି ଏତ ଲାଗେ ଚମତ୍କାର । ୪୯ ।
ଦୁବ ଘାସ ମାନ ବଅଁଳ ଅଛି ।
ସେ ଯୋଗୁ ଶ୍ୟାମଳ ବର୍ଣ୍ଣ ଦିଶୁଛି । ୫୦ ।

GPNanda Colln., Digitized by srujanika@gmail.com

ଦେଖି ବଚନ ମଣିଲେ ମହେଶ ।
ମନ ନମ୍ବନଙ୍କୁ କରଲ ତୋଷ । ୫୧ ।
ବୋଲେ ଫକୀର ଧାରଣ ଅଲେଖ ।
ସ୍ୱରସ୍ୱଗେ ତାଙ୍କ ମହିମା ଠେକ । ୫୨ ।
ସତ୍ୟ ପ୍ରଭୁ ଗୁରୁ ଶୂନ୍ୟ ବହାସ୍ତ୍ରୀ ।
ଏ ଭବସାଗରୁ କରବେ ପାର । ୫୩ ।

ଇତି ଶ୍ରୀ ଛତ୍ତିଶ ପଟଳ ମହାଗ୍ରନ୍ଥେ ନିର୍ବାଣ ଅଚ୍ୟୁତ ସମ୍ବାଦେ ପ୍ରକୃତ ମହିମା ବର୍ଣ୍ଣନେ ଶରୀରଭେଦ ନିରୂପଣ କଥନେ ନାମ ସପ୍ତଦଶ ପଟଳ ।

ଅଷ୍ଟାଦଶ ପଟଳ ।

ପୁଣି ଅଚ୍ୟୁତ ଯୋଡ଼ି କର । ବୋଲନ୍ତି ଗୁରୁ କୃପାକର ॥
ତହୁଁ କି କରିଲେ ଶଙ୍କର । ପ୍ରକୃତ କି କଲେ ତାଙ୍କର ।
ସେ କଥା କହ ମହାବାହୁ । ଶୁଣି ସନ୍ତୋଷ ମନ ହେଉ ।
ଭକ୍ତ ବଚନେ ଅଦିନାଥ । ବୋଲନ୍ତି ଶୁଣ ଦେବ ଗୁପ୍ତ ।
ପ୍ରଥମ ଦ୍ୱାର ଝପି ହର । ଦେଖିଲେ ବନ ମନୋହର ।
ନାନାଦି ତରୁ ଅଛି ତହିଁ । ଲତାରେ ବେଷ୍ଟିତ ଯେ ହୋଇ
ମୟୂର ମୟୂରୀ ଯେ ପୁଣି । ନୃତ୍ୟ କରନ୍ତି ଶ୍ରେଣୀ ଶ୍ରେଣୀ
ପକ୍ଷୀଏ କରୁଛନ୍ତି ସ୍ୱନ । ଫଳେ ଶୋଭିତ ତରୁଗଣ ।
ପୁଷ୍କରିଣୀ ଯେ ଅଛି ତହିଁ । ଫୁଟିଛି ଧଳା ନାଲି କଇଁ ।
କେଉଁଠି ଫୁଟିଛି କମଳ । ଶ୍ୱେତ ନାଲି ଯେ ବର୍ଣ୍ଣନୀଳ ॥
ଭ୍ରମରେ ମେଳା ମେଳା ହୋଇ । ଗୁଞ୍ଜଣ କରୁଛନ୍ତି ତହିଁ ।
ଏପରି ଦେଖିଣ ଶୋଭନ । ମନରେ ଭାବନ୍ତି ଈଶାନ ।
କେଉଁଠାରୁ ଚଳିଦ ଭୁବନ । ଏମନ୍ତ ନୁହଇ ଶୋଭନ ॥

GPNanda Colln., Digitized by srujanika@gmail.com

ଏପରି ବିଚାରନ୍ତେ ହର । ପୁଣି ଦେଖିଲେ ଏକଦ୍ୱାର ।
ଅନ୍ୟ ଯେ ଏକ ଶୂଳଧାରି । ସେ ଦ୍ୱାର ଅଛନ୍ତି ଅଟକାଇ ।
ଦଶବଦନ ତାହାଙ୍କର । ଅପୂର୍ବ ଶୋଭା ସେ ଶଙ୍କର ।
ମସ୍ତକେ ଜଟା ସୁଶୋଭିତ । ମଧ୍ୟେ ଅଛନ୍ତି ଗଙ୍ଗାମାତ ।
ଭାଲେ ଚନ୍ଦ୍ର ଯେ ଶୋଭିବନ । ଉପମା ନାହିଁ ତିଭୁବନ ।
ପିନାକ ଧନୁ ଶୋଭେ କର । ତ୍ରିଶୂଳ ପାଶୁପତ ଶର ॥
ଡମ୍ବରୁ ବଜାନ୍ତି ସଧୀରେ । ବଦନେ କହି ରାମ ହରେ ।
ଦ୍ୱାରପତିଙ୍କର ଜୟ ଜୟ । କହନ୍ତି ସେହି ମୃତ୍ୟୁଞ୍ଜୟ ॥
ତହୁଁ ଶଙ୍କର ବିସ୍ମୟରେ । ମିଳିଲେ ସେ ହର ପାଶରେ ।
ଦେଖି ସେ ଛାଡ଼ିଦେଲେ ଦ୍ୱାର । ମହେଶ ପଶିଲେ ଭିତର ।
ଦେଖିଲେ ଅପୂର୍ବ ନଗର । ବିସ୍ମୟ ହେଲେ ଶୂଳଧର ।
ପ୍ରଶଂସା କଲେ ମନେ ମନେ । ସୁରେ ବିହରନ୍ତି ଏ ଭୁବନେ ।
ଅସଂଖ୍ୟ ଦେବତା ଅଛନ୍ତି । ଅସଂଖ୍ୟ ଇନ୍ଦ୍ର ବୃହସ୍ପତି ॥
ଅସଂଖ୍ୟ କୁବେର ବରୁଣ । ଅସଂଖ୍ୟ ଚନ୍ଦ୍ରମା ଅରୁଣ ॥
ଅସଂଖ୍ୟ ଅଶ୍ୱିନୀ କୁମାର । ଅସଂଖ୍ୟ ଯକ୍ଷ ବିଦ୍ୟାଧର ॥
ବ୍ରହ୍ମା ବିଷ୍ଣୁ ଯେ ପଶୁପତି । ସେଠାରେ ବହୁତ ଅଛନ୍ତି ।
ଅନେକ ଗନ୍ଧର୍ବ କିନ୍ନର । ଅନେକ ଯମ ବୈଶ୍ୱାନର ।୧୦
ପଞ୍ଚବଦନ ଯେଉଁ ହର । ଦ୍ୱାଦଶ ବଦନ ତାହାର ॥
ତାହାର ଅଟେ ସପ୍ତମୁଖ । ଯେଉଁ ଶଙ୍କର ବିଂଶ ମୁଖ ॥
ଯେ ଶିବ ଚଉଷଠି ବଦନ । ଯେତୁ ଅଟଇ ଶତାନନ ।
ଗନ୍ଧର୍ବ କିନ୍ନର ଯେ ତହୁଁ । ଗାୟନ କରୁଛନ୍ତି ବହୁ ।
ତାହିଁ ସେ ଅପସରାମାନେ । ନୃତ୍ୟ କରନ୍ତି ତୋଷମନେ ।
ପୁଣି ସେ ଏକାଳ ସୁଢ଼ଳ । ନୃତ୍ୟ କରନ୍ତି ହୋଇ ଭୋଳ
ଯେଉଁଠି ଚତୁର ବଦନ । ବେଦକୁ କରନ୍ତି ପଠନ ।
ତହିଁ ଯେ ଦିଗପାଳଗଣ । ଭୁଲି ଅଛନ୍ତି ଯଣ ପଣ ।

GPNanda Colln., Digitized by srujanika@gmail.com

ସେଠା ତାଣ୍ଡବ ନୃତ୍ୟ ଦେଖି । ଅନଦେ ପଞ୍ଚଦଶ ଅକ୍ଷି ॥
ଚଳିଲେ ତହୁଁ ଖଣ୍ଡେ ଦୂର । ଦେଖିଲେ ରତ୍ନମୟପୁର ।
ରତନ ପଲଙ୍କ ତହିଁରେ । ପଡ଼ିଛି ଦେଖି ନୟନରେ ।
ପଲଙ୍କ ପରେ ସିଂହାସନ । ଶୁଦ୍ଧ ସୁବର୍ଣ୍ଣରେ ଗଠନ ॥
ରତନ ମଣ୍ଡପ ଯେ ତହିଁ । ଅଷ୍ଟ ରତ୍ନରେ ବିରାଜଇ ।
ମାଣିକ୍ୟ ସ୍ତମ୍ଭ ତଥି ପାଶେ । ବଇଡୂର୍ଯ୍ୟରେ ଶୋଭା ଦିଶେ ॥
ରତ୍ନ ଗୃହଅ ତଥି ପରେ । ରବି ଛବିକି ନିନ୍ଦା କରେ ॥
ପ୍ରକୃତି ଦେବୀ ଆଦ୍ୟା ଶକ୍ତି । ତା ପରେ ବିଜେ କରିଛନ୍ତି ॥
ବ୍ରହ୍ମା ବିଷ୍ଣୁ ଯେ ଶୂଳଧର । ସ୍ତମ୍ଭରେ ଯୋଡ଼ିଛନ୍ତି କର ॥
ଦଶ ବଦନ ଶୂଳପତି । ତାଣ୍ଡବ ନୃତ୍ୟ କରୁଛନ୍ତି ॥
ସ୍ତୁତ୍ୟ ପରାୟେ ସୁରଗଣେ । ସେବନ୍ତି ପ୍ରକୃତି ଚରଣେ. ॥
ମହେଶ ଏହା ବିଲୋକିଲେ । ଲଜ୍ଜା ହେଲ ବୋଲି ଭାବିଲେ
ମନେ ବିଚାର କ୍ଷମାପାଇଁ । ବଡ଼ ବଡ଼ିମା କଲି ମୁହିଁ ॥
ଧିକ ମୋହର ବୁଦ୍ଧି ବଳ । ଧିକ ମୋ ଜୀବନ ବିଫଳ ।
ଅପଣା ମନେ ମନେ ରୁଦ୍ର । ନିଜକୁ ମଣିଲେ ସେ କ୍ଷୁଦ୍ର ।
ପ୍ରକୃତି ନିକଟେ ମିଳିଲେ । ସାଷ୍ଟାଙ୍ଗେ ପ୍ରଣିପାତ କଲେ ॥
ନମ୍ର ହୋଇଲେ ଯୋଡ଼ି କର । ନାନାଦି ସ୍ତବ କଲେ ହର ।
ଅହଂକାରକୁ ଦେହୁଁ ତେଜି । ପ୍ରକୃତିଙ୍କି ସେ ହୃଦେ ଭଜି ॥
ନୟନ ଫେଡ଼ି ଦେଲେ ଗୃହୁଁ । ଦେଖିଲେ ଅଜ କିଛି ନାହିଁ ।
ପର୍ବତେ ପାର୍ବତୀ ଅଛନ୍ତି । ମହୀଙ୍କ ନଗେ ଚଳୁଛନ୍ତି ॥
ତାହା ଦେଖିଣ ତ୍ରିଲୋଚନ । ରହିଲେ ହୋଇଣ ମଉନ ।
କିଛି ନ କହି ପାର୍ବତୀଙ୍କି । ଗଲେ ଯେ ତାହାଙ୍କ ନିକଟ ।
ଦେଖିଣ ଉମା ପ୍ରେମ ହେଲେ । ପ୍ରେମେ ଶିବଙ୍କୁ କୋଳ କଲେ
ଏମନ୍ତ ପ୍ରକୃତି ମହିମା । ଭାଙ୍ଗିଲେ ଶିବଙ୍କ ଗାରିମା ।
ଗର୍ବ କଲରୁ ତ୍ରିଲୋଚନ । ତାହାଙ୍କ ଗର୍ବ କଲ ଚୂର୍ଣ୍ଣ ।

GPNanda Colln., Digitized by srujanika@gmail.com

ନିଜ ମାହାତ୍ମ୍ୟ ଦେଖାଇଲେ । ପୁଣି ପଡଲି ସେବା କଲେ ।
ତେଣୁ ପ୍ରକୃତିଦେବୀ ପଦେ । ଶରଣ ପଶ ଅପ୍ରମାଦେ ॥
ମନରେ ତାଙ୍କୁ ଭକ୍ତିକର । ଭବସାଗରୁ ହେବ ପାର ॥
ପ୍ରକୃତି ସର୍ବ ଧର୍ମ ମୂଳ । ସେବ ତାହାଙ୍କ ପଦତଳ ।୬୭।
ମାତାଙ୍କୁ ସେବିଣ ତା ପାଅ । ଚେତାରେ ବଇକୁଣ୍ଠ ଯାଅ ॥
ଅନାଦି ଅଲେଖ ଯେ ପିତା । ମହିମା ପ୍ରକୃତି ଯେ ମାତା ।
ଅଲେଖ ମହିମାକୁ ଭଜ । ପାପ ଯେ ହୋଇବ ଦହିଯ୍ୟ ।
ବୋଲଇ ଫକୀର ଅଧମ । ଧ୍ୟାଇ ଶ୍ରୀରାମ ଗୁରୁ ବ୍ରହ୍ମ ।

ଇତି ଶ୍ରୀ ଛପ୍ୱାଳଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ ସମ୍ବାଦେ ପ୍ରକୃତି ମହିମା ବର୍ଣ୍ଣନେ ଶିବ ଗର୍ବଭଞ୍ଜନେ ନାମ ଅଷ୍ଟାଦଶ ପଟଳ

ଊନବିଂଶ ପଟଳ

ଅଚ୍ୟୁତ ଉବାଚ ।

ଶ୍ରୀ ନିରାକାର ପଦାଗ୍ରତ । ପ୍ରଣମି ପୁଚ୍ଛଇ ଅଚ୍ୟୁତ ॥
ହେ ଅବିନାଶୀ ଦୟାମୟ । ଯନ୍ତ୍ରଙ୍କ ସାର କିଏ କହ ।
ବିରାଟ ଯନ୍ତ୍ରଠାରୁ ଅଭ । ବଡ଼ ଅଛି କ ମହାବାହୁ ।
ବୁଝାଇ ଦିଅ ତାହା ମୋତେ । ଆପଣ ସଦ୍‌ଗୁରୁ ସାକ୍ଷାତେ ।
ଏକ୍ତ ବଚନେ ଅଦିନାଥ । ବୋଲନ୍ତି ଶୁଣ ହେ ଅଚ୍ୟୁତ ॥
ସପ୍ତ ଭୁବନେ ସପ୍ତଦେବ । ଅଛନ୍ତି ବ୍ରହ୍ମା ବିଷ୍ଣୁ ଶିବ ।
ନିର୍ବୀଜ ସେହି ତିନି ମୂର୍ତ୍ତି । ସପ୍ତ ଭୁବନେ ବିହରନ୍ତି ।
ବିଧାତା କରନ୍ତି ସର୍ଜ୍ଜନ । ଶ୍ରୀବିଷ୍ଣୁ କରନ୍ତି ପାଳନ ॥
ଶିବ କରନ୍ତି ସଂହାରଣ । ସେ ତିନି ମୂର୍ତ୍ତି ଯେ ନିର୍ଗୁଣ ॥
ଓଁକାର ସ୍ୱରୂପୀ ନିର୍ବୀଜ । ବିରାଟ ରୂପୀ ବ୍ରହ୍ମ ତେଜ ॥
ଉପରେ ଅର୍ଦ୍ଧ ମାତ୍ରା ଅଛି । ଓଁକାର ଅଟେ ତାର ଗାଡ ॥

GPNanda Colln., Digitized by srujanika@gmail.com

ମାଙ୍କ ଉପରେ ଶୂନ୍ୟବ୍ରହ୍ମ । ମହା ଶୂନ୍ୟରେ ଯା ବିଶ୍ରାମ ॥
ମହା ବିରାଟ ରୂପ ସେହୁ । ତାଙ୍କର ଆଦିଅନ୍ତ ନାହିଁ ।
ସେ ମହାବିରାଟ ମହିମା । ଦେବ ଯେ ପାଉନାହାନ୍ତି ସୀମା ॥
ମହା ବିରାଟ ମହାତେଜ । ସମ ନୁହନ୍ତି କୋଟି ସୂର୍ଯ୍ୟ ।
ସମସ୍ତଙ୍କର ସେହୁ ପିତା । ଅଶେଷ ଭୁବନ କରତା ।
ସେ ଅବିନାଶି ଅପ୍ରାପତ । ଅନାମ ଅନାଦି ଅନନ୍ତ ।
ସେଠାରେ ଯନ୍ତ୍ର ମନ୍ତ୍ର ନାସ୍ତି । ଅରୂପାନନ୍ଦ ସେ ଅମୂର୍ତ୍ତି ।
ସେ ମହାବାହୁ ମହାବ୍ରହ୍ମ । ସମସ୍ତ ଭବଛନ୍ତି ଜନ୍ମ ।
ଭବ ଭଗିଛନ୍ତି ସବୁ । ସମସ୍ତଙ୍କର ସେହୁ ପ୍ରଭୁ ।୨୦।
ସେ ବ୍ରହ୍ମ ମୋ ପିତା ଅଟନ୍ତି । ପ୍ରସନ୍ନ ହୋଇ ମୋହପ୍ରତି ।
ମହା ବିରାଟ ମନ୍ତ୍ର ସବୁ । ବୁଝାଇ ଦେଲେ ଶୂନ୍ୟପ୍ରଭୁ ।
ତୋତେ ତା କହୁଅଛି ଶୁଣ । ମହାବିରାଟ ଯେ ନିର୍ଗୁଣ ॥
ଶୂନ୍ୟ ଶୂନ୍ୟ ଯେ ମହାଶୂନ୍ୟ । ସେ ତିନିଶୂନ୍ୟ ଅର୍ଥ ଶୁଣ ।
ପ୍ରଥମେ ଅଟେ ମୂଳ ଶୂନ୍ୟ । ସେ ନିରାକାରଙ୍କ ଭୁବନ ॥
ଅତିରିକ୍ତ ଶୂନ୍ୟ ଯାହା କହୁ । ଭୁବନ ମହାନିତ୍ୟ ସେହୁ ।
ମହିମା ଗୋସାଇଁ ଯେ କହି । ସେହୁ ଶୂନ୍ୟରେ ଛନ୍ତି ରହି ।
ଯେଉଁ ଅଟଇ ମହାଶୂନ୍ୟ । ସେ ଅଟେ ଅଲେଖ ଭୁବନ ।
ମହାବିରାଟ ଯେ ଅଲେଖ । ତାଙ୍କର ନାହିଁ ରୂପ ରେଖ ॥
ଖେଳିଲେ ଅଶେଷ ରୂପରେ । ପୂରି ଅଛନ୍ତି ଚରାଚରେ ॥
ଅଶେଷ ରୂପ ଜାତ କରି । ଲଗି ଅଙ୍ଗରେ ଛନ୍ତି ହରି ॥
ଯେ ଶୂନ୍ୟବ୍ରହ୍ମ ଅଣାକ୍ଷର । ତହୁଁ ରୁ ସର୍ବ କ୍ଷରାକ୍ଷର ।
ଶୁଣ ତୁ ତହିଁର ପ୍ରମାଣ । ମହା ମହିମା ମହାଶୂନ୍ୟ ।

ଶ୍ଳୋକ

ମହାଶୂନ୍ୟାତ୍ ଭାନ୍ତଂ ଚ ଜ୍ୟୋତ ଉର୍ଦ୍ଧ୍ୱେ ପ୍ରକାଶିତ ।
ଅଦ୍ୟ ଶକ୍ତ୍ୟାର୍ଦ୍ଧ ମାୟାଂ ଚ ଓଁକାର ରୂପେ ପୂରିତଂ ।

GPNanda Colln., Digitized by srujanika@gmail.com

ଗୀତ ।

ଅନ୍ଧକାର ଯେ ମହାଶୂନ୍ୟ । ଧଉଳ ଯେସନ୍ତେ ଧୂମ୍ରବର୍ଣ୍ଣ ।
ତହିଁରୁ ଜାତ ପ୍ରକାଶଇ । ଠୁଳ ରୂପଟି ଅଟେ ସେହି ॥
ତହିଁରୁ ଅର୍ଦ୍ଧମାତ୍ରା ହେଲା । ମାତ୍ରାରୁ ଓଁକାର ଜନ୍ମିଲା ।
ଓଁକାର ରୂପୀ ନିତ୍ୟଦେବ । ବ୍ରହ୍ମା ଶଙ୍କର ବାସୁଦେବ ॥
ନିର୍ଗୁଣ·ପୁରୁଷ ବୋଲନ୍ତି । ଏକେଶ୍ୱର ପ୍ରବେ ବଦରନ୍ତି ॥
ନିର୍ଗୁଣ ଶକ୍ତି ଅଦମୂଳ । ସକଳଠାରେ ତାଙ୍କ ଖେଳ ॥
ଅଣ ଅକ୍ଷରୁ ସେ ଜନମ । ସେ ଏକାକ୍ଷର ପୂର୍ଣ୍ଣବ୍ରହ୍ମ ।୪୭।
ଭେଦାଭେଦ ଯେ ତହିଁ ନାସ୍ତି । ଅରୂପ ସ୍ୱରୂପ ବୋଲନ୍ତି ।

ଶ୍ଲୋକ

ପ୍ରଣମାମି ଗୁରୋଃ ପାଦଂ ଭକ୍ତିଦା ମୁକ୍ତିଦାଃ ଗୁରୋଃ ।
ଯନ୍ନାମ ମୋକ୍ଷଦାତା ଚ ତସ୍ମୈ ଶ୍ରୀ ଗୁରବେ ନମଃ ॥
ଓଁକାର ରୂପୀ ଭଗବାନ ଧ୍ୟେୟଂ ନିଶ୍ଚଳ ମାନସେ ।
ଓଁକାରଂ ପରମବ୍ରହ୍ମଂ ଓଁକାରାତ୍ ସମ୍ଭବ ଜଗତ୍ ॥
ଓଁକାର ସର୍ବଭୂତେଷୁ ଓଁକାର ସର୍ବ ନାମକଂ ।
ଓଁକାରଂ ଏକାକ୍ଷର ହି ଅଣାକ୍ଷରଂ ଅବର୍ଣ୍ଣିତଂ ।

ଗୀତ

ଓଁକାର ଅଟେ ଏକାକ୍ଷର । ଯୁଗର ମୂର୍ତ୍ତି ସର୍ବସାର ।
ଷଡ଼ଗୃଳଣ ପଟଳରେ । ଭେଦ କହୁଛି ବିଶେଷରେ ॥
ଦ୍ୱିତୀୟ ଖଣ୍ଡରେ ପ୍ରକାଶ । ପଠନେ ବୁଝିବ ଅବଶ୍ୟ ।
ପ୍ରଶ୍ନାତ୍ମକର ଭେଦାଭେଦ । ଯାହା କି ପୂର୍ବେ କଲେ ସିଦ୍ଧ
ସେହି ବିଷୟମାନ ତହିଁ । ପୂର୍ଣ୍ଣ ରୂପରେ ଅଛି କହି ॥
ସନ୍ଥ ମହତଙ୍କର ବାକ୍ୟ । ଅବର ସ୍ୱପ୍ନପର୍ଣ୍ଣାଙ୍କ ॥
ଯୋଗମାୟା ବଖାଣ ଭେଦ । ସେ ସ୍ଥାନେ ହୋଇଛି ବିଷାଦ

GPNanda Colln., Digitized by srujanika@gmail.com

ଷୋଡଶୀ ଗାୟତ୍ରୀର ଛନ୍ଦ । ଶ୍ରବଣେ ହୋଇବ ଅନନ୍ଦ ।
ସନ୍ଧ୍ୟା ଜ୍ୟୋତି ଅବାଡ଼ ଯେତ । ଛତ୍ରିଶ ଭାବେ ଅଛି ପୂର୍ଣ୍ଣି ॥
ଷଡ଼ଚକ୍ର ବଖାଣ ଜାଣ । ତହିଁରେ ହୋଇଛି ବ୍ୟାଖ୍ୟାନ ।
ଶୂନ୍ୟଶୂନ୍ୟ ଚନ୍ଦ୍ର ସୂର୍ଯ୍ୟାଦ । ଦ୍ୱିତୀୟ ଖଣ୍ଡରେ ପ୍ରସିଦ୍ଧି ।
ଅବର ଭକତଙ୍କ ସ୍ଥାନ । ତହିଁରେ ହୋଇଛି ବର୍ଣ୍ଣନ ।
ଯେବେ ପାଠ କରିବୁ ବାବୁ । ସକଳ ସଂଶୟ ନାଶିବୁ ।
ପ୍ରଥମ ଖଣ୍ଡ ଅଟେ ଏହୁ । ଏଥିରେ ସେ ବିଷୟ ନାହିଁ ॥
ଏମନ୍ତେ ପ୍ରଭୁ ବାକ୍ୟ ଶୁଣି । ଅଚ୍ୟୁତ ଯୋଡି ବେନିପାଣି ॥
କେ ଗୁରୁ ବୁଝିଲୁ ସମସ୍ତ । ଓଁକାର ରୂପୀ ବ୍ରହ୍ମତତ୍ତ୍ୱ ॥
ମହାବିରାଟ ଯନ୍ତ୍ର ଭେଦ । ପ୍ରକାଶ କର ଅଡ଼କନ ।

ଶ୍ରୀ ନିରାକାର ଉବାଚ ।

ପୁଣି ବୋଲନ୍ତି ନିରାକାର । ବୁଝ ଅଚ୍ୟୁତ ଯନ୍ତ୍ର ସାର ।
ଅଦ୍ୟରେ ଲେଖ ମହାବିନ୍ଦୁ । ତାପରେ ବେଢ଼ାଅ ପୂର୍ଣ୍ଣେନ୍ଦୁ ।
ତାପରେ ମଣ୍ଡଳ ଅକାର । ଯାହା ଉପରେ ଏକାକାର ॥
ସେ ମହାବିନ୍ଦୁ ଯେ ଅଲେଖ । ପୂର୍ଣ୍ଣେନ୍ଦୁ ମହିମାକୁ ଦେଖ ॥
ମଣ୍ଡଳାକାର ଯେ ଅଟଇ । ଠୁଳ ବ୍ରହ୍ମ ମୂରତି ସେହି ।
ଯୁଗଳ ମୂର୍ତ୍ତିଟି ପ୍ରମାଣ । ସେହିଟି ନିର୍ବୀଜ ନିର୍ଗୁଣ ।
ତା ଚଉପାଶେ ସଖୀବୃନ୍ଦେ । ସେବାରେ ଅଛନ୍ତି ଅନନ୍ଦେ ॥
ଜ୍ୟୋତିସ୍ୱରୂପେ ହୋଇ ମେଳ । କରନ୍ତି ମହାନୃତ୍ୟ ଖେଳ ।
ମହାବିରାଟ ମହାବ୍ରହ୍ମ । ସମସ୍ତ କରନ୍ତି ଜନମ ।
ମୁଖରୁ ଝରିଲା ଓଁକାର । ତେଣୁ ବୋଲନ୍ତି ଏକାକ୍ଷର ।
ସର୍ବ ଭୂତରେ ଛନ୍ତି ପୂରି । ଏତେକେ ଈଶ ଭୁବନ ବିହାରୀ ।
ମହାବିରାଟେ ବେଢ଼ିଛନ୍ତି । ବିରାଟ ପ୍ରଣବ ମୂରତି ।୭୦।
ଶୁଣ ଅଚ୍ୟୁତ ସାବଧାନ । ମହାବିରାଟ ମହାତତ୍ତ୍ୱ ।

GPNanda Colln., Digitized by srujanika@gmail.com

ମହା ବିରାଟ ଯନ୍ତ୍ର



ଶ୍ଳୋକ ...

ରାଧା ଚନ୍ଦ୍ରାବଳୀ ବୃନ୍ଦା କେତକୀ ମାଳତୀ ଶଶି ।
ଅଦମାତା ଦୁର୍ଗାଦେବୀ ଅଷ୍ଟକୋଣେ ଅଷ୍ଟକଶୋଭି ।

ମହନ୍ତମାନେ ଯା ଜାଣନ୍ତି । ମାୟା ମୋହରୁ ତରଯାନ୍ତି ॥
ଏ ଭବାର୍ଣ୍ଣବେ ଅଟେ ନାବ । ମହାବିରାଟ ହୃଦେ ଭାବ ।
ସେ ସନ୍ଥ ମହନ୍ତଙ୍କ ପଥ । ଦେଖିଣ ଶ୍ରଦ୍ଧା ହେବ ଶତ ॥
ଭାବିଲି ଭବତାରି ପାଦ । ତହୁଁ ସ୍ଫୁରଣ ହେଲା ପଦ ।
ଲାଗିନେ ବଳିଲା ମୋ ଅଣ । ସୁଜନେ ନ ଧେନାବ ଦୋଷ

GPNanda Colln., Digitized by srujanika@gmail.com

ଢହଲ ଫକୀର ଅଧମ । ଈଶ୍ୱର ଗୁରୁ ଶୂନ୍ୟ ବ୍ରହ୍ମ ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ମହାବିସ୍ଥ ଯନ୍ତ୍ରଭେଦ ବର୍ଣ୍ଣନ କଥନେ
ନାମ ଊନବିଂଶ ପଟଳ ।

ବଂଶ ପଟଳ

ଅଚ୍ୟୁତାନନ୍ଦ ଶ୍ରୀଗୁରୁ ଚରଣକୁ ଧରି ।
ପୁଚ୍ଛିଲେ ବ୍ରହ୍ମ ଭକତ କହିବ ବିସ୍ତାରି । ୧ ।
ନିରାକାର ବୋଲନ୍ତି ଶୁଣ ବାବୁ ତୁହି ।
ବ୍ରହ୍ମ ଭକ୍ତ ଚରିତ ଯେ ପବନ୍ଧ ଅଟଇ । ୨ ।
ସତ ଶାନ୍ତି ଦୟା କ୍ଷମା ହୃଦରେ ବହିବୁ ।
ବାକ୍ୟ ଶୁଣି କାହା ପ୍ରତି କୋପିତ ନୋହିବୁ । ୩ ।
ଯେଉଁ ବ୍ୟକ୍ତି ପୃଥ୍ୱୀ ପ୍ରାୟେ ସହିଣ ପାରଇ ।
ମାୟା ମୋହ ଜିଣି କନ୍ଦ୍ରୁ ଦାନ ଯେ ବର୍ଜଇ ।୪।
ଧୀର ସମୀରକୁ ଯେହୁ ଧରଣ ପାରଇ ।
କ୍ରୋଧ ରାଗ ଦମ୍ଭଗୁଣେ ଜ୍ଞାନ ନାଶ ଯାଇ ।୫।
ସମତା ଦୃଷ୍ଟି ତୁ ବାବୁ କରିପାରୁ ଯେବେ ।
ଅନାମିକା ବ୍ରହ୍ମ ତୋର ଅଙ୍ଗରେ ଖେଳିବେ ।୬।
ଜଳପ୍ରାୟେ ଅବାରଣ କଲେ ତୋର ମନ ।
ତେବେ ପ୍ରାପ୍ତ ହେବେ ବ୍ରହ୍ମ ହୋଇଣ ପ୍ରସନ୍ନ ।୭।
ବସୁମତୀ ପରେ କେତେ ଉପଦର୍ପ ହୁଏ ।
ଧୈର୍ଯ୍ୟ ଧରି ବସୁମତୀ ସମ୍ଭାଳିଣ ଥାଏ । ୮ ।
ସେହିପରି ଧୈର୍ଯ୍ୟ ଧରି ସହିପାରୁ ଯେବେ ।
ଅନାମ ବ୍ରହ୍ମ ପ୍ରାପତ ହୋଇପାରେ ତେବେ ।୯।

GPNanda Colln., Digitized by srujanika@gmail.com

ଏ ବ୍ରହ୍ମାଣ୍ଡେ ଜଳ ଯେବେ କରଇ ବର୍ଷଣ ।
ସମସ୍ତ ସ୍ଥାନେ ପଡ଼ଇ ହୋଇଣ ସମାନ ।୧୦।
ଜଳସମ ଧର୍ମ ଯେବେ କରିପାର ବାବୁ ।
ଅଣରୂପ ପୂର୍ଣ୍ଣବ୍ରହ୍ମ ଭକ୍ତ ବୋଲାଇବୁ ।୧୧।

ରବି ଶଶୀ ଉଦେ ହୋଇଥାନ୍ତି ପ୍ରତିଦିନ ।
ଅମୃତ ଦୃଷ୍ଟିରେ ପଡ଼େ ତାହାଙ୍କ କିରଣ ।୧୨।
ତେଜ ପଣ୍ଡିଲ ମାନଙ୍କେ ନିର୍ଭିକ ବୋଲନ୍ତି ।
ସର୍ବସମ ଚନ୍ଦ୍ର ସୂର୍ଯ୍ୟ ନିର୍ବିକାର ମୂର୍ତ୍ତି ।୧୩।

ଯେଣୁ ଅଲେଖ ଆଜ୍ଞା ସେ କରନ୍ତି ପାଳନ ।
ତେଣୁ ପଞ୍ଚ ଦୋଷ କୃତ ହେଉଛନ୍ତି ଖଣ୍ଡନ ।୧୪।
ରବି ଶଶୀ ପ୍ରାୟେ ଧର୍ମ କରିପାର ଯେବେ ।
ଅଲେଖ ବ୍ରହ୍ମଙ୍କ ଭକ୍ତ ହୋଇପାର ତେବେ ।୧୫।

ଯେତେ ପବନ ପରାୟେ ଦୀକ୍ଷା କରିପାର ।
ତରିଯିବ ମାୟା ମୋହ ଦୁସ୍ତର ସଂସାର ।୧୬।
ନବଦ୍ୱୀପ ଧରଣୀରେ ବହୁଛି ପବନ ।
ଅନ୍ତର ନ କରଇ ସେ ହୋଇଣ ସମାନ ।୧୭।

ଅମିଷ ବିଷ୍ଟାର ଯେଉଁ ଗନ୍ଧ ପ୍ରକଟଇ ।
ଏକାକାର ଭାବେ ବାୟୁ ବଳେ ସେ ଭ୍ରମଇ ।୧୮।
ସାମାନ୍ୟ ଧର୍ମରେ ତାଙ୍କୁ ଦୋଷ ନ ଲାଗଇ ।
ଯେଣୁ ଧ୍ୟାନ କରୁଥାନ୍ତି ଶୂନ୍ୟବ୍ରହ୍ମ ସେହୁ ।୧୯।

ପବନ ପ୍ରାୟେକ ଦୀକ୍ଷା ଧରିଥାଅ ବାବୁ ।
ଭଲ ମନ୍ଦ ଜୀବଙ୍କୁ ଭିନ୍ନ ନ ଭାବିବୁ ।୨୦।
ବାୟୁ ଧର୍ମରେ ଚଳିଲେ କଷ୍ଟ ନ ଲାଗଇ ।
ଧରିଥାଅ ଦୃଢ଼ପଣେ ବହୁଛି ହୁଙ୍କାର ।୨୧।

GPNanda Colln., Digitized by srujanika@gmail.com

ସକଳ ସମାନ କର ହୁଅ ନିର୍ବିକାର ।
ଗୁରୁଯୁଗେ ଅଶ୍ରୁ ତୋ ହେବେ ନିସ୍ତାର ।୨୨।

ବୈଶ୍ୱାନର ପ୍ରାୟେ ଦଗ୍ଧ କରସିବେ ବାରୁ ।
ଅପ୍ରତେ ନ କର ମନେ ବୁଝାଇଣ ଦେବୁଁ ।୨୩।

କାଷ୍ଠମଧ୍ୟେ ହୁତାଶନ ଯେସନେ ଜଳଇ ।
ଭଲ ମନ୍ଦ ଏକ ଭାବ ସକଳ ଭକ୍ଷଇ ।୨୪।

ନର ପଶୁ ତରୁ ତୃଣ କୀଟ ସେ ପତଙ୍ଗ ।
ଖାଦ୍ୟ ଅଖାଦ୍ୟ ଅମେଧ୍ୟ ଭକ୍ଷେ ସର୍ବ ଅଙ୍ଗ ।୨୫।

ସ୍ୱାହା ପତି ପ୍ରାୟେ ଦୀକ୍ଷା କରିପାରୁ ଯେବେ ।
ଧର୍ମାଧର୍ମ ଭେଦାଭେଦ ପାଇବୁ ତୁ ତେବେ ।୨୬।

ଅଗ୍ନିର ବଗ୍ରରେ ମହାବ୍ରହ୍ମଙ୍କୁ ନ ପାଇ ।
ବର୍ଣ୍ଣ ଭେଦ କରିବା ଯେ ଅଧର୍ମ ଅଟଇ ।୨୭।

କାମ କ୍ରୋଧ ଲୋଭ ମୋହ ଅଟନ୍ତି ଯେତୁ ।
ସେମାନଙ୍କୁ ପୂର୍ଣ୍ଣବ୍ରହ୍ମ ପ୍ରାପ୍ତ ହେବ କାହୁଁ ।୨୮।

ଦେଖା ଶୁଣା କୁହା ବୋଲି ପ୍ରକୃତ ବିକାର ।
ପଢ଼ିବା ଶୁଣିବା ଅର୍ଥ ଅଟଇ ବେଦର ।୨୯।

ଦୃଢ଼ମନେ ନାମ ବ୍ରହ୍ମେ ଲୟ ରଖି ବାରୁ ।
ସମସ୍ତ ଜୀବଙ୍କୁ ସମଭାବରେ ମଣିବୁ ।୩୦।

ମହମାକୁ ହେଳ ତେଜ କାମ କ୍ରୋଧ ତୁହୁ ।
ଗୁରୁ ଚରଣ ଧ୍ୟାଇଲେ ଜ୍ଞାନ ଉଦେ ହୋଇ ।୩୧।

ବଡ଼ ପ୍ରଭୁ ଅଶ୍ରୟରେ ହୁଏ ସଦବୃଦ୍ଧି ।
ସୁଦୟା କରିଲେ ବ୍ରହ୍ମ ହୁଏ ସର୍ବ ସିଦ୍ଧି ।୩୨।

ରୂପରେ ଥାଇ ଅରୂପେ ରଖିଥାଅ ଲୟ ।
କଳ୍ପଣା ଅବସ୍ଥାମାନ ଯିବ ତୋର କ୍ଷୟ ।୩୩।

GPNanda Colln., Digitized by srujanika@gmail.com

ବେଦରେ ଥାଇଣ ଧ୍ୟାନ ରଖ ନିର୍ବେଦରେ ।
ରୂପ ଛାଡ଼ିଲେ ଲୀନ ହେବୁ ଅରୂପରେ ।୩୪।
ଏହୁ ଦେହୁ ଅଦେହକୁ କର ବାବୁ ଅଣ ।
ତେବେ ତୁ କରବୁ ଯାଇଁ ନିଶବଦେ ବାସ ।୩୫।

ଘଟଥିଲେ ପ୍ରାପ୍ତ ହୁଏ ସବୁ ଜ୍ଞାନ ଧ୍ୟାନ ।
ଘଟ ତେଜିଲେ ପାଇବୁ ଅଭ୍ର ବାହ୍ମ ଜ୍ଞାନ ।୩୬।
ଅନୁଭବେ ମନ ଥିଲେ ହୁଏ ବ୍ରହ୍ମ ପ୍ରାପ୍ତ ।
ଅଣ ହେତୁ ହେଲେ ବ୍ରହ୍ମ ନୁହଇ ପ୍ରାପତ ।୩୭।

ଶବ୍ଦ ଘଟରେ ଥାଇ ନିଃଶବ୍ଦକୁ ଲକ୍ଷ୍ୟ ଯାଉ ।
ଯୋନୀ ଜନ୍ମ ଭୟ ଆଉ ନୁହଇ ତାହାର ।୩୮।
ଉତର ପଥର ପ୍ରାପ୍ତେ ସବୁ ସହୁଥାଇ ।
ଅଣରୂପ ବ୍ରହ୍ମଙ୍କର ତାକୁ ଦୟା ହୋଇ ।୩୯।

ସମର୍ଥ ପଣ ଅଟଇ ସହିବା ଲୋକଟି ।
କହିବା ଲୋକଟି ଜାଣ ଅଟେ ଦୁର୍ଜନଟି ।୪୦।
ଅଳ୍ପ ବୁଦ୍ଧି ଲୋକ କେବେ ବ୍ରହ୍ମଙ୍କୁ ନ ପାଇ ।
ସତ୍ୟ ଧର୍ମକୁ ସେ ପୁଣି ସାମାନ୍ୟ ମଣଇ ।୪୧।

ପର କହିବାର କଥା ମନରେ ନ ଧର ।
ପରବୁଦ୍ଧି ଷ୍ଟାନ ନିଜ ବୁଦ୍ଧି ଯେ ଠାକୁର ।୦୨।
ବଷୟାରେ ବନ୍ଧିଥିଲେ ବ୍ରହ୍ମ ନ ମିଳଇ ।
ପୁଣି ଯୋନି ଜନ୍ମ ହୋଇ ସଂସାରେ ଖେଳଇ ।୦୩।

ଶୁଣିଲୁ କହେ ଅଚ୍ୟୁତ ଭକ୍ତର ବିଗ୍ରହ ।
ପାରୁ ଯେବେ ଏ ଉପାୟେ ସଂସାରୁ ନିସ୍ତର ।୪୦।
ନିଜ ବଡ଼ ଦେଉଳରେ ଦେବତାଙ୍କୁ ଚିହ୍ନ ।
ଚିହ୍ନିଲେ ପ୍ରାପତ ହେବ ବ୍ରହ୍ମସନାତନ ।୦୫।

GPNanda Colln., Digitized by srujanika@gmail.com

ସେ ପୂର୍ଣ୍ଣ ବ୍ରହ୍ମଙ୍କୁ ହୃଦେ କରଣ ସ୍ମରଣ ।
ବୋଲଇ ଫକୀର ଦୀନ ଅଜନ୍ତୁ ଶରଣ ।
ଇତି ଶ୍ରୀ ଛସ୍ୱାଲଣ ପଟଳ ମହାଗ୍ରନ୍ଥେ ନିର୍ବିକାର ଅଚ୍ୟୁତ
ସମ୍ବାଦେ ବ୍ରହ୍ମସବ ତତ୍ତ୍ୱ ବିଷୟ ବର୍ଣ୍ଣନେ
ନାମ ବିଂଶ ପଟଳ ।

ଏକବିଂଶ ପଟଳ ।

ଅଚ୍ୟୁତ ବିନୟ ଭାବରେ । ପଡ଼ିଣ ଗୁରୁଙ୍କ ପଦରେ ॥
ବୋଲଇ ଅହେ ନାରାୟଣ । ମୁଁ ତବ ଚରଣେ ଶରଣ ।
କାରଣ କର ପଦ୍ମନାଭ । ମୁଁ ଯାହା ପୁଛଇ କହିବ ॥
ବଡ଼ ଦେଉଳ ଯେ ଅଟଇ । ତାହାକୁ ନୀଳଚକ୍ର କହି ।
ସେଠାରେ ଥାନ୍ତି ଡନମୂର୍ତ୍ତି । ଯେ କେଉଁସ୍ଥାନେ ଦାଶରଥି ।
ଅଠରନଳା ଯେ ହୋଇଲା । ବଡ଼ଦାଣ୍ଡ ଯେ ବୋଲାଇଲା ।
ଦ୍ୱାବିଂଶ ପାବଛ ଯେ ହୁଏ । ଜଗମୋହନ ଘର କିଏ ॥
ତାହାକୁ ସିଂହାସନ କହୁ । ନଗ୍ରଷଇ ଶାଳ ଯେ ଅଟଇ ।
ଯେ ଅଟେ ମଣୋହର ସ୍ଥାନ । ଚନ୍ଦନ ଅର୍ଗଳ ଯେ ପୂର୍ଣ୍ଣ ॥
ସିଂହ ଦୁଆର ଯେ ଅଟଇ । ତାହାକୁ ନନ୍ଦଘୋଷ କହି ॥
ଷୋଳ ଚକଟି ଯେ ବୋଲାଏ । ତୁଳସୀ ଚଉରାଟି କିଏ ॥
ଗୁରୁଦେବଙ୍କ ସ୍ଥାନ କିଏ । ଗୁଡ଼ବାଟ ଯେ ଯେ ବୋଲାଏ
ଗୁରୁମଠ ଯେ ଯେ ଅଟନ୍ତି । ସ୍ୱର୍ଗ ସେ ତାହାକୁ ବୋଲନ୍ତି
ମଣ୍ଡୀ ଯେ କିଏ ବୋଲାଇଲା । ପାତାଳ କିଏ ସେ ହୋଇଲା ॥
କିଏ ଅଟଇ ଯାଜପୁର । ଯେ ଅଟେ ବ୍ରହ୍ମାଙ୍କ ନଗର ।
ଯେ ଅଟେ କପିଳାସ ସ୍ଥାନ । ଯେ ଅଟେ ବୈକୁଣ୍ଠ ଭୁବନ
କଳାସ୍ୱଏଠ ଯେ ହୋଇଲା । ଯେ ଗୋଲହାଟ ବୋଲାଇଲା ।

GPNanda Colln., Digitized by srujanika@gmail.com

ଭାଉଁରି ପାଟଣା ଦେ ହୋଇ । ଯାଉ ବାରଙ୍କ ସ୍ଥାନ ଭାଳୁଁ ॥
ପୂର୍ବ ପଶ୍ଚିମ ଦିଗ କଏ । ଉତ୍ତର ଦକ୍ଷିଣ ଦେ ହୁଏ ॥
ଚନ୍ଦ୍ର ସୂର୍ଯ୍ୟ ଯେ କାହିଁ ଥାନ୍ତି । ଗ୍ରହ ମେଘ ଯେ କେ ବୋଲନ୍ତି
ଗଙ୍ଗା ଯମୁନା ନଦୀ କଏ । ତ୍ରିବେଣୀ ଝର ଦେ ବୋଲଏ
ଦିବସ ରାତ୍ର ଦେ ବୋଲଇ । ପ୍ରକାଶ କରି ସ୍ୱରଗ୍ରାହ୍ୟ ।
ଅଚ୍ୟୁତ ବାକ୍ୟ ନିରାକାର । ବୋଲନ୍ତି ଶୁଣ ଭକ୍ତସାର ॥
ବଡ଼ ଦେଉଳ କଥା ଶୁଣ । ତୋହର କାୟାଟି ପ୍ରମାଣ ।
ଏ ତୋର ଶରୀର ଅଚ୍ୟୁତ । ଅଟଇ ନନ୍ଦିଘୋଷ ରଥ ॥
ରଥର ଚକ ଯେ ବୋଲଇ । ଶୁଣ ଅଚ୍ୟୁତ ମନ ଦେଇ ॥
ଅଣ୍ଟୁ ରୁ କଟିଯାଏ ପୁଣ । ଏ ତିନି ଚକଟି ପ୍ରମାଣ ।
ନାଭି ହୃଦୟ କଣ୍ଠ ଘେନ । ଏ ପୁଣି ହୋଇଲା ଯେ ତିନ ।
କର କହୁଣୀ ଖୁଆଯାଏ । ତିନି ହସ୍ତରେ ଯାହା ହୁଏ ॥
ମିଶନ୍ତେ ହୋଇଲା ଦ୍ୱାଦଶ । କର ଅଙ୍ଗୁଳି ଦେନି ପାଶ ।
ହୋଇଲା ଚତୁର୍ଦ୍ଦଶ ପୂର୍ଣ୍ଣ । ଲଲାଟ ଚକା ହାତ ଦେନି ॥
ମିଶନ୍ତେ ହେଲା ଷୋଡ଼ଶ । ଚକ ନିର୍ଣ୍ଣୟ ହେଲା ଶେଷ ।
ମିଳାଅ ପିଣ୍ଡ ଯେ ବ୍ରହ୍ମାଣ୍ଡ । ମୁଖ ଯେ ଅଟେ ବଡ଼ ଦାଣ୍ଡ ।
ଗଣ୍ଠି ତଳରେ ସ୍ଥାନ ଯେତୁ । ବାଇଶି ପାବଚ୍ଛଟି ସେତୁ ।
ତା ତଳେ ତୁଳସୀ ଚଉରା । ଅଠର ନଳା ତୋର ଗଳା ॥
ଗୁହ୍ୟଟି ଯାଜପୁର ଜାଣ । ନାଭି ଯେ ବ୍ରହ୍ମାଙ୍କ ଭୁବନ ॥
ହୃଦ ଯେ ବିଷ୍ଣୁଙ୍କ ବୈକୁଣ୍ଠ । କପିଳାସ ଯେ ଅଟେ କଣ୍ଠ ।
ନିତ୍ୟ ବୈକୁଣ୍ଠ ମୁଖ କହୁ । ତାଳୁକା ସ୍ୱର୍ଗଦ୍ୱାର ହୋଇ ।
ଲଲାପଟ ଯେ ମେଘ ବାନା । କପାଳ ଭାଉଁରି ପାଟଣା ।
କପାଳ ପରେ ଯେଉଁ ସ୍ଥାନ । ଗୋଲହାଟଟି ସେ ପ୍ରମାଣ ।
ନାସିକା ବେନି ପୁଡ଼ା ଯହିଁ । ବେନି ଅଲଟ ପଡ଼େ ତହିଁ ॥
ଯନ୍ତ୍ର ଅକ୍ଷର ଯନ୍ତ୍ର ମୂର୍ତ୍ତି । ତୋ ବେନି ନୟନେ ଅଛନ୍ତି

GPNanda Colln., Digitized by srujanika@gmail.com

ଗରୁଡ ସ୍ତମ୍ଭ ଅଟେ ମନ । ନାସିକା ମନୋହର ସ୍ଥାନ ।
ଭାନୁଜା ପୂର୍ବଦଗ ଜାଣ । ନସିକା ପଶ୍ଚିମ ପ୍ରମାଣ ।
ଉତ୍ତର ଦଗ ବାମ କର୍ଣ୍ଣ । ଡାହାଣ ଶ୍ରବଣ ଦକ୍ଷିଣ ॥
ବେନି ନୟନ ଯେ ବୈକୁଣ୍ଠ । ଏମନ୍ତ ହେଲା ଗୃହମଠ ।
ଅବର୍ତ୍ତ ମେଘ ଭାନୁ ହେଲା । ସମ୍ବର୍ତ୍ତି ଚନ୍ଦ୍ର ବୋଲାଇଲା ।
ପୁଷ୍କର ମେଘ ନାସା ଜାଣ । ଦ୍ରୋଣ ମେଘ ଯେତେ ବଦନ
ଭାନୁଜ ଅଟେ କଳ୍ପବଟ । ନେତ୍ର ଯେ ବାଞ୍ଛାବଟ ଶ୍ରେଷ୍ଠ
ଦେବ ନାଶନ ବଟ ନାସା । ମୁଖ ତୋ ବଂଶୀବଟ ବସା ।
ସାତ ବାରଙ୍କ ସ୍ଥାନମାନ । ଶୁଣ ଅଚ୍ୟୁତ ଦେଇ ମନ ॥
ଡାହାଣ ନାସା ରବିବାର । ସୋମ ଯେ ବାମ ନାସା ତୋର
ଡାହାଣ ନେତ୍ର ତୋ ମଙ୍ଗଳ । ବାମ ନୟନ ବୁଧବାର ।
ଶୁକ୍ରବାର ଯେ ବାମ କର୍ଣ୍ଣ । ଶନିବାର ତୋ ଦକ୍ଷକର୍ଣ୍ଣ ।
ଜିହ୍ବାକୁ ଗୁରୁବାର କହ । ଏମନ୍ତେ ସାତବାର ହୋଇ ।
ଗଙ୍ଗା ଯମୁନା ଯେ ତ୍ରିବେଣୀ । ତା ମର୍ମ ବାବୁ ଥାଅ ଶୁଣି ॥
ଯମୁନା ବାମ ନାସା ବାତ । ଦକ୍ଷିଣ ପୁଡ଼ା ଗଙ୍ଗାମାତ ।
ମଧ୍ୟେ ତ୍ରିବେଣୀ ସରସ୍ୱତୀ । ସୁମନେ ଶୁଣ ହୋ ଅଚ୍ୟୁତ ।
ଋକବେଦ ଯେ ତୋ ବଦନ । ନାସିକା ସାମବେଦ ଜାଣ ॥
ଯଜୁର୍ବେଦ ଯେ ତୋ ନୟନ । ଅଥର୍ବ ବେଦ ଅଟେ କର୍ଣ୍ଣ ।୨୦
ଶିଶୁବେଦ ଯେ ଶୂନ୍ୟ ରହୁ । ପଞ୍ଚମ ବେଦ ଯେ ବୋଲଇ ।
ବ୍ରହ୍ମାଣ୍ଡେ ଯାହା ପିଣ୍ଡେ ତାହା । ଚିହ୍ନିଲେ ଜାଣିପାରୁ ଏହା ॥
ବୋଲଇ ଫକୀର ଅଧମ । ଉଦ୍ଧର ଗୁରୁ ଶୂନ୍ୟବ୍ରହ୍ମ ।୨୩।

ଇତି ଶ୍ରୀ ଛତ୍ରିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ ସମ୍ବାଦେ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱଭେଦ ନିର୍ଣ୍ଣୟ କଥନେ ନାମ ଏକବିଂଶ ପଟଳ ।

GPNanda Colln., Digitized by srujanika@gmail.com

ଦ୍ୱାବିଂଶ ପଟଳ ।

କହନ୍ତି ପ୍ରଭୁ ନିରାକାର । ଶୁଣ ଅଚ୍ୟୁତ ଜ୍ଞାନସାର ।
ବ୍ରହ୍ମ ଜ୍ଞାନର ଯେଉଁ ପଥ । କହୁଛି ଆରାଧନା ସୂତ୍ର ।
ଜୀବକୁ ପରମେ ମିଶାଅ । ରାହା ଦବସେ ଖେଳୁଥାଅ ।
ଅବୋଧ ବୈକୁଣ୍ଠର ସ୍ଥାନ । ଅଲେଖ ବ୍ରହ୍ମକୁ ଯେ ଚିହ୍ନ ।
ବୈକୁଣ୍ଠ ଦ୍ୱାର ଗଲେ ଫିଟି । ଶୂନ୍ୟ ପୁରକୁ ଯିବୁ ଉଠି ।
ଓଁ କାର ଗର୍ଜନକୁ ଧର । ଅମନେ ଅନୁଭବ କର ।
ସ୍ଥିର ଯେ କରଥିବୁ ଦୃଷ୍ଟି । ଅମନ ସୂନେ ଦେବୁ ଗଣ୍ଠି ॥
ଅଣ ଅକ୍ଷରେ ତୋଳିଥିବୁ । ଏକା ଅକ୍ଷରେ ଫେରାଇବୁ ।
ଅଲେଖ ଏକାକ୍ଷର ପ୍ରଭୁ । ଚିହ୍ନିଣ ଦର୍ଶନ କରିବୁ ।
ତାକୁତା ସଳଖେ ଉଦ୍ଧ୍ୱ । ପ୍ରଭୁ ଅନନ୍ତ ବ୍ରହ୍ମମୟ ॥
ସେ ଦୟାମୟଙ୍କୁ ଯେ ଜାଣେ । ଏ ତତ୍ତ୍ୱପୁରକୁ ସେ ଜାଣେ ॥
ଯୋଗ ନ କର ଜୀବ ଦ୍ୱାରେ । ଜାଣିଣ ଗଠ ନାବିନ୍ତରେ ॥
ଯୋଗୀ ପୁରୁଷ ନିଜ ଘଟେ । ଚିହ୍ନ ତୁ ଅନୁଭବ ବାଟେ ॥
ଜୀବର ଗତ ଅନୁଭବ । ଭାବିଲେ ଭକ୍ତ ବୋଲାଇବ ।
ରୂପ ଅରୂପ ସେ ନୁହନ୍ତି । ସ୍ୱର୍ଣ୍ଣ ଅଙ୍ଗରେ ବିହରନ୍ତି ।
ସେ ଅଣାକାର ବ୍ରହ୍ମଜ୍ୟୋତି । ଅବର୍ଣ୍ଣ ଅଚିହ୍ନ ମୂରତି ॥
ସାଧୁଲେ ପିଣ୍ଡରେ ପ୍ରକଟ । ଅଣ ସାଧନେ ପାଇ ଭେଟ ॥
ଏଥିଲୁ ତୁ ଶୁଣ ସିଦ୍ଧପଥ । ଯାହାର ନାହିଁ ଆଦିଅନ୍ତ ।
ଏକା କାରଣେ ଯେହୁ ଥାଇ । ସ୍ୱମତା ସମସ୍ତେ ଦେଖାଇ ।
ଇନ୍ଦ୍ରିୟ ଯେବା କରେ ଜୟ । ତାହାର ସବୁ ହୁଏ ଜୟ ।
ମୂଳ କମଳ ଗୁମ୍ଫି ଧୀରେ । ରହଇ ଅମନ ସୂତ୍ରରେ ॥
ବନ୍ଧୁକୁ ବନ୍ଧରେ ଅଟକେ । ହୃଦ କମଳ କଣ୍ଠତଟେ ॥
ବସିଣ ପଦ୍ମ ଆସନରେ । ଭଜନ ଲକ୍ଷ ଲକ୍ଷ କରେ ॥

GPNanda Colln., Digitized by srujanika@gmail.com

ଏ ମନ ନିବେଶି ଅମନେ । ରହୁଣ ଥାଇ ଶୂନ୍ୟଧ୍ୟାନେ ॥
ଧୀର ସମୀରେ ବାନ୍ଧ ବନ୍ଧ । ଧରଣି ଥାଇ ଯେ ନିର୍ବେଦ ।
ଅଟଳେ ବିନ୍ଦୁ ରହୁଥିବ । ନିଜ ବଂଶରେ ଯେ ହୁଅଇ ।
ସମସ୍ତ ମାୟାକୁ ଜିଣିବ । ସେ ବ୍ରହ୍ମ ପଦରେ ହୁଅଇ ॥
ମାୟାଦେବୀଙ୍କ ଦୟା ହେଲେ । ସିଦ୍ଧି ପ୍ରାପତ ହୁଏ ଭଲେ ॥
କହିଲି ତୋତେ ଏହୁ ଭେଦ । ଏମନ୍ତ ଭାର୍ଗେ ହୋନ୍ତି ସିଦ୍ଧ ॥
ଯେ ବନ୍ଧ ବାନ୍ଧେ ବିନ୍ଦୁ ଠାଣି । ସିଦ୍ଧଙ୍କ ମଧ୍ୟେ ତାକୁ ଗଣି ।।
ମାତା ପଦରେ ସିଦ୍ଧ ହୋଇ । ମାୟା ଭଣ୍ଡାର ସମ୍ପାଦଇ ।
ମାୟାରେ ପଡ଼ି ଭୋଳ ହୋଇ । ବିଅର୍ଥେ ଯେ ବିନ୍ଦୁ ନାଶଇ ॥
ହତ୍ୟାରେ ଭାବେଣୀଟି ସେହି । ତା ଅଙ୍ଗ ପବିତ୍ର ନୁହଇ ॥
ବ୍ରହ୍ମକୁ ନାଶକଲ ଯହୁଁ । ଲଭଇ ବ୍ରହ୍ମହତ୍ୟା ସେହୁ ।
ଯେ ବାକ୍ୟ ସାଧି ସିଦ୍ଧି କରେ । ସେ କେବେ ମାୟାରୁ ନ ଡରେ
ପ୍ରଭୁଙ୍କୁ ପାଇବ ସେ ଭାହୁଁ । ହସି କହନ୍ତି ମହାବାହୁ ॥
ଯା ମନ ଅସ୍ତ୍ରେ ନ ରହଇ । ମାତା ପଦରେ ସିଦ୍ଧ ସେହି ।
ଜୀବକୁ ପରମେ ମିଶାଇ । ଜ.ଗିବ କେମନ୍ତ ରୂପ ଗୁହିଁ ।
ତ୍ରିକୂଟେ ଥିବ ଊର୍ଦ୍ଧ୍ୱ ଦୃଷ୍ଟି । ମାତାଙ୍କ ପାଶେ ଯିବ ଉଠି ।
ପିତା ଅଙ୍ଗରେ ମିଶିଯାଇ । ଉଲଟ ପାଲଟ ଫେରଇ ।।
ନାମ ଭେଦଟି ଠୂଳ ଶୂନ୍ୟ । ଶିଶୁ ବେଦଟି ଏହୁ ଶଙ୍ଖ ॥
ତହୁଁ ଊର୍ଦ୍ଧ୍ୱକୁ ଦୃଷ୍ଟି ଦେବ । ତ୍ରିଗୁଣ ରଜ୍ଜୁ ଫିଟିଯିବ ।
ତହୁ ଭାଳିଲ ବ୍ରହ୍ମ ଶଙ୍ଖ । ପରମାନନ୍ଦ ପୂର୍ଣ୍ଣ ବ୍ରହ୍ମ ॥
ଯେ ପ୍ରାଣୀ ସେ ଭାବ ଚହ୍ନାଇ । ସିଦ୍ଧ ପୁରୁଷ ଅଟେ ସେହି ।
ପଦ୍ମକ ବିଶ୍ୱାସଟି ସେହୁ । ସର୍ବଦା ଏହୁ ଦେହେ ଥାଇ ।
ଗୁରୁ ଯୁଗରେ ସେହୁ ଥାଇ । ଅସ୍ତ୍ରେ ବ୍ୟୟକୁ ମିଶାଇ ।
ତୁ ଏହୁ ଧର୍ମେ ରହ ବାବୁ । ଅନ୍ତେ ପାଇବୁ ଶୂନ୍ୟ ପ୍ରଭୁ ।
ଶ୍ରୀ ଗୁରୁ ଶ୍ରୀଚରଣ ଧ୍ୟାୟି । ଫକୀର ମହାନ୍ତି କହଇ ॥

GPNanda Colln., Digitized by srujanika@gmail.com

ମୁଁ ଅଟେ ନିତାନ୍ତ ଅଧମ । ସ୍ୱଦାସ୍ୟ ଦେବ ଶୂନ୍ୟବ୍ରହ୍ମ ।୪୧।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ଯୋଗସାଧନ ସିଦ୍ଧି ସଂକ୍ଷେପ ବିବରଣ
କଥନେ ନାମ ଦ୍ୱାବିଂଶ ପଟଳ

ତ୍ରୟୋବିଂଶ ପଟଳ ।

ଅଚ୍ୟୁତ ଉବାଚ

ଶ୍ରୀଗୁରୁ ଅନାଦି ଚରଣ ଧରି ।
ବିନୟ ଭାବେ ଅଚ୍ୟୁତ ପଚାରି ।୧।
ଏକୋଇଶ ପୁରେ ଯେ ହୋନ୍ତି ଜନ୍ମ ।
କାଳ ଭବଲେ ଲଭନ୍ତି ମରଣ ।୨।
ହର ବ୍ରହ୍ମା ବିଷ୍ଣୁ ହୁଅନ୍ତି ଲୟ ।
ସୁରାସୁର ନରେ ହୋଇଲେ କ୍ଷୟ । ୩ ।
କାରୁଣ୍ୟ ଜଳେ ସର୍ବେ ନାଶଗଲେ ।
ପଞ୍ଚଭୂତେ ପୁଣି କାହୁଁ ରହିଲେ । ୪ ।
ପ୍ରଳୟ ଅଦ୍ୟେ କିଏ ଗଲା ନାଶ ।
ହେ ପ୍ରଭୁ ତାହା କରନ୍ତୁ ପ୍ରକାଶ । ୫ ।

ନିରାକାର ଉବାଚ ।

ଭକ୍ତ ବଚନ ଶୁଣି ନିରାକାର ।
ବୋଲନ୍ତି ସୁମନେ ଶୁଣ କୁମର । ୬ ।
ଅଦ୍ୟ ପ୍ରଳୟେ ସୃଷ୍ଟି ନାଶଗଲା ।
କାରୁଣ୍ୟ ଜଳ ସ୍ୱର୍ଗକୁ ଉଠିଲା । ୭ ।
ତେତିଶକୋଟି ବୃନ୍ଦାରକ ଗଣ ।
ପ୍ରଳୟ ଜଳେ ଲଭିଲେ ମରଣ ।

GPNanda Colln., Digitized by srujanika@gmail.com

ଦିଗପାଳ ସହଦେବ ସୁରେଶ ।
ସେ ବାରୁଣ୍ୟ ଜଳେ ଗଲେ ବିନାଶ ।୯।
ହରିହର ବ୍ରହ୍ମା ଲୟ ହୋଇଲେ ।
କେବଳ ପଞ୍ଚଭୂତେ ରହିଥିଲେ ।୧୦।

ଉତ୍ପାତ ହୋଇ ହେଲା ଅନ୍ଧକାର ।
ତହୁଁ ପଞ୍ଚଭୂତେ କଲେ ବିଚାର ।୧୧।
ଜୀବନ୍ତ ଅଜ କେହି ନାହିଁ ଏଥେ ।
ପ୍ରଳୟରେ ନାଶ ଗଲେ ସମସ୍ତେ ।୧୨।

ତହୁଁ ପୃଥ୍ୱୀ ବୋଲେ ମୁଁ ହେବି ରାଜା ।
ତୁମ୍ଭେ ଚାରିହେଁ ମୋତେ କର ପୂଜା ।୧୩।
ଅପ ତେଜ ବାୟୁ ଏମନ୍ତ ଶୁଣି ।
ଗୋଳ କରନ୍ତି କ୍ଷିତି ସଙ୍ଗେ ପୁଣି ।୧୪।

ଅଗ୍ନି ବୋଲେ ତୁ ଯେ କଲେ ପାଳଣ ।
ମୁହୂର୍ତ୍ତେକେ କରି ଦେବି ଦହନ ।୧୫।
ଏମନ୍ତ ଶ୍ରବଣେ ବୋଲେ ପବନ ।
ଦୁହିଁଙ୍କି ଉଡ଼ାଇ ଦେବି ବହନ ।୧୬।

ପଡ଼ ମରିବ କେଉଁଠାରେ ଯାଇଁ ।
ପୃଥ୍ୱୀ ଅଗ୍ନି ନାମ ରହିବ ନାହିଁ ।୧୭।
ଅଣଗୁଣ ରୂପ କଲେ ଧାରଣ ।
ତୁମ୍ଭ ଦୁହିଁଙ୍କର ଭାଙ୍ଗିବ ଠାଣ ।୧୮।

ଏ ତିନିଙ୍କ କଥା ଶୁଣନ୍ତେ ଜଳ ।
ବୋଲେ ତୁମ୍ଭର ପ୍ରସରବ କାଳ ।୧୯।
ପ୍ରଳୟ ଜଳେ ବୁଡ଼ାଇ ମାରିବି ।
ତୁମ୍ଭ ତିନିଙ୍କ ନାମ ନ ରଖିବି ।୨୦।

GPNanda Colln., Digitized by srujanika@gmail.com

ଏ ଗୁରୁଙ୍କ କଥା ଅକାଶ ଶୁଣି ।
କ୍ରୋଧଭରେ ତାଙ୍କୁ ବଚନ ଭଣି ।
ତୁମ୍ଭେ ପୃଥ୍ୱୀ ଅପ ତେଜ ପବନ ।
ମନକୁ ବଡ଼ ଦୁଃଖ ଅବାରଣ ।୨୨।

ବୃଥାକୁ ଗୁରୁହେଁ ଲଗାଅ ଗୋଳ ।
ପ୍ରତକ୍ଷ କରଣ ଦେଖାଅ ବଳ ।୨୩।
ଗୁରୁଙ୍କ ଯୋଗୁଁ ସର୍ବନାଶ ଯାଏ ।
ତୁମ୍ଭ ମନେ ଦୟା ତିଳେ ନ ଥାଏ ।୨୪।

ଅଜ୍ଞାନୀ ପଣେ ମନେ କର ଗର୍ବ ।
ଆଜ ଗୁରୁଙ୍କ ଗର୍ବ ହେବ ଖର୍ବ ।୨୫।
ଶୁଣି ଜଳ ବୋଲେ ଏତେ ସାହାସ ।
ମୋ ଅଗେ ପ୍ରତିମା କରୁ ଅକାଶ ।୨୬।
ଯେବେ ମୁଁ ମହା ପ୍ରଳୟ ହୋଇବି ।
ମହାର୍ଣ୍ଣବ ଜଳେ ବୁଡ଼ାଇ ଦେବି ।୨୭।
ବୃଥାକୁ କାହିଁକ ଦେଖାଉ ଅଣ୍ଟ ।
ମାଉ ବସିଲେ ତୋ ସରବ ନଷ୍ଟ ।୨୮।

ଅକାଶ ଲେପେ ମୋ ତଳରେ ଥାଉ ।
ପାଷାଣ୍ଡଙ୍କ ପ୍ରାୟେ ବଚନ କହୁ ।୨୯।
ଜଳ କହେ ଦେଖ ସମୁଦ୍ର ଅଣି ।
ତନୁପୁରେ ମାଡ଼ିଯିବ ଏଷଣି ।୩୦।

ଜଳ କଥା ଶୁଣି ବୋଲେ ଅକାଶ ।
ମୋ ଅଗେ କାହିଁକି କରୁ ସାହାସ ।୩୧।
ତୁ ବୋଇଲୁ ସପ୍ତ ସିନ୍ଧୁକୁ ଅଣି ।
ମୋତେ ବୁଡ଼ାଇ ଦେବୁ ଏହୁଷଣି ।୩୨।

GPNanda Colln., Digitized by srujanika@gmail.com

ଅକଳଣା ଅଟେ ମୋର ଶରୀର ।
ମୋତେ ଛୁଇଁବାକୁ କ୍ଷମତା କାର । ୩୩ ।
ଭବ ବହୁ ମୋର ଭେଟ ନ ପାନ୍ତି ।
ଶୂନ୍ୟ ଶବଦ ଅନୁସର ଥାନ୍ତି । ୩୪ ।
ଅକାଶ ବଚନେ ପାଞ୍ଚଭ ଜଳ ।
ପ୍ରକୃତ ବହିଲ ଶୂନ୍ୟ ମଣ୍ଡଳ । ୩୫ ।
ପୃଥ୍ୱୀ ଅଗ୍ନି ବାୟୁ କ୍ଷୟ ହୁଅନ୍ତି ।
ପ୍ରଳୟେ ଅମ୍ଭେ ରହୁ ଜେକ ମୂର୍ତ୍ତି । ୩୬ ।
ବ୍ରହ୍ମ ପ୍ରଳୟେ ଜଳହିଁ ନ ଥାଇ ।
ଅକାଶ କଲ୍ପେ କଲ୍ପେ ରହୁଥାଇ । ୩୭ ।
ଶୂନ୍ୟକୁ ମାଜଣି ଜଳ ରହିଲା ।
ଶୁଣି ପୃଥିବୀ କମ୍ପମାନ ହେଲା । ୩୮ ।
ଜଳ ଶୂନ୍ୟ ବାକ୍ୟ ନ ପାର ସହି ।
ମନକୁ ନପତ୍ତ ହୋଇଲା ସେହି । ୩୯ ।
ଦେଖି ଅଗ୍ନି ବାଣ ଜେଜ ଯୋଡିଲା ।
ଅଣଞାଣ ରୂପ ଧର ବହିଲା । ୪୦ ।
ତହୁଁ ଜଳ ସମସ୍ତଙ୍କୁ ଭୁଡ଼ାନ୍ତେ ।
ଶୂନ୍ୟକୁ ମାଜି ରହିଲେ ସମସ୍ତେ । ୪୧ ।
ଶୂନ୍ୟ ଅକାଶ ମହାଶୂନ୍ୟ ଜାତ ।
ଶୂନ୍ୟରୁ ସର୍ବେ ହୁଅନ୍ତି ସମୁତ । ୪୨ ।
ଶୂନ୍ୟରେ ସମସ୍ତେ ହୁଅନ୍ତି ଲୀନ ।
ଶୂନ୍ୟ ବ୍ରହ୍ମା ବସ୍ତୁ ହେଲେ ଉତ୍ପନ୍ନ । ୪୩ ।
ଶୂନ୍ୟବ୍ରହ୍ମକୁ ଯେବେ କରୁ ଧ୍ୟାନ ।
ସେ ଶୂନ୍ୟପ୍ରଭୁ ଦେବେ ଦିବ୍ୟ ଜ୍ଞାନ । ୪୪ ।

GPNanda Colln., Digitized by srujanika@gmail.com

ବୋଲେ ଫକୀର ଧ୍ୟାୟି ଶୂନ୍ୟ ପ୍ରଭୁ ।
ତୁମ୍ଭେ ମୋ ଇଷ୍ଟ ପିତା ମାତା ସବୁ । ୪୫ ।
ଚର ଚରାଚର ତୁମ୍ଭେ ସମସ୍ତ ।
ତବ ଶ୍ରୀଚରଣେ ରହୁ ମୋ ଚିତ୍ତ । ୪୬ ।
ତବ ସତ୍ୟ ନାମେ ମୋ ହେତୁ ରହୁ ।
ଅନ୍ତମେ ନାମ ମୋ ସ୍ମରଣ ହେଉ । ୪୭ ।
ଶ୍ରୀଗୁରୁ ଅଲେଖ ମହିମା ପଦ ।
ଧ୍ୟାୟି ଶରଣ ଗଲା ଏ ଅବୋଧ । ୪୮ ।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିରାକାର ଅଚ୍ୟୁତ
ସମ୍ବାଦେ ପଞ୍ଚଭୂତ ବିବାଦ ବର୍ଣ୍ଣନ କଥନେ
ନାମ ତ୍ରୟୋବିଂଶ ପଟଳ ।

ଚତୁର୍ବିଂଶ ପଟଳ

ଅଚ୍ୟୁତ ଉବାଚ ।

ଅଚ୍ୟୁତାନନ୍ଦ ଭାବ ଭୋଳେ । ପଡ଼ିଣ ଗୁରୁ ପାଦତଳେ ॥
ପୁଚ୍ଛିଲି ଅହେ ନିରଞ୍ଜନ । ସଂଶୟ କର ମୋ ଛେଦନ ।
ପଞ୍ଚ ତତ୍ତ୍ୱର ଭେଦ ଯେତେ । ବୁଝାଇ କହିବାକ ମୋତେ ॥
ମୋ ଦେହେଁ ହସ୍ତ ମାରି କହ । ହେ ଦେବ ଦେବ ଦୟାମୟ ।

ନିରାକାର ଉବାଚ ।

ଅଚ୍ୟୁତ ବାକ୍ୟେ ନିରାକାର । ବୋଲନ୍ତି ଶୁଣ ତତ୍ତ୍ୱସାର ॥
ଯେ ପୂର୍ଣ୍ଣ ପରବ୍ରହ୍ମ ତୁହି । ସମସ୍ତ ତୋତେ ଦେବା କହି
ଏ ଦେହ ପୃଥ୍ୱୀ ଅଟଇ । ଅପ ବୋଲନ୍ତେ ଜଳ କହି
ବୈଶ୍ୱାନର ଯେ ତେଜ କହି । ବାୟୁ ଯେ ନାସାରେ ବସଇ
ଜାହ୍ନବୀ ଭୂଅର ଅକାଶ । ଶୁଣ ଅଚ୍ୟୁତ ଦିବ୍ୟ ରସ ॥

GPNanda Colln., Digitized by srujanika@gmail.com

ଇନ୍ଦ୍ର, ଦୁଅର ପୃଥ୍ୱୀ ସ୍ଥାନ । ପୂର୍ଣ୍ଣ ସ୍ଥାନ ଯେ ନୟନ ।୧୦
ତେଜର ସ୍ଥାନ ଚକ୍ଷୁ ଦ୍ୱାର । ନାଭି ଯେ ପବନର ଘର ୦।
ଦକ୍ଷିଣ ନାସା ରବି ଜ୍ୟୋତି । ବାମ ନାସା ଯେ ଚନ୍ଦ୍ରକାନ୍ତି
ବେନି ନେତ୍ରକ ତାଙ୍କ କନ୍ଧ । ଧ୍ରୁବ ଚକ୍ର ଯେ ସେ ବୋଲଇ
ସୁଧର୍ମୀ ସଙ୍ଗ ଶ୍ରବଣରେ । ଉମୀଙ୍କ ସଙ୍ଗ ଲଲାଟରେ ।
ବାସ୍ତବ ନାଡୀ ଏ ପଗରେ । ଉତ୍କଟ ଅଷ୍ଟାଙ୍ଗ ସ୍ୱଭାବେ ।।
ବେନି ନୟନ ମଧ୍ୟେ ସ୍ଥାନ । ତ୍ରିକୂଟ ନାମ ବୋଲି ଜାଣ ।।
ଦନ୍ତ ସନ୍ଧରେ ସୁଷୁମ୍ନା । ଗୁପ୍ତ ଧାରଟି ସେହୁ ସନା ।
ମୃଣାଳ ନାସିକା ପବନ । କପୋଳ ବଙ୍କନାଳ ଜାଣ ।
ଭାଳ ଯେ ନୟନେ ବସଇ । ସ୍ୱପନ ଦେଖେ ତେଣୁ ସେହୁ
ମନର ଘର ଶୂନ୍ୟ ପୁରେ । ଜ୍ଞାନ ଯେ ଥାଇ ନେତ୍ରଦ୍ୱାରେ
ନାସାଗ୍ରେ ଚନ୍ଦ୍ରଥାଇ ଧ୍ୟାନ । ତାଳୁ ଅଟଇ ତତ୍ତ୍ୱ ସ୍ଥାନ ।
ଇନ୍ଦ୍ରେ ବସଇ ଚେତନ । କଣ୍ଠ ତଳରେ ଥାଇ ଶୂନ୍ୟ ।।
ତ୍ରିକୂଟ ଅଟେ ହେତୁ ସ୍ଥାନ । ତଥି ଉପରେ ସତଗୁଣ ।
ନାଦଟି ବସଇ ନାଭିରେ । ବିନ୍ଦୁ ଯେ ନାସିକା ଅଗ୍ରରେ ।
ନାମର ଧ୍ୱନି ଚକ୍ଷୁ ସ୍ଥାନ । ତଥି ଉପରେ ଜ୍ୟୋତିବନ୍ଧ ।।
ଜ୍ୟୋତି ସମ୍ଭାଳି ତାଳୁଦ୍ୱାରେ । ନିଶବଦଟି ସେହୁଠାରେ ।।୦
ସ୍ୱପନ ବସଇ କଣ୍ଠର । ତାଳୁକା ଅଟେ ଚନ୍ଦ୍ର ଘର ।
ସୂର୍ଯ୍ୟଙ୍କ ସଙ୍ଗ ହୃଦୟରେ । ଋଷିଙ୍କ ସଙ୍ଗ ଯେ କଣ୍ଠରେ ।।
ବିଧାତା ସଙ୍ଗ ଯେ ନାଭିରେ । ଇନ୍ଦ୍ରଙ୍କ ସଙ୍ଗ ଇନ୍ଦ୍ରିୟରେ ।
ବିଷ୍ଣୁଙ୍କ ସଙ୍ଗ ନେତ୍ରେ ତୋର । ଏ ଦଶଦ୍ୱାର ଦଶ ଦ୍ୱାର ।୩୦
ଚଉଦ ବ୍ରହ୍ମାଣ୍ଡ କହିବା । ଶୋ ମନୁ ସଂଶୟ ଦହିବା
ବ୍ରହ୍ମାଣ୍ଡ ଖଣ୍ଡ ତାଳୁ ଜହ୍ନ । ବେନି ବ୍ରହ୍ମାଣ୍ଡ କର୍ଣ୍ଣହୋଇ
ବେନି ବ୍ରହ୍ମାଣ୍ଡ ଚକ୍ଷୁବେନି । ବେନି ବ୍ରହ୍ମାଣ୍ଡ ନାସା ପୁଣି
ବେନି ବ୍ରହ୍ମାଣ୍ଡ ଅଟେ ମୁଖ । କଣ୍ଠରେ ବ୍ରହ୍ମାଣ୍ଡ ଯେ ଏକ

GPNanda Colln., Digitized by srujanika@gmail.com

ହୃଦୟ ନାଭି ଅଟେ ଦୁଇ । ଇନ୍ଦ୍ର ଗୁହ୍ୟ ଯେ ବେନି ହୋଇ
ହୋଇଲ ଜେଦ ବ୍ରହ୍ମାଣ୍ଡ । ଶୁଣ ତୁ ପୃଥ୍ୱୀ ନବଖଣ୍ଡ ॥
ପ୍ରଥମ ଖଣ୍ଡ ପୃଥ୍ୱୀ ଯେହୁ । ଏ ତୋର ଜାନୁକାଟି ସେହୁ
ଦ୍ୱିତୀୟ ଖଣ୍ଡ ଅଟେ କର୍ଣ୍ଣ । ତୃତୀୟ ଖଣ୍ଡ ତୋ ନୟନ ॥
ଚତୁର୍ଥ ନାସିକା ଯେ ଜାଣ । ପଞ୍ଚମ ବଦନ ପ୍ରମାଣ ॥
ଷଷ୍ଠ ସପ୍ତମ କଣ୍ଠ ହୃଦ । ଅଷ୍ଟମ ଖଣ୍ଡ ନାଭି ପଦ୍ମ ।
ନବମ ଇନ୍ଦ୍ରିୟ ଅଟଇ । ଏମନ୍ତ ନବଖଣ୍ଡ ମହୀ ।
ସପତ ଦ୍ୱୀପ କଥା ଶୁଣ । ସପତ ସମୁଦ୍ର ପ୍ରମାଣ ॥
ତାହୁକା କୁଶ ଦ୍ୱୀପ ତୋର । ତା ମଧ୍ୟେ କ୍ଷୀର ଯେ ସାଗର
ସେହୁ ସମୁଦ୍ର ନିରଞ୍ଜନ । କରନ୍ତି ଅନନ୍ତ ଶୟନ ।
ଜମ୍ବୁଦ୍ୱୀପ ଯେ ତୋ ନାଭିଟି । ମଧ୍ୟେ ଲବଣ ସମୁଦ୍ରଟି ।
ପଲ୍ଲବ ଦ୍ୱୀପ ଅଟେ ହୃଦ । ତା ମଧ୍ୟେ ଇକ୍ଷୁ ଯେ ସମୁଦ୍ର ।
ରମ୍ୟକ ଦ୍ୱୀପ କଣ୍ଠ ହୋଇ । ତା ମଧ୍ୟେ ସୁରସିନ୍ଧୁ ଥାଇ ।
କାଞ୍ଚନ ଦ୍ୱୀପ ତୋ ବଦନ । ଶ୍ୱେତ ଦ୍ୱୀପ ଯେ ତୋର କର୍ଣ୍ଣ
ପ୍ଲକ୍ଷ ଦ୍ୱୀପ ଯେ ନାସା ହେଲ । ସପତ ଦ୍ୱୀପ ବୋଲବଲ ।
କାଳ ଯେ ବସଇ ନୟନେ । ପାଣିଙ୍କି ନାଶଇ ଅଷ୍ଟନେ ।୫୦
ତାହୁକା ସନ୍ଧ କଥା ଶୁଣ । ସେ ଜୀବ ଦାତାଙ୍କ ଅସନ ।
ଭ୍ରୂଲତା ତୋର ଯେ ଅଟଇ । ଅର୍ଦ୍ଧମାତ୍ରା ଯେ ତହିଁ ଥାଇ ॥
ତ୍ରିକୂଟ ପର୍ବତ ଓଁକାର । ତହିଁକି ତୁହି ଲୟ କର ॥
ଶରୀର ଗଲେ ପ୍ରାଣ ଯାଇ । ଏ ଅସ୍ମା ମହାଶୂନ୍ୟେ ଥାଇ
ତାହୁକା ଅଟେ ମହାଶୂନ୍ୟ । ତତ୍ତ୍ୱ ଶୂନ୍ୟଟି ତୋ ନୟନ
ନାସିକା ତୋର ପ୍ରେମ ଶୂନ୍ୟ । ଧ୍ୟାନ ଶୂନ୍ୟ ଯେ ଅଟେ କର୍ଣ୍ଣ
ଜ୍ଞାନଶୂନ୍ୟ ତୋ ମୁଖ ଜାଣ । ଏ ପଞ୍ଚ ଶୂନ୍ୟ ଯେ ପ୍ରମାଣ
ପଞ୍ଚଶୂନ୍ୟ ଯେ ପଞ୍ଚ ତତ୍ତ୍ୱ । ପଞ୍ଚାଙ୍ଗ ଶୁଣିଲୁ ଅଚ୍ୟୁତ ।
ଏପରି କହୁଁ ନିରାକାର । ମିଳିଲେ ଲକ୍ଷ୍ମୀ ଖଗେଶ୍ୱର ।

GPNanda Colln., Digitized by srujanika@gmail.com

ପ୍ରଣାମ କରଣ ପ୍ରଭୁଙ୍କୁ । ଜ୍ଞାନ ଯେ ପଚାରିଲେ ତାଙ୍କୁ ।
ଯାହା କହିଲ ଅଚ୍ୟୁତଙ୍କୁ । ସେ ଜ୍ଞାନ ବୁଝାଅ ଅମ୍ଭଙ୍କୁ ॥
ହୃଦୁ କଳୁଷ ହେବ ଦୂର । ଯେ ବ୍ରହ୍ମତତ୍ତ୍ୱ ଜ୍ଞାନ ସାର ।
ତାହା ଶୁଣିଲେ ଶ୍ରୁତି ମଥେ । ମୁକତ ଲଭିବୁ ସନ୍ତତେ ।
ହେ ପ୍ରଭୁ ଅବିନାଶୀ ବ୍ରହ୍ମ । ଅଶ୍ବଦ୍ଧେ ପୂର୍ଣ୍ଣକର କାମ ॥
ଭକ୍ତ ବତ୍ସଳ ଭଗବାନ । ହେ ପ୍ରଭୁ ଜଗତ ଜୀବନ ।
କରୁଣା ବନ୍ଧୁ କୃପାନିଧି । ତାରିବ ଏ ଘୋର ଜଳଧି ।
ଭକ୍ତ ବଚନ ଶୁଣି କର୍ଣ୍ଣେ । କହନ୍ତି ପ୍ରଭୁ ତୋଷମନେ ।
ତୁମ୍ଭର ଶ୍ରଦ୍ଧା ହେଲା ଯେବେ । ବୁଝାଇ କହିବାଟି ତେବେ ।
ଷଠଣ ଠାରୁ ଛୟାଳିଶ । ପର୍ଯ୍ୟନ୍ତେ କହିବା ଅବଶ୍ୟ ।
ମନରୁ ତୁଟିବ ସଂଶୟ । କାଳକୁ ନ ରହିବ ଭୟ ।୭୦।
ପଠଳ ଦ୍ୱିତୀୟ ଖଣ୍ଡରେ । ବୁଝାଇ କହିବା ତୁମ୍ଭରେ ।
ସଂସାରେ ଯେତେ ସାଧୁସନ୍ଥ । ନିଷ୍କାମ ମାର୍ଗେ ଯେ ଶାନ୍ତ ।
ମନ ମଜାଇ ନିରନ୍ତର । ଭଜନ୍ତି ବ୍ରହ୍ମ ନିରାକାର ।
କାଳ କାମ ଯେ ଭୟ କର । ନ ପାଏ ପାଶକୁ ତାଙ୍କର ।
ସେ ଧର୍ମଜ୍ଞାନ-ବିଧିମତେ । ବୁଝାଇ କହିବା ତୁରିତେ ।
ମନକୁ ଥୟ କରି ବସ । ଯେବେ ଶୁଣିବ ବ୍ରହ୍ମରସ ॥
ପାଇଲେ ଅସ୍ବାଦନ କରି । ହେଲେ ତରିବ ମୋହ ବାରି ।
ପ୍ରଭୁଙ୍କଠାରୁ ଏ ବଚନ । ଶୁଣି ସନ୍ତୋଷ ଦେବୀଜନ ।
ଲକ୍ଷ୍ମୀ ଗରୁଡ ପାଦେ ପଡ଼ି । ଅଚ୍ୟୁତ ଦେନି କରଯୋଡ଼ି ।
ବିନୟେ ସ୍ତୁତି କରାଇଲେ । ବହୁତ କାର୍ପଣ୍ୟ ହୋଇଲେ ।
କହଇ ଫକୀର ଅଧମ । ନାହି କରିବେ ଶୂନ୍ୟବ୍ରହ୍ମ ।
ହେ ଶୂନ୍ୟବାସୀ ଶୂନ୍ୟବ୍ରହ୍ମ । କେହି ନ ଜାଣେ ତୁମ୍ଭ ମର୍ମ ।
ତୁମ୍ଭ ଚରଣେ ରହୁ ମନ । ଏ ଦୀନେ ହୁଅନ୍ତୁ ପ୍ରସନ୍ନ ॥
ମୁଁ ମୂଢ଼ ନ ଜାଣଇ କିଛି । ତୁମ୍ଭଙ୍କୁ ଧ୍ୟାୟିଣ ଲେଖୁଛି ।

GPNanda Colln., Digitized by srujanika@gmail.com

ତୁମ୍ଭର କୋମଳ ଚରଣ । ଅନୁସରଣ ଏ ଅଜ୍ଞାନ ॥
ଚଉଶ ପଟଳ ଯେ ପୂର୍ଣ୍ଣ । ହୋଇଲା ବ୍ରହ୍ମ ସନାତନ ।
ମୂଢ଼ର ନ ଧରିବ ଦୋଷ । ମୁଁ ତୁମ୍ଭ ଦାସଙ୍କର ଦାସ ।୨୯।

ଇତି ଶ୍ରୀ ଛୟାଳିଶ ପଟଳ ମହାଗ୍ରନ୍ଥେ ନିର୍ବାଣ ଅଚ୍ୟୁତ ସମ୍ବାଦେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଓ ନବଖଣ୍ଡ ମେଦିନୀ ପିଣ୍ଡ ବ୍ରହ୍ମାଣ୍ଡାଦି ନିରୂପଣ କଥନେ ନାମ ଚତୁର୍ବିଂଶ ପଟଳ ।

(ଛୟାଳିଶ ପଟଳ ପ୍ରଥମ ଖଣ୍ଡ ସମାପ୍ତ)

ଅକାଶଂ ପତିତଂ ତୋୟଂ ଯଥା ଗଚ୍ଛତି ସାଗରେ ।
ସର୍ବଦେବ ନମସ୍କୃତ୍ୟଂ କେଶବଂ ପ୍ରତି ଗଚ୍ଛତି ।

ସ ମା ପ୍ତ ।

ମୁଦ୍ରାକର ଶ୍ରୀ ଶିବପ୍ରସନ୍ନ ଦାସଗୁପ୍ତ, ଓରିଏଣ୍ଟ ପ୍ରେସ, କଟକ, ୧୯୪୨

GPNanda Colln., Digitized by srujanika@gmail.com

ବିଜ୍ଞାପନ ।

ନୂଆବହି ! ନୂଆବହି ! !

ନିମ୍ନଲିଖିତ ପୁସ୍ତକମାନ ଓ ଅନ୍ୟାନ୍ୟ ପୁସ୍ତକ ତଳଲିଖିତ ଠିକଣାରେ ବିକ୍ରୟ ନିମିତ୍ତ ରହିଛି ଅଛି । ସ୍କୁଲ ଓ ଲାଇବ୍ରେରୀ ଉତ୍କଣ୍ଟ ଦୋକାନିମାନଙ୍କୁ ଉଚିତ କମିଶନ ଦିଆଯାଏ ।

ନୂତନ ଉପନ୍ୟାସ—

ଯୋଗିନୀ ଟ, ୦ ୳
ଅଦେଖା ହାତ ଟ ୧ ୳୵
ଦୁନିଆର ଦାଉ ଟ ୧ ।୵
ଗୋବର ଗୋଟେଇ ଟ ୦ ୳
ପାପର ସମାଧି ଟ ୦ ୳
ହାତ କଡ଼ି ଟ ୦ ୳

ଉବଚନ୍ଦ୍ର—
କାଳିଚରଣ ପଟ୍ଟନାୟକଙ୍କର
ନାଟକାବଳୀ

ଅଭିଯାନ ଟ ୧ ।
ଜୟଦେବ ଟ ୧ ।
ଭାତ ଟ ୧ ।
ପରିବର୍ତ୍ତନ ଟ ୧ ।
ବେକାର ଟ ୧ ।
ରକ୍ତମାଟି ଟ ୧ ।

ଲେଖକ-ଶ୍ରୀ ରଘୁନାଥ ପଣ୍ଡାଙ୍କର
ନୂତନ ନାଟକାବଳୀ

ରଘୁ ଡକାଏତ ଟ ୧ ୳
ନିମାଇଁ ସନ୍ୟାସ ଟ୧୧ } ଯନ୍ତ୍ରସ୍ଥ
ବାଲୁକା ଟ୧୧

ଅନ୍ୟାନ୍ୟ ଗ୍ରନ୍ଥ

ବୈଦେହୀଶବିଳାସ ସେ୧ ଟ୨୳
ଅମରକୋଷ ବଡ଼ାଇ ଟ ୨ ।
„ ଅବଛା ଟ ୨ ୧
ପ୍ର: ବୈଦ୍ୟଚନ୍ଦ୍ର ଟ ୧ ୧
ରଚକାବ୍ୟବିନ୍ଦୋଦୟ ଟ ୧ ୳
ଶୁକବିଳାସ ଟ ୧

ଗଳ୍ପ ପୁସ୍ତକ

ବତିଶ ସିଂହାସନ କଥା ଟ ୧ ।
ବୁଢ଼ୀମା କାହାଣୀ ଟ ୧ ।
ହାତେମତାଇର ଗଳ୍ପ ଟ ୦ ୳

(ଏହା ଛଡ଼ା ଅନ୍ୟାନ୍ୟ ସମସ୍ତ ପ୍ରକାର ପୁସ୍ତକ ମଧ୍ୟ ମିଳେ)

ପ୍ରାପ୍ତି ସ୍ଥାନ—ନାରାୟଣ ପୁସ୍ତକାଳୟ, ପ୍ରୋ: ଶ୍ରୀ ନାରାୟଣଚନ୍ଦ୍ର ଦାସ
ହଂସନାବାଦ, ଗୁଦଳୀଚୌକ, କଟକ ।

GPNanda Colln., Digitized by srujanika@gmail.com